READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

୭ମ ସ୍ୱନକ୍ଷତ୍ର ସଂଖ୍ୟା

ବର୍ଷ-୭ ସଂଖ୍ୟା-୧ ୧୬ - ୨୨ ଜାନୁଆରୀ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-1 16th - 22nd JANUARY, 2023 BHUBANESWAR ₹ 5/- (8 Pages)

## ସମସ୍ୟା ମଧ୍ୟରେ ଆଗକୁ ବଢ଼ିବାକୁ ହେବ



ମଣିଷ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ କିଛି ନା କିଛି ଘଟଣା ବା ଦୁର୍ଘଟଣାର ସମ୍ମୁଖୀନ ହୁଏ। ମହାମାରୀ କରୋନା କାଳର ଅନୁଭୂତି ବିଶ୍ୱବାସୀ ଅନୁଭବ କରିସାରିଛନ୍ତି। ଏବେ ପୁଣି କରୋନାର ଭୟାବହତା ଆରମ୍ଭ ହୋଇଗଲାଣି। ଅନ୍ୟପଟେ ଦେଶ-ଦେଶ ମଧ୍ୟରେ ଘମାଘୋଟ ଲଢ଼େଇ ପାଇଁ ପ୍ରସ୍ତୁତି ଚାଲିଛି। ଋଷ-ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ଧରୁନାହିଁ। ଚୀନ୍ ଓ ପାକିସ୍ତାନ ପଟୁ ଭାରତ ପ୍ରତି ବିପଦ ଥିଲା ବେଳେ ଭାରତ ମଧ୍ୟ ନିଜର ପରାକ୍ରମ ବୃଦ୍ଧି କରିଚାଲିଛି। ସୀମାରେ ସୈନ୍ୟ ଠୁଳ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ମୁତୟନ ହେଉଛି। ଭାରତର ମିତ୍ର ରାଷ୍ଟ୍ରମାନେ ସହଯୋଗର ହାତ ବଢ଼ାଇ ଚାଲିଛନ୍ତି। ଅନ୍ୟପକ୍ଷେ ପାକିସ୍ତାନରେ ଖାଦ୍ୟ ପାଇଁ ହାହାକାର ସୃଷ୍ଟି ହୋଇଛି। ଖାଦ୍ୟାଭାବ ସହିତ ବିଜୁଳି ସଙ୍କଟ ଓ ତାଲିବାନ ପଟୁ ପାକିସ୍ତାନ ଉପରେ ବିପଦ ବଢ଼ିଛି। ପାକିସ୍ତାନ ଉପରକୁ ଯେତେ ଫୁଟାଣି କରୁଥିଲେ ମଧ୍ୟ ଭିତରେ ଭିତରେ ଧ୍ୱଂସ ଆଡକୁ ଗତି କରୁଛି। ପିଓକେ ଅଧିବାସୀମାନେ ପାକିସ୍ତାନ ବିରୁଦ୍ଧରେ ସ୍ୱରକୁ ତୀବ୍ର କରିଛନ୍ତି। ଏଭଳି ପରିସ୍ଥିତିରେ ପାକିସ୍ତାନ ଯେ, ଭାରତ ସହ ଯୁଦ୍ଧ କରିପାରିବ ଏହା ଆଦୌ ବିଶ୍ୱାସ ହେଉନାହିଁ। କରୋନା ଆରମ୍ଭ ପରେ ସମଗ୍ର ବିଶ୍ୱରେ ଭିନ୍ନ ଭିନ୍ନ ସମସ୍ୟା ମୁଣ୍ଡ ଟେକିଛି। ଚୀନ୍‌ରେ କରୋନା ସଂକ୍ରମଣ ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ, ମୃତ କରୋନା ରୋଗୀଙ୍କ ଶବଦାହ ପାଇଁ ଜାଗାର ଅଭାବ। କିନ୍ତୁ ଚୀନ୍‌ର ବିସ୍ତାରବାଦ ନୀତି ଯୋଗୁ ସିଏ ଅନ୍ୟଦେଶ ନିକଟରେ ନିନ୍ଦିତ ହେଉଥିଲେ ବି ନିଜର ଚତୁରପଣ ଛାଡିପାରୁନାହିଁ। ଏହାରି ମଧ୍ୟରେ ସତରେ ଚାହୁଁ ଚାହୁଁ 'ଏକମାତ୍ର' ଛ' ବର୍ଷ ଅତିକ୍ରମ କରି ସପ୍ତମ ବର୍ଷରେ ପାଦଦେଲା ଭାବିଲେ ଖୁସି ଲାଗୁଛି ଏବଂ ଆଶ୍ଚର୍ଯ୍ୟ ମଧ୍ୟ ଲାଗୁଛି। ଖୁସି ଏଇଥିପାଇଁ ଯେ, ବିନା ସମସ୍ୟାରେ ଗୋଟିଏ ସାପ୍ତାହିକ ଖବର କାଗଜ ନିୟମିତ ପ୍ରକାଶ ପାଇବା ଓ ଆଶ୍ଚର୍ଯ୍ୟ ଏଇଥିପାଇଁ ଯେ, ମାନବ ସମ୍ବଳ ଅଧିକ ନଥାଇ କାଗଜ ଛପା ହୋଇ ରାଜ୍ୟର ସମସ୍ତ ଜିଲ୍ଲାରେ ପହଁଚିବା କଣ ଏତେ ସହଜ! ନା, କିଛି ବି ସହଜ ନୁହେଁ। କାରଣ ପ୍ରକାଶନ ଖର୍ଚ୍ଚ ହୁ ହୁ ହୋଇ ବଢୁଛି। କାଗଜ ଠାରୁ ମୁଦ୍ରଣ ପର୍ଯ୍ୟନ୍ତ ଧୀରେ ଧୀରେ ବ୍ୟୟ ବହୁଳ ହୋଇପଡୁଛି। ଏଥିରେ ପୁଣି ରାଜ୍ୟ ସରକାରଙ୍କ ଖାତାରେ 'ଏକମାତ୍ର' ନାଁ ନଥିବାରୁ କୌଣସି ବିଜ୍ଞାପନ ମଧ୍ୟ ମିଳେନାହିଁ। ତେଣୁ ବିନା ବିଜ୍ଞାପନରେ ଖଣ୍ଡେ ଖବର କାଗଜ ପ୍ରକାଶନ ଜାରି ରଖିବା ଆଦୌ ସହଜ ନୁହେଁ। କେବଳ କିଛି ହିତାକାଂକ୍ଷୀଙ୍କ ସହଯୋଗ, ପ୍ରକାଶକଙ୍କ ଆନ୍ତରିକତା ଯୋଗୁଁ ଏହା ସମ୍ଭବ ହୋଇପାରିଥିଲେ ବି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ବିନା କରୁଣାରେ ଏହା ହୋଇପାରିନଥାନ୍ତା। ମନେପଡୁଛି, ଛ' ବର୍ଷ ତଳେ ଖଣ୍ଡଗିରି ଧର୍ମବିହାର ଅଞ୍ଚଳରେ ଏହାର ପ୍ରଥମ ସଂଖ୍ୟା ମୁଦ୍ରଣଖାନାରୁ ଆସି ଆମ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଭୁତି ବାବୁ, ପ୍ରଭୁ, ମୁଁ ଓ କୁନାଭାଇ ଖବରକାଗଜଟିକୁ ଧରି ଶ୍ରୀକ୍ଷେତ୍ର ଯାଇଥିଲୁ। ସେଠାରେ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ 'ଏକମାତ୍ର' ସମର୍ପଣ କରି ଆଶୀର୍ବାଦ ପ୍ରାପ୍ତ ହେବାର ଅନୁଭବ କରିଥିଲୁ। ସେଇ ଅନୁଭବ ହିଁ ଆଜି 'ଏକମାତ୍ର'କୁ ସପ୍ତମ ବର୍ଷରେ ପହଞ୍ଚାଇପାରିଛି। ସାମ୍ପ୍ରତିକ ସମୟରେ କ୍ଷୁଦ୍ର ଓ ମାଧ୍ୟମ ଖବରକାଗଜ ଗୁଡିକ ଭଲ ଅବସ୍ଥାରେ ନାହାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଏସବୁ କାଗଜ ପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। ଯେଉଁ ସମୟରେ 'ଏକମାତ୍ର' ନିୟମିତ ପ୍ରକାଶ ପାଉଛି, ଏହା ପଛରେ ଏହାର ପ୍ରକାଶକ ଅଧିବକ୍ତା ଲିଙ୍ଗରାଜ ଦାଶଙ୍କ ଆନ୍ତରିକତା, ଅବଦାନ ଓ ଅର୍ଥବ୍ୟୟ ହିଁ ରହିଛି। ମୋ ଠାରୁ ବୟସରେ ସାନ ହେଲେ ବି ଗୋଟେ ସାପ୍ତାହିକ ଖବରକାଗଜର ନିରନ୍ତର ପ୍ରକାଶନ ପଛରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ମୋତେ ବଳ ଦେଇଛି। ଏତେପରେ ଗୋଟେ ସାପ୍ତାହିକ ଖବରକାଗଜ ନିରପେକ୍ଷ ଭାବେ ଚଳାଇବା ବାସ୍ତବିକ ଦୂରୁହ ବ୍ୟାପାର। କାରଣ ନିରପେକ୍ଷ କହିଲେ ଯାହା ବୁଝାଏ, ତାହା ହେଉଛି ପକ୍ଷପାତିତା ନକରି ଖବର ପ୍ରକାଶ କରିବା। ହେଲେ ଏହା କେତେଦୂର ବାସ୍ତବତା ତାହା ସମସ୍ତେ ଜାଣନ୍ତି। କାରଣ କେଉଁଠି ନା କେଉଁଠି କାଗଜଟିକୁ ବଞ୍ଚାଇ ରଖିବାର ପ୍ରଶ୍ନ ଆପେ ଆପେ ମନକୁ ଆସେ। କାଗଜ ବଞ୍ଚିଲେ ତ ଖବର ପ୍ରକାଶ ପାଇବ। ତେଣୁ ସେ ଦିଗ ପ୍ରତି ଧ୍ୟାନଦେଇ ମଧ୍ୟ କାର୍ଯ୍ୟ କରିବାକୁ ପଡିଥାଏ। କର୍ପୋରେଟ ହାଉସ ଦ୍ୱାରା ପ୍ରକାଶ ପାଉଥିବା କାଗଜର ପରିଚାଳନା ଆଗରେ କ୍ଷୁଦ୍ର ଖବରକାଗଜ ଚଳାଇବା ଖୁବ କଷ୍ଟ। ତଥାପି ନିଜର ଅଧ୍ୟବସାୟ ଓ ନିଷ୍ଠା ଦ୍ୱାରା ଅଳ୍ପ ମାନବ ସମ୍ବଳ ଉପଯୋଗରେ 'ଏକମାତ୍ର' ପ୍ରକାଶ ପାଇବା ଆମ ପାଇଁ କିଛିଟା ଆତ୍ମସନ୍ତୋଷ ଦେଇଛି, ଯାହାକୁ ଆଗକୁ ବଢିବାର ପ୍ରେରଣା। ଏଥିରେ ପାଠକ ପାଠିକା, ଲେଖକ ଲେଖିକା, ସାମ୍ବାଦିକ ଓ ବିଜ୍ଞାପନଦାତାଙ୍କର ବଡ଼ ଭୂମିକା ରହିଛି। ଖବରକାଗଜ କହିଲେ ଲୋକେ ଏବେ ସେତେଟା ଆଗ୍ରହ ଦେଖାଉନାହାନ୍ତି। କାରଣ ଡିଜିଟାଲ ପ୍ଲାଟଫର୍ମ ଲୋକଙ୍କୁ ଏଭଳି ମାୟାରେ ପକାଇଛନ୍ତି ଯେ, ନିଜ ମୁହଁ ଦେଖିବାକୁ ସମସ୍ତେ ପାଗଳ। ଏସବୁ ସମସ୍ୟା ମଧ୍ୟରେ ଆମକୁ ଆଗକୁ ବଢ଼ିବାକୁ ପଡିବ ଏବଂ ଯଥା ସମ୍ଭବ ନିରପେକ୍ଷ ସାମ୍ବାଦିକତା ଦେଖାଇବାକୁ ହେବ। ଆଜିର ଶୁଭ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରଣିପାତ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରୁଛୁ।

ଆଲୋକ ମହାନ୍ତି..

## ବିଦେଶୀ ଭକ୍ତଙ୍କୁ ମିଳୁ ଚକାନୟନଙ୍କ ସହ ଆଖି ମିଳାଇବା ସୁଯୋଗ

**ପୁରୀ/ଭୁବନେଶ୍ୱର :** ବିଦେଶୀ ଭକ୍ତଙ୍କୁ ମିଳୁ ଚକାନୟନଙ୍କ ସହ ଆଖି ମିଳାଇବାର ସୁଯୋଗ। କେହି ବିଦେଶୀ ଯଦି ଶଙ୍କରାଚାର୍ଯ୍ୟ, ସେବାୟତ ଓ ଗଜପତିଙ୍କୁ ଭେଟି ପାରୁଛନ୍ତି, ତେବେ ସେମାନଙ୍କୁ ଚକାନୟନ ସହ ଆଖି ମିଳାଇବାକୁ ଅନୁମତି ଦିଆଯାଉ। ଉତ୍କଳ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏଭଳି ପ୍ରସ୍ତାବ ରଖିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍। ଏ ନେଇ ସେ ସେବାୟତ ମଣ୍ଡଳୀ, ଜଗଦଗୁରୁ ଶଙ୍କରାଚାର୍ଯ୍ୟ

### ରାଜ୍ୟପାଳଙ୍କ ନିବେଦନ

ଓ ଗଜପତି ମହାରାଜାଙ୍କୁ ନିବେଦନ କରିଥିବା ବେଳେ ରାଜ୍ୟ ସରକାରଙ୍କୁ ପଦକ୍ଷେପ ପାଇଁ ପରାମର୍ଶ ବି ଦେଇଛନ୍ତି। ସେପଟେ ରାଜ୍ୟପାଳଙ୍କ ଏ ବ୍ୟକ୍ତିଗତ ମତକୁ ନେଇ ବିଭିନ୍ନ ମହଲରେ



ଆରମ୍ଭ ହୋଇଛି ଚର୍ଚ୍ଚା। ତେବେ ପ୍ରଶ୍ନ ଉଠିଛି ଶ୍ରୀଜିଉଙ୍କ ଚକାନୟନ ସହ କେମିତି ଆଖି ମିଳାଇ ପାରିବେ ବିଦେଶୀ ଭକ୍ତ? ଶହ ଶହ ବର୍ଷ ଧରି ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ଆଦୌ ପ୍ରଚଳିତ ନଥିଲେ ବି ଏଭଳି ଏକ ପ୍ରଥା ସମ୍ପର୍କରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପ୍ରସ୍ତାବକୁ ନେଇ ଆରମ୍ଭ ହୋଇଛି ବିତର୍କ। ଏପଟେ ରାଜ୍ୟପାଳଙ୍କ ➤ ପୃ-୬

### ଓଡ଼ିଶାକୁ ଆସିଛି ୯.୫୯ ଲକ୍ଷ ଘର

## ମାସକ ସୁଦ୍ଧା ୱାର୍କ ଅର୍ଡର ଦିଅ: ଅପରାଜିତା


**ଭୁବନେଶ୍ୱର :** କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ମୋଟ ୯.୫୯ଲକ୍ଷ ଘର ଆବଣ୍ଟନ କରିଛନ୍ତି ଓ ଏହି ଘରଗୁଡ଼ିକର କାର୍ଯ୍ୟାଦେଶ ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତାମାସ ସୁଦ୍ଧା ବଣ୍ଟନ କରିବାକୁ ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ଦାବି କରିଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ସମସ୍ତଙ୍କୁ ବାସଗୃହ ଯୋଗାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮.୧୭ଲକ୍ଷ ଗୃହ ଆବଣ୍ଟନ କରିଛନ୍ତି। ଏହାସହିତ ଫନି



ବାତ୍ୟା କ୍ଷତିଗ୍ରସ୍ତଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ୧.୪୨ଲକ୍ଷ ଗୃହ ଆବଣ୍ଟନ କରିଛନ୍ତି। ଏଭଳି ମୋଟ ୯.୫୯ଲକ୍ଷ ଘର କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ➤ ପୃ-୬

## ଓଡ଼ିଶାର ବିଦ୍ୟୁତ୍, ତାମିଲନାଡୁରେ ଶସ୍ତା

**ଭୁବନେଶ୍ୱର :** ଓଡ଼ିଶାର ଗ୍ରାହକଙ୍କୁ ଶସ୍ତାରେ ବିଜୁଳି ନ ବିକି ତାମିଲନାଡୁକୁ ବିକାଯାଉଛି। ଏକଥା ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହେବେ। ଓଡ଼ିଶାର ତାଳଚେର କଣିହାଁ ତାପଜ ବିଦ୍ୟୁତ କେନ୍ଦ୍ରରୁ ତାମିଲନାଡୁ ବାର୍ଷିକ ପ୍ରାୟ ୩୦୦୦ ନିୟୁତ ବିଦ୍ୟୁତ କିଣୁଛି। ତାମିଲନାଡୁ ପାଇଁ ଏହି ଦର ୟୁନିଟ ପିଛା ୨ଟଙ୍କା ୫୩ ପଇସା ଥିବା ବେଳେ ଓଡ଼ିଶାର ଗ୍ରୀଡ଼କୋ ପାଇଁ ଦର ରହିଛି ୨ ଟଙ୍କା ୮୩ ପଇସା। ୨୦୨୦-୨୧ରେ ଗ୍ରୀଡ଼କୋ ତାଳଚେରରୁ ୟୁନିଟ୍ ପିଛା ୨ଟଙ୍କା ୯୭ ପଇସାରେ ବିଦ୍ୟୁତ କିଣିବା ପାଇଁ ପ୍ରସ୍ତାବ ଦେଇଥିଲା। ମାତ୍ର ଓଇଆରସି ଏହାକୁ ୨ଟଙ୍କା ୮୩ ପଇସା କରିଦେଲା। ଏହାକୁ କେମିତି ଆଖି ବୁଜି ଦେଇଛନ୍ତି ରାଜ୍ୟ ବିଦ୍ୟୁତ ନିୟାମକ




କମିଶନ (ଓଇଆରସି), ସେନେଇ ଉଠିଛି ପ୍ରଶ୍ନ। ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କହିଛନ୍ତି, ଓଇଆରସି ରାଜ୍ୟ ସ୍ୱାର୍ଥ ଉପରେ କିଭଳି ଆଖି ବୁଜିଦେଲା? ତୃତୀୟ ମହଲାରେ ଗଣ୍ଡାଗଣ୍ଡା ଅଫିସରମାନେ ଏହାକୁ ଦେଖିଲେ ନାହିଁ କିଭଳି? ଓଇଆରସିକୁ ଭାଙ୍ଗି ଦିଆଯାଉ। ଦରକାର ପଡ଼ିଲେ ସେମାନେ ସରକାରଙ୍କୁ କୋର୍ଟକୁ ଟାଣିବେ। ➤ ପୃ-୬

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ମାମଲାର ନିର୍ଣ୍ଣୟ ବେଳେ ଦୃଷ୍ଟାନ୍ତ ହେବନାହିଁ ପୂର୍ବ ରାୟ

**କଟକ :** ଅଦାଲତଙ୍କ କୌଣସି ପୂର୍ବ ରାୟକୁ ଦୃଷ୍ଟାନ୍ତ ଭାବେ ଅନ୍ୟ ଏକ ମାମଲାର ନିର୍ଣ୍ଣୟ ବେଳେ ସିଧାସଳଖ ଗ୍ରହଣ କରାଯାଇ ପାରିବ ନାହିଁ। କେବଳ ନିର୍ଦ୍ଦିଷ୍ଟ ମାମଲାରେ ରହିଥିବା ତଥ୍ୟ କ୍ଷେତ୍ରରେ ପୂର୍ବ ରାୟକୁ ଲାଗୁ କରାଯିବା ଉଚିତ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଅଦାଲତଙ୍କ ପୂର୍ବ ରାୟର ଉପଯୁକ୍ତ ବ୍ୟାଖ୍ୟା କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପୂର୍ବ ନଜିର କେବଳ ସେତେବେଳେ ଅନୁସରଣ କରାଯାଇପାରେ, ଯେତେବେଳେ ଏହା ନ୍ୟାୟର



ପଥକୁ ସୂଚୀତ କରିଥାଏ। ନ୍ୟାୟ ପ୍ରଦାନର ପଥକୁ ଅବରୋଧରୁ ମୁକ୍ତ ରଖିବା ପାଇଁ କହିଛନ୍ତି ହାଇକୋର୍ଟ। ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସେକ୍ ଜୁମନଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ➤ ପୃ-୬

## ପର୍ଯ୍ୟଟକଙ୍କ ପସନ୍ଦ 'ଗଙ୍ଗା ବିଳାସ'

**ବାରଣାସୀ :** ଶୁକ୍ରବାର ଭିଡିଓ କନ୍‌ଫରେନ୍ସିଙ୍ଗ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣସୀରେ ବିଶ୍ୱର

### ବିଶ୍ୱର ସବୁଠୁ ଲମ୍ବା ରିଭର କ୍ରୁଜ୍

ଦୀର୍ଘତମ 'ରିଭର୍ କ୍ରୁଜ୍' 'ଏମ୍.ଭି ଗଙ୍ଗାବିଳାସ' ଯାତ୍ରାର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀରୁ ଯାତ୍ରା ଆରମ୍ଭ



କରି 'ଏମ୍. ଭି. ଗଙ୍ଗା ବିଳାସ' ବାଂଲାଦେଶ ଦେଇ ୫୧ ଦିନରେ ପ୍ରାୟ ୩,୨୦୦ କିଲୋମିଟର୍ ଅତିକ୍ରମ କରି ମାର୍ଚ୍ଚ ୧ ତାରିଖ ଦିନ ଆସାମର ଡିବ୍ରୁଗଡ଼ରେ ପହଞ୍ଚିବ। ଯାତ୍ରା ➤ ପୃ-୬

### ବକ୍ରବାଣୀ



କେଢ଼େ ଶୋଭା ଦିଶେ ଭୁବନେଶ୍ୱର
ସାରା ଭାରତରେ ଏକ ନମ୍ବର
ଅଶୀ ଭାଗ ଲୋକ ଭୋକ ବିକଳେ
ଖୋଜୁଥାନ୍ତି କାହିଁ ମାଗଣା ମିଳେ
ନାଲି ନେଳି ବୋଲି ସଜାଉ କେତେ
ଗୋଦରୀ ଗୋଡ଼କୁ ଲୁଚାଏ ଯେତେ
ହକି ବିଶ୍ୱ କପ ଦେଖିବା ପାଇଁ
ଆଇହନ୍ତି କେତେ କୁଆଡୁ ଧାଇଁ
କୁନିର ଫଅଟ ନେଲା ବେଳକୁ
ଗୋଡ଼ ଖସିଗଲା ଡ୍ରେନ ତଳକୁ।

— ଟୁଟୁ

## ଆର୍ଥିକ ବିକାଶରେ ମହାରାଷ୍ଟ୍ର-୧, ଓଡ଼ିଶା-୧୧

**ଭୁବନେଶ୍ୱର :** ଓଡ଼ିଶାର ଶାସନ ପୁଣି ଥରେ ଦେଶର ସବୁ ବଡ଼ ରାଜ୍ୟ ଭିତରେ ତଳେ ରହିଛି। ଦେଶର ଏକ ଅଗ୍ରଣୀ ରେଟିଂ କମ୍ପାନୀ 'କେୟାରଏଜ୍' ପକ୍ଷରୁ ପ୍ରଥମ ଥର ପାଇଁ ବିଭିନ୍ନ ରାଜ୍ୟକୁ ନେଇ ଏକ ରାଙ୍କିଙ୍ଗ୍ ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏଥିରେ ଦେଶର ୨୮ଟି ରାଜ୍ୟରୁ ୧୭ଟି ବଡ଼ ରାଜ୍ୟ ମଧ୍ୟରେ ଓଡ଼ିଶାର ଶାସନ ସବୁଠାରୁ ତଳେ ରହିଥିବା ଦେଖାଯାଇଛି। ୧୦୦ ମାର୍କରୁ ଓଡ଼ିଶା ଶାସନ କ୍ଷେତ୍ରରେ ମାତ୍ର ୧୧.୫ ମାର୍କ ରଖି ସବୁଠାରୁ ତଳେ ଥିବାବେଳେ ଆନ୍ଧ୍ରପ୍ରଦେଶ ୬୭ ମାର୍କ ରଖି ୧-ନମ୍ବରରେ ରହିଛି। ମୁଖ୍ୟତଃ ଆଇନ, ପୁଲିସ୍, ଇ-ସେବା ଭଳି କ୍ଷେତ୍ରରେ ଓଡ଼ିଶା ଭଲ କରୁନଥିବାରୁ ପୁଞ୍ଜି ଆକର୍ଷଣରେ ବି ପଛରେ ରହୁଛି। ଯାହା ବିକାଶର ଗତିକୁ କମାଇ ଦେଉଥିବା ରିପୋର୍ଟରେ ଦର୍ଶାଯାଇଛି। ଶାସନରେ ପ୍ରଥମ ତିନିଟି ସ୍ଥାନରେ ରହିଛନ୍ତି ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଉତ୍ତରପ୍ରଦେଶ। ନିକଟରେ ଘରୋଇ ମାଗାଜିନ୍ 'ଇଣ୍ଡିଆ ଟୁଡେ' ରିପୋର୍ଟରେ ମଧ୍ୟ ଓଡ଼ିଶାର ଶାସନ ୨୦ଟି ବଡ଼ ରାଜ୍ୟ ଭିତରେ ଲଗାତାର ଦ୍ୱିତୀୟ ଥର ପାଇଁ ୧୯ତମ ସ୍ଥାନରେ ରହିଥିବା ଦେଖାଯାଇଥିଲା। ତେବେ ଆର୍ଥିକ ଶୃଙ୍ଖଳାରେ ବଡ଼ ରାଜ୍ୟ ଭିତରେ ୧ ନମ୍ବର ସ୍ଥାନରେ ରହିଛି ଓଡ଼ିଶା। ବିତ୍ତୀୟ ପରିଚାଳନା ଆଇନ ଭିତରେ ରହି ଓଡ଼ିଶା ସରକାର ଖର୍ଚ୍ଚ କରୁଥିବାରୁ ଏଭଳି ପ୍ରଦର୍ଶନ ଦେଖିବାକୁ ମିଳିଛି। ତେବେ ଏହି ଅର୍ଥ ସମସ୍ତଙ୍କ ବିକାଶରେ ଲାଗୁଛି କି ନାହିଁକୁ ଦେଖିଲେ ସମସ୍ତଙ୍କ ଆର୍ଥିକ ବିକାଶରେ ମହାରାଷ୍ଟ୍ର ୧ ନମ୍ବର ସ୍ଥାନରେ ଥିବା ବେଳେ ଓଡ଼ିଶା ୧୧ ନମ୍ବରରେ ରହିଛି। ଆର୍ଥିକ ➤ ପୃ-୬




## ବଜେଟ ଆକାର ବଢିଛି, ତ୍ୱରାନ୍ୱିତ ହୋଇପାରିନି ଅର୍ଥ ବିନିଯୋଗ ହାର

**ଭୁବନେଶ୍ୱର :** କୋଭିଡ ପରବର୍ତ୍ତୀ ସ୍ଥିତିରେ ରାଜ୍ୟର ଆର୍ଥିକ ଗତିବିଧି ଚଳଚଞ୍ଚଳ ହେବା ସହିତ ଅର୍ଥ ବିନିଯୋଗ ଓ ରାଜସ୍ୱ ସଂଗ୍ରହ ହାର ଗତ ବର୍ଷ ତୁଳନାରେ ବଢ଼ିଛି। ଡିସେମ୍ବର ସୁଦ୍ଧା ଖର୍ଚ୍ଚ ୯୬ ହଜାର କୋଟି। ବର୍ଷକୁ ବର୍ଷ ରାଜ୍ୟ ବଜେଟର ଆକାର ପ୍ରାୟ ୧୦ରୁ ୨୦% ମଧ୍ୟରେ ବଢୁଛି। ଏହି ଆଧାରରେ ୨୦୨୨-୨୩ ଆର୍ଥିକ ବର୍ଷର ମୂଳ ବଜେଟ ଓ ଅତିରିକ୍ତ ବଜେଟକୁ ଦେଖିଲେ ସାମଗ୍ରିକ ଭାବେ ବଜେଟ ଆକାର ୨୦୨୧-୨୨ ତୁଳନାରେ ୧୭%ରୁ ଅଧିକ ରହିଛି। ରାଜ୍ୟରେ ସାମାଜିକ କ୍ଷେତ୍ର ସମେତ ଭିତ୍ତିଭୂମି ଉନ୍ନୟନ ଓ ପୁଞ୍ଜିନିବେଶକୁ ଦୃଷ୍ଟିରେ ରଖି ବଜେଟ ଆକାର ବଢ଼ାଯାଇଛି। କିନ୍ତୁ ବଜେଟ ଅର୍ଥ ବିନିଯୋଗ ହାର ତ୍ୱରାନ୍ୱିତ ହୋଇପାରି ନାହିଁ। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ମୂଳ ବଜେଟରେ ୨ଲକ୍ଷ କୋଟି ଓ ଅତିରିକ୍ତ ବଜେଟରେ ୧୬, ୮୦୦କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଗତ ଡିସେମ୍ବର ସୁଦ୍ଧା ଖର୍ଚ୍ଚ ହୋଇଛି ୯୬ ହଜାର କୋଟି ଟଙ୍କା। ଆର୍ଥିକ ବର୍ଷର ଶେଷ ପର୍ଯ୍ୟାୟରେ ବଜେଟ ଅର୍ଥ ତରବରିଆଭାବେ ଖର୍ଚ୍ଚ କରାଯିବା କ୍ଷେତ୍ରରେ ପୂର୍ବରୁ ଅଙ୍କୁଶ ଲାଗିଛି। ଆର୍ଥିକ ବର୍ଷ ସରିବାକୁ ହାତରେ ଆଉ ଅଢ଼େଇ ମାସ ବାକି ଥିବାରୁ ଶତ ପ୍ରତିଶତ ଅର୍ଥ ବିନିଯୋଗ ନେଇ ସଂଶୟ ରହିଛି। ତଥାପି ଆର୍ଥିକ ବର୍ଷ ସରିବା ପୂର୍ବରୁ ବଜେଟ ବିନିଯୋଗ ସମ୍ପୂର୍ଣ୍ଣ କରିବାକୁ ସବୁ ବିଭାଗର ସହଯୋଗ ଲୋଡ଼ିଛି ଅର୍ଥ ବିଭାଗ। ଅର୍ଥ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ୨୦୨୨-୨୩ ଆର୍ଥିକ ବର୍ଷର ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟର ନିଜସ୍ୱ ରାଜସ୍ୱ ବାବଦରେ ୬୩,୫୨୩କୋଟି ଟଙ୍କା ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ଅବଧି ସୁଦ୍ଧା ସଂଗ୍ରହ ପରିମାଣ ୧.୧୭ ପ୍ରତିଶତ ଅଧିକ। ତେବେ ଗତ ଡିସେମ୍ବର ସୁଦ୍ଧା ରାଜ୍ୟର ମୋଟ ନିଜସ୍ୱ ଟିକସ ସଂଗ୍ରହ ପରିମାଣ ୩୨,୦୨୯କୋଟି ଟଙ୍କାରେ ପହଞ୍ଚିଛି ଏବଂ ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ଗତ ବର୍ଷର ଏହି ସମୟ ତୁଳନାରେ ୧୩.୫୧ ଶତାଂଶ ଅଧିକ। ଗତବର୍ଷ ତୁଳନାରେ ଆର୍ଥିକ କାର୍ଯ୍ୟକ୍ରମ ଗତିଶୀଳ ହେବା ସହିତ ରାଜ୍ୟ ଅବକାରୀ, ଭାଟ୍, ଏସ୍‌ସିଏସ୍‌ଟି ଓ ମୋଟର ଯାନ ଟିକସ ସଂଗ୍ରହରେ ଉନ୍ନତି ଯୋଗୁଁ ଏହା ସମ୍ଭବ ହୋଇଛି। ଗତ ଡିସେମ୍ବର ସୁଦ୍ଧା ପ୍ରାୟ ୬୯.୬ ପ୍ରତିଶତ ନିଜସ୍ୱ ଟିକସ ରାଜସ୍ୱ ସଂଗ୍ରହ ହୋଇପାରିଛି। ସେହିପରି ୨୦୨୨ ଡିସେମ୍ବର ସୁଦ୍ଧା ଅଣ ଟିକସ ବାବଦରେ ୩୧,୪୯୩.୮୧ କୋଟି ଟଙ୍କା ସଂଗ୍ରହ ହୋଇଛି। ଗତ ବର୍ଷର ଡିସେମ୍ବର ସୁଦ୍ଧା ଏ କ୍ଷେତ୍ରରୁ ଆଦାୟ ପରିମାଣ ଥିଲା ୩୪,୫୭୧ କୋଟି ଟଙ୍କା। ତେଣୁ ଗତବର୍ଷ ତୁଳନାରେ ଅଣ ଟିକସ କ୍ଷେତ୍ରରୁ ଟିକସ ସଂଗ୍ରହ ହାର ୮.୯ ପ୍ରତିଶତ କମିଛି। ମୁଖ୍ୟତଃ ଖଣିଜ କ୍ଷେତ୍ରରୁ ଟିକସ ସଂଗ୍ରହ କମିବା କାରଣରୁ ଅଣଟିକସ ସଂଗ୍ରହ ହାର ହ୍ରାସ ପାଇଛି। ଚଳିତ ଆର୍ଥିକ ବର୍ଷର ଡିସେମ୍ବର ସୁଦ୍ଧା ମୋଟ ରାଜସ୍ୱ ସଂଗ୍ରହ ୧,୦୧,୧୧୯କୋଟି ଟଙ୍କାରେ ପହଞ୍ଚିଛି ଏବଂ ଏହା ଗତବର୍ଷ ତୁଳନାରେ ପ୍ରାୟ ୬ଶତାଂଶ ଅଧିକ। କିନ୍ତୁ ଏହି ସମୟ ଭିତରେ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ହାର ହ୍ରାସ ପାଉଥିବାରୁ ସରକାର ଏବେ ଚିନ୍ତାରେ ପଡ଼ିଛନ୍ତି। ଚଳିତ ଆର୍ଥିକ ବର୍ଷର ଡିସେମ୍ବର ସୁଦ୍ଧା କେନ୍ଦ୍ରୀୟ ଅନୁଦାନ ପରିମାଣ ପ୍ରାୟ ୨୧ ଶତାଂଶ କମିଥିବା ଜଣାପଡ଼ିଛି। ଅର୍ଥ ବିଭାଗ ତଥ୍ୟ ଅନୁସାରେ ଗତ ବର୍ଷ ଡିସେମ୍ବର ତୁଳନାରେ ଚଳିତ ଆର୍ଥିକ ବର୍ଷର ଡିସେମ୍ବର ସୁଦ୍ଧା ମୋଟ ବଜେଟରୁ ଖର୍ଚ୍ଚ ପରିମାଣ ୨.୬ ପ୍ରତିଶତ ଅଧିକ ରହିଛି। ମୋଟ ବଜେଟ ମଧ୍ୟରୁ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଡିସେମ୍ବର ସୁଦ୍ଧା ଖର୍ଚ୍ଚ ହୋଇଛି ୫୧,୪୪୩ କୋଟି ଟଙ୍କା ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ଧନପ୍ରାପ୍ତି ଯୋଗ ଅଛି। ନୂଆ ଚାକିରି ମିଳିପାରେ। ସମ୍ମାନ ବଢ଼ିବ। ଛାତି, ପେଟ ଓ ପାଦରେ ସମସ୍ୟା ହୋଇପାରେ। ପୈତୃକ ସମ୍ପତ୍ତି ସମ୍ବନ୍ଧୀୟ ଅସୁବିଧା ହୋଇପାରେ। ପ୍ରତିକାର : ଘରୁ ବାହାରିବା ବେଳେ ଦହି ଓ ଗୁଡ ଖାଇ ବାହାରନ୍ତୁ।

**ବୃଷ** — ନୂଆ ବ୍ୟବସାୟରେ ନିବେଶ କରନ୍ତୁନାହିଁ। ଘର ଲୋକ ଆପଣଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରିପାରନ୍ତି। ପରିବାରରେ ମତଭେଦ ହୋଇପାରେ। ଚାକିରୀରେ ପରିବର୍ତ୍ତନ ହୋଇପାରେ। ପ୍ରତିକାର : ଶୁଦ୍ଧ ଘିଅ ଦୀପ ମା' ଲକ୍ଷ୍ମୀଙ୍କ ଆଗରେ ଜଳାନ୍ତୁ।

**ମିଥୁନ** — ଅଚାନକ ଧନପ୍ରାପ୍ତି ଯୋଗ ଅଛି। ସନ୍ତାନ ଯୋଗ ଅଛି। ପରିବାରରେ ମତଦେଭ ଦୂର ହେବ। ପ୍ରେମ ବିବାହ ଯୋଗ ଅଛି। ମକଦ୍ଦମାରେ ବିଜୟୀ ହେବେ। ପ୍ରତିକାର : ଜଳରେ ଘିଅ ମିଶାଇ ଶିବଲିଙ୍ଗରେ ଅର୍ପଣ କରନ୍ତୁ।

**କର୍କଟ** — ନୂଆ ନୂଆ ବ୍ୟବସାୟର ମାର୍ଗ ମିଳିବ। ପରିବାରରେ ତର୍କ ହୋଇପାରେ। ଛାତ୍ରମାନେ ପ୍ରତିବନ୍ଧକ ଦେଖାଦେପାରେ। ମୁଣ୍ଡବିନ୍ଧା ଓ ପେଟରେ ସମସ୍ୟା ହୋଇପାରେ। ପ୍ରତିକାର : ଘରୁ ବାହାରିବା ପୂର୍ବରୁ ନଡିଆ ଖାଆନ୍ତୁ।

**ସିଂହ** — ଅଯଥା ଧନ ଖର୍ଚ୍ଚ କରନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦୂର ହେବ। ସ୍ଥାନାନ୍ତରଣ ଯୋଗ ଅଛି। ଭ୍ରମଣ ଯୋଗ ଅଛି। ପିତାଙ୍କ ସହଯୋଗ ମିଳିବ। ପ୍ରତିକାର : ଶିବଲିଙ୍ଗରେ ପଇଡ ପାଣି ଢାଳନ୍ତୁ।

**କନ୍ୟା** — ଆୟରେ ଅହେତୁକ ବୃଦ୍ଧି ହେବ। ପରିବାରରେ ସମ୍ପର୍କରେ ଉନ୍ନତି ହେବ। ପ୍ରେମ ଦାମ୍ପତ୍ୟ ଜୀବନରେ ଉନ୍ନତି ହେବ। ଗଳା ଓ ହୃଦୟରେ ସମସ୍ୟା ହୋଇପାରେ। ପ୍ରତିକାର : ଶ୍ରୀ ଗଣେଶାୟ ଚାଳିଶା ପାଠ କରନ୍ତୁ।

**ତୁଳା** — ଜୀବନ ସର୍ବଶ୍ରେଷ୍ଠ ଓ ବଡ ବଡ ନିଷ୍ପତ୍ତି ନେଇପାରନ୍ତି। ପଦୋନ୍ନତି ହୋଇପାରେ। ସମ୍ମାନ ମିଳିପାରେ। ବନ୍ଧୁଙ୍କ ସହ ମତଭେଦ ହୋଇପାରେ। ପ୍ରତିକାର : ମାତା ଲକ୍ଷ୍ମୀଙ୍କ ମିଶ୍ରି ଭୋଗ ଲଗାନ୍ତୁ।

**ବିଛା** — ଆଖି, ପେଟରେ ସମସ୍ୟା ହୋଇପାରେ। ଖର୍ଚ୍ଚ ବଢ଼ିବ। ବାଣୀରେ ନିୟନ୍ତ୍ରଣ ରଖନ୍ତୁ। କିଛି ଲୋକ ଆପଣଙ୍କୁ ଅସୁବିଧାରେ ପକାଇ ପାରନ୍ତି। ପ୍ରତିକାର : ସବୁଦିନ କପାଳରେ ଚନ୍ଦନ ଲଗାନ୍ତୁ।

**ଧନୁ** — ଆୟରେ ଅଚାନକ ବୃଦ୍ଧି ହେବ। ଅନେକ ସଠିକ୍ ନିଷ୍ପତ୍ତି ନେବେ। ସନ୍ତାନଙ୍କ ଶୁଭ ସମାଚାର ପାଇବେ। ପୁରୁଣା କେସରେ ବିଜୟୀ ହେବେ। ପ୍ରତିକାର : ଶିବଲିଙ୍ଗରେ ଜଳଅର୍ପଣ କରନ୍ତୁ ଓ କପାଳରେ ହଳଦିଆ ଚନ୍ଦନ ଲଗାନ୍ତୁ।

**ମକର** — ନୂଆ ନୂଆ ବ୍ୟବସାୟ ଓ ନୂଆ ଚାକିରି ପାଇପାରନ୍ତି। ଜୀବନସାଥୀଙ୍କ ସହଯୋଗ ପାଇବେ। ପୈତୃକ ସମ୍ପତ୍ତି ପାଇବା ଯୋଗ ଅଛି। ସନ୍ତାନ ସୁଖ ପାଇବେ। ପ୍ରତିକାର : ମାତା ଲକ୍ଷ୍ମୀଙ୍କ ଦହି ଭୋଗ ଲଗାନ୍ତୁ ଓ କିଛି ସେବନ କରନ୍ତୁ।

**କୁମ୍ଭ** — ପରିବାରରେ ସମ୍ପର୍କ ବଢ଼ିବ। ଦୂର ଯାତ୍ରା ଯୋଗ ଅଛି। ପିତାଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଆତ୍ମବିଶ୍ୱାସ ରଖନ୍ତୁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବ। ପ୍ରତିକାର : ପାଣିରେ ଗୁଡ ମିଶାଇ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**ମୀନ** — ପରିବାରରେ ଅସ୍ଥିରତା ଆସିପାରେ। ପେଟ ଓ ପାଦରେ ପୀଡ଼ା ହୋଇପାରେ। ସନ୍ତାନ ପୀଡିତ ହୋଇପାରନ୍ତି। ପ୍ରେମ ସମ୍ପର୍କରେ ବୃଦ୍ଧି ହେବ। ନୂଆ ବ୍ୟବସାୟ କରିପାରନ୍ତି। ମନ ଅସ୍ଥିର ରହିବ। ପ୍ରତିକାର : ହଳଦୀ ଚନ୍ଦନ ମଥାରେ ଲଗାନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

---

**ସମ୍ପୂର୍ଣ୍ଣ ତଥ୍ୟ ଦେଉନି ଚୀନ୍**

# କରୋନା ମୃତ୍ୟୁ ଓ ସଂକ୍ରମଣକୁ ନେଇ 'ହୁ'ର ଚିନ୍ତା

**ନୂଆଦିଲ୍ଲୀ :** ଏବେ ଚୀନ୍‌ରେ କରୋନା ସଂକ୍ରମଣ ଏବଂ କରୋନାଜନିତ ମୃତ୍ୟୁ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଗତ ମାସ ପ୍ରାରମ୍ଭରୁ ବଢିଥିବା ସଂକ୍ରମଣ ଲଗାତର ଭାବେ କାୟା ବିସ୍ତାର କରି ଚାଲଇଥିବା ବେଳେ ଦୈନିକ ମୃତ୍ୟୁସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। କିନ୍ତୁ ଚୀନ୍ ଏ ସମ୍ପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)କୁ ପ୍ରକୃତ ତଥ୍ୟ ଦେଉ ନାହିଁ ବୋଲି ହୁ' ପକ୍ଷରୁ କୁହାଯାଇଛି। ଯାହାକି ସଂକ୍ରମଣ ରୋକିବା ଏବଂ ବିଶ୍ୱ ସ୍ତରରେ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ ବୋଲି ହୁ' କହିଛି। ହୁ'ର ଆପାଦକାଳୀନ ନିର୍ଦ୍ଦେଶକ ମାଇକେଲ ରିଆନ କହିଛନ୍ତି ଯେ, ଯଦିଓ ଚୀନ୍ ପୂର୍ବ ତୁଳନାରେ ତଥ୍ୟ ଲୁଚାଉ ନାହିଁ କିନ୍ତୁ ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ଦେଉ ନାହିଁ। ବର୍ତ୍ତମାନ ଚୀନରେ ଦିନକୁ ହଜାର ହଜାର ସଂଖ୍ୟାରେ ମୃତ୍ୟୁ ଘଟୁଥିଲେ




ମଧ୍ୟ ଚୀନ୍ ସରକାର ଏହାକୁ ଅଳ୍ପ ସଂଖ୍ୟା ମଧ୍ୟରେ ସୀମିତ ରଖୁଛନ୍ତି। ତେଣୁ ସେଠାକାର ପ୍ରକୃତ ସ୍ଥିତି ସମ୍ପର୍କରେ ଆକଳନ କରିବା ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ସମସ୍ୟା ସୃଷ୍ଟି ହେଉଛି। ସଂକ୍ରମଣ ଏବଂ ମୃତ୍ୟୁକୁ ଦୃଷ୍ଟିରେ ରଖି ଚୀନ୍‌ର ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥା କ୍ଷେତ୍ରରେ ଅଧିକରୁ ଅଧିକ ଡାକ୍ତରଙ୍କୁ ନିୟୋଜିତ କରିବାର ଆବଶ୍ୟକତା ଦେଖାଯାଇଛି। କିନ୍ତୁ ଚୀନ୍ ପ୍ରକୃତ ତଥ୍ୟ ଦେଉ ନଥିବାରୁ କରୋନାଜନିତ ବିପଦକୁ ଆକଳନ କରିବା ଏବଂ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିବା ସମ୍ଭବ ହେଉ ନାହିଁ ବୋଲି ରିଆନ କହିଛନ୍ତି। ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ ଚୀନ୍‌ରେ ଚଳିତ ବର୍ଷ କରୋନାଜନିତ ମୃତ୍ୟୁସଂଖ୍ୟା ୧୦ ଲକ୍ଷ ଟପିବ। ବର୍ତ୍ତମାନ ଦୈନିକ ୫ ହଜାରରୁ ଅଧିକ ମୃତ୍ୟୁ ହେଉ ଥିବା ବେଳେ ଆଗକୁ ଏହି ସଂଖ୍ୟା ବହୁ ଗୁଣିତ ହେବ। ହେଲେ ସଂକ୍ରମଣ ଆରମ୍ଭ ହେବା ପରେ ବର୍ତ୍ତମାନ ସୁଦ୍ଧା ୫ ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ଚୀନ୍ କହୁଛି। ଯାହାକି ଚୀନ୍ ସମେତ ଅନ୍ୟାନ୍ୟ ରାଷ୍ଟ୍ର ପାଇଁ ବିପଦ ଆଣିପାରେ ବୋଲି ରିଆନ କହିଛନ୍ତି।

# ଗଞ୍ଜେଇ ଉପରେ ପୋଲିସର କଡ଼ା ନଜର; ଟାବଲେଟ୍ ମୁହାଁ ଯୁବପିଢ଼ି

**ଚେନ୍ନାଇ :** ଦେଶରେ ଗଞ୍ଜେଇକୁ ବେଆଇନ୍ ଘୋଷଣା କରାଯାଇଛି। ତଥାପି ଏହାର ଚୋରା ଚାଲାଣ ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ, କଲିକତା, ଚେନ୍ନାଇରେ ଅଧିକ ହେଉଛି। ଆଜିକାଲି ଶିକ୍ଷିତ ଓ ଆଧୁନିକ ଭାରତୀୟ ଯୁବକଯୁବତୀମାନେ ମଉଜ ପାଇଁ ଲୁଚାଇଛପାଇ ଗଞ୍ଜେଇ ପାର୍ଟି କରୁଛନ୍ତି। ଯାହାକୁ କୁହାଯାଉଛି 'ରେଭ୍ ପାର୍ଟି'। କିନ୍ତୁ ଗଞ୍ଜେଇ ଚୋରା କାରବାର ଉପରେ ଚେନ୍ନାଇ ପୁଲିସ କଡ଼ା ନଜର ରଖିବା ପରେ ଯୁବପିଢ଼ିମାନେ ସେମାନଙ୍କ ନିଶା ସେବନର ଟ୍ରାକ ବଦଳାଇଛନ୍ତି। ଚେନ୍ନାଇରେ ଗଞ୍ଜେଇ ପ୍ରତିବଦଳରେ ସମାନ ଧରଣର ଆଉ କେତେକ ନିଶା ଔଷଧର କାରବାର ବଢ଼ିଛି। ଏହି ଔଷଧ ଗୁଡ଼ିକ ମଧ୍ୟ ବେଆଇନ୍ ଭାବେ ଚାଲାଣ ହେଉଛି। ଏହି ଔଷଧ ଗୁଡ଼ିକ ହେଲା ମେଟାଫେଟାମାଇନ୍, ନିଟ୍ରାଜେପାମ, ଇଫେଡ୍ରାଥଇନ୍ ଏବଂ ଟପେଣ୍ଟାଡଲର। ଏହାର ଚାହିଦା ବହୁଳ ମାତ୍ରାରେ ବଢ଼ିଛି। ବିଶେଷ କରି ଏହି ସବୁ ନିଶା ଔଷଧ ଯୁବପିଢ଼ିଙ୍କୁ ବାୟା କରିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ବର୍ଷ ଚେନ୍ନାଇ ପୁଲିସ ୫୨,୬୧୨ଟି ଟାବଲେଟ୍ ଜବତ କରିଛି। ୨୦୨୧ରେ ଏହି ସଂଖ୍ୟା ଥିଲା



୫,୯୪୯। ତଦନ୍ତ ବେଳେ ବିଶେଷ କରି କଲେଜ ପିଲା, ସ୍କୁଲ ପିଲାମାନେ ଅଧିକ ଏହି ନିଶା ଔଷଧ ସେବନ କରୁଥିବା ଜଣାପଡ଼ିଛି। ଉପରୋକ୍ତ ୩ଟି ଟାବଲେଟକୁ ମିକ୍ସ କରି ପାଣିରେ ବତରାଇ ଏହାକୁ ଭେନରେ ଇଞ୍ଜେକ୍ସନ ଭାବେ ନେଉଛନ୍ତି କିମ୍ବା ଚକୋଲେଟରେ ମିଶାଇ ସେବନ କରୁଛନ୍ତି । ତେବେ ବେଆଇନ ନିଶା ଟାବଲେଟ୍ ବେପାର ସାମ୍ନାକୁ ଆସିବା ପରେ ରାଜ୍ୟ ଔଷଧ ନିଗମ ୯ଟି ମେଡିସନ୍ ଦୋକାନକୁ ସିଲ କରିବା ସହ ୩୫ ଜଣ ରିଟେଲଙ୍କ ଲାଇସେନ୍ସ ସିଲ କରିଛି। ସେହିପରି ୧୫୦ ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ଯବପିଢ଼ିମାନେ ଏହି ମେଡିସିନକୁ ଅନଲାଇନରେ ମଗାଉଥିବା ଜଣାପଡ଼ିଛି।

# ଦିଲ୍ଲୀ ଦେଶର ସବୁଠାରୁ ପ୍ରଦୂଷିତ ସହର

**ନୂଆଦିଲ୍ଲୀ :** ଦେଶର ରାଜଧାନୀ ଦିଲ୍ଲୀ ସବୁଠାରୁ ପ୍ରଦୂଷିତ ସହରର ମାନ୍ୟତା ପାଇଛି। ୨୦୧୯ରେ ପ୍ରଦୂଷଣ ତାଲିକାରେ ଦିଲ୍ଲୀ ୩ନଂରେ ଥିବା ବେଳେ ଗତବର୍ଷ ଏହା ୨ନଂକୁ ଉଠିଥିଲା। ଏବେ ପ୍ରଦୂଷଣ ମାମଲାରେ ଦିଲ୍ଲୀ ୧ନଂ ସ୍ଥାନରେ ପହଞ୍ଚି ଯାଇଛି। ବାର୍ଷିକ ପିଏମ୨.୫ ସ୍ତରକୁ ଆକଳନ କରି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କରିଥିବା ସର୍ଭେ ପରେ ଏପରି ତାଲିକା ପ୍ରକାଶ ପାଇଛି। ସର୍ଭେ ଅନୁସାରେ, ଦିଲ୍ଲୀର ବାର୍ଷିକ ପିଏମ ୨.୫ ସ୍ତରରେ ୭.୪% ସୁଧାର ଆସିଛି। ୨୦୧୯ରେ ଏହା ୧୦୮ ଥିବା ବେଳେ ଏବେ ୯୯.୭% ହୋଇଛି। ଏହାର ଅର୍ଥ ୩ ବର୍ଷ ମଧ୍ୟରେ ଦିଲ୍ଲୀର ପ୍ରଦୂଷଣ ସ୍ଥିତିରେ ମାତ୍ର ୭% ସୁଧାର ଆସିଛି। ୨୦୧୯ରେ ପ୍ରଦୂଷଣ ମାମଲାରେ ଦିଲ୍ଲୀ ଉପରେ ଥିବା ଗାଜିଆବାଦ ଓ ନୋଏଡାର ସ୍ଥିତି ଚଳିତ ବର୍ଷ ଭଲ ରହିଛି। ଗାଜିଆବାଦର ପ୍ରଦୂଷଣ ମାତ୍ର ୨୨.୨% ଓ ନୋଏଡାର ପ୍ରଦୂଷଣ ମାତ୍ରା ୨୯.୮% ହ୍ରାସ ପାଇଛି। ୨୦୧୯ରେ କେନ୍ଦ୍ର ସରକାର ପିଏମ ୧୦ ଓ ପିଏ୨.୫କୁ ୨୦୨୪ ସୁଦ୍ଧା ୧୩୧ ସହରରେ ୨୦ରୁ ୩୦% ହ୍ରାସ କରିବାକୁ ଏନସିଏପି କାର୍ଯ୍ୟକ୍ରମ ଆରମ୍ଭ



କରିଥିଲେ। ଏହା ଅଧୀନରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସର୍ଭେ କରିବା ସହ ବିଭିନ୍ନ ସହରର ପ୍ରଦୂଷଣର ମାତ୍ରାକୁ ଆକଳନ କରୁଛି। ୨୦୨୨ ସେପ୍ଟେମ୍ବରେ କେନ୍ଦ୍ର ସରକାର ୨୦୨୬ ସୁଦ୍ଧା ୪୦% ପ୍ରଦୂଷଣ ହ୍ରାସ କରିବାକୁ ସଂଶୋଧିତ ଟାର୍ଗେଟ ମଧ୍ୟ ଦେଇଛନ୍ତି। ଏହି ଟାର୍ଗେଟକୁ ହାସଲ କରିବା ପାଇଁ ୬,୮୯୭.୦୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଦିଲ୍ଲୀ ପ୍ରଦୂଷିତ ସହରଗୁଡ଼ିକ ତାଲିକାର ୧ନଂରେ ଥିବା ବେଳେ ଦ୍ୱିତୀୟରେ ଫରିଦାବାଦ, ତୃତୀୟରେ ଗାଜିଆବାଦ, ୪ର୍ଥରେ ପାଟନା, ୫ମରେ ମୁଜାଫରପୁର, ୬ରେ ନୋଏଡା, ୭ମରେ ମୀରଟ, ୮ନଂରେ ଗୋବିନ୍ଦଗଡ଼, ୯ମରେ ଗୟା ଓ ୧୦ମରେ ଯୋଧପୁର ରହିଛି। ଗତବର୍ଷ ୧ନଂ ସ୍ଥାନରେ ଥିବା ଗାଜିଆବାଦ ୩ନଂକୁ ଖସିଥିବା ବେଳେ ଦ୍ୱିତୀୟରେ ଥିବା ନୋଏଡା ୬ନଂକୁ ଖସିଛି।

**ଆମେରିକା, ଚୀନ୍, ୟୁରୋପ ଉପରେ ମାନ୍ଦାବସ୍ଥାର କଳାବାଦଲ**

# ପ୍ରଭାବିତ ହେବନି ଭାରତ : ବିଶ୍ୱବ୍ୟାଙ୍କ

**ନୂଆଦିଲ୍ଲୀ :** ସଙ୍କଟରେ ବିଶ୍ୱ ଅର୍ଥନୀତି। ଚାରିଆଡେ ମାନ୍ଦାବସ୍ଥା ନେଇ ଚର୍ଚ୍ଚା। ସାରା ବିଶ୍ୱ ଉପରେ ଘନଉଛି ମାନ୍ଦାବସ୍ଥାର ବିପଦ। ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ବିଶ୍ୱବ୍ୟାଙ୍କ ପୁଣି ଥରେ ଆସ୍ଥା ପ୍ରକଟ କରିଛି। ବିଶ୍ୱବ୍ୟାଙ୍କ କହିଛି ଯେ ଗୋଟିଏ ପଟେ ବିଶ୍ୱ ଅର୍ଥନୀତି ମାନ୍ଦାବସ୍ଥାର ଦ୍ୱାର ଦେଶରେ ଛିଡା ହୋଇଥିବାବେଳେ ଭାରତୀୟ ଅର୍ଥ ବ୍ୟବସ୍ଥା ୬.୬ ପ୍ରତିଶତ ହାରରେ ଅଭିବୃଦ୍ଧି କରୁଛି। ତେବେ ବିଶ୍ୱବ୍ୟାଙ୍କ ଏହାମଧ୍ୟ ଚେତାଇ ଦେଇଛି ଯେ, ଯଦି ଆଉ ଗୋଟିଏ ଝଟ୍କା ଲାଗେ ବିଶ ଅର୍ଥନୀତି ମାନ୍ଦାବସ୍ଥାକୁ ଖସିପଡିବ। ଆମେରିକା ହେଉ କି ଇୟୁରୋପ ଅଥବା ଚୀନ୍ ଅଭିବୃଦ୍ଧି ହାର ବୃଦ୍ଧି କରିବା ଏବେ ସମସ୍ତଙ୍କ ଆଗରେ ବଡ଼ ଚିନ୍ତାର କାରଣ। ଏଣୁ ବିଶ୍ୱ ବ୍ୟାଙ୍କ ଅର୍ଥନୀତିର ଅଭିବୃଦ୍ଧି ଆକଳନରେ ହ୍ରାସ ଘଟାଇଥିବାବେଳେ ଏହା ୧.୭ ପ୍ରତିଶତରେ ରହିବ ବୋଲି ଅନୁମାନ କରାଯାଇଛି। ତେବେ ଦକ୍ଷିଣ ଏସିଆ ଉପରେ ମାନ୍ଦାବସ୍ଥାର ଏତେଟା ପ୍ରଭାବ ପଡି ନ ପାରେ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି। କାରଣ ଏହି କ୍ଷେତ୍ରରେ ରାଷ୍ଟ୍ରଗୁଡିକର ଭାରତ ଭଳି ଅର୍ଥ ବ୍ୟବସ୍ଥା ରହିଛି। ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ଆରମ୍ଭରୁ ବିଶ୍ୱ ବ୍ୟାଙ୍କର ଭରସା ରହିଛି। ଏଣୁ ଆର୍ଥିକବର୍ଷ ୨୦୨୨-୨୩ରେ ଭାରତର ଅଭିବୃଦ୍ଧି ହାର ୬.୪ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ଆଗାମୀ ଆର୍ଥିକ ବର୍ଷ ନିମନ୍ତେ ଅଭିବୃଦ୍ଧି ଆକଳନରେ ବିଶ୍ୱ ବ୍ୟାଙ୍କ ବୃଦ୍ଧି ଘଟାଇଛି। ଦକ୍ଷିଣ ଏସିଆର ମୋଟ ଉତ୍ପାଦନରେ ୭୫ ପ୍ରତିଶତ ଯୋଗଦାନ ଭାରତର ରହୁଛି। ଏଣୁ ଆର୍ଥିକବର୍ଷର ପ୍ରଥମ ଅର୍ଦ୍ଧ ବାର୍ଷିକରେ ଭାରତର ବିକାଶ ହାର ୯.୭ ପ୍ରତିଶତ ରହିଛି। ବିଶ୍ୱବ୍ୟାଙ୍କ କହିଛି ଯେ ଆଗାମୀ ଆର୍ଥିକ ବର୍ଷରେ ମଧ୍ୟ ଭାରତ ବିଶ୍ୱର ବିକାଶଶୀଳ ଅର୍ଥ ବ୍ୟବସ୍ଥା ମଧ୍ୟରେ ସବୁଠୁ ଦ୍ରୁତ ବିକାଶ ହାସଲ କରିବ ବୋଲି ବିଶ୍ୱବ୍ୟାଙ୍କ ଅନୁମାନ କରିଛି। ଗତ ନଭେମ୍ବର ମାସରେ ମୁଦ୍ରାସ୍ଫୀତି ୬ ପ୍ରତିଶତ ପାଖାପାଖୀ ଥିଲା, ତେବେ ଏଥିରୁ ଭାରତୀୟ ରିଜର୍ଭ ବ୍ୟାଙ୍କଙ୍କୁ ସେପରି କୌଣସି ଆଶ୍ୱସ୍ତି ମିଳିନାହିଁ।

# ୨୦୨୪ରେ ହୋଇପାରେ ଜନଗଣନା




**ନୂଆଦିଲ୍ଲୀ :** ଦେଶରେ ପ୍ରତି ୧୦ ବର୍ଷରେ ଥରେ ହୋଇଆସୁଥିବା ଜନଗଣନାକୁ ପୁଣି ଥରେ ସ୍ଥଗିତ କରି ଦିଆଯାଇଛି। ୨୦୧୧ ମସିହା ପରେ ୨୦୨୧ରେ ଏହି ପ୍ରକ୍ରିୟା ହେବାର ଥିଲା, କିନ୍ତୁ କରୋନା ଯୋଗୁଁ ଏହାକୁ ସ୍ଥଗିତ କରି ଦିଆଗଲା। ପରେ ୨୦୨୨ ମସିହାରେ ଜନଗଣନା ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ତାହା ହେଲା ନାହିଁ, ଏହାରି ଭିତରେ ଏବେ ସଙ୍କେତ ମିଳୁଛି ଯେ, ୨୦୨୪ ଲୋକସଭା ନିର୍ବାଚନ ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ। କେନ୍ଦ୍ର ସରକାର ୨୦୧୯ରେ ଜନଗଣନା ପାଇଁ ୮,୭୫୪ କୋଟି ଟଙ୍କା ବଜେଟ୍ ଆବଣ୍ଟିତ କରିଥିଲେ। ଦୁଇଟି ପର୍ଯ୍ୟାୟରେ ଏହା ହୋଇଥାନ୍ତା, ପ୍ରଥମ ରାଉଣ୍ଡ ୨୦୨୦ ଏପ୍ରିଲରୁ ସେପ୍ଟେମ୍ବର ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୦୨୧ରେ ଫେବୃଆରୀରେ କରିବା ନେଇ ଯୋଜନା ଥିଲା। କିନ୍ତୁ କରୋନା ପାଇଁ ସବୁ ସ୍ଥଗିତ ରହିଗଲା। ଏବେ ସରକାରୀ ସୂତ୍ର ଅନୁସାରେ ଦେଶର ପ୍ରଥମ ଡିଜିଟାଲ ଜନଗଣନା ସାଧାରଣ ନିର୍ବାଚନ ପରେ ହେବ। ଭାରତରେ ବ୍ରିଟିଶକାଳରେ ୧୮୭୨ ମସିହାରେ ପ୍ରଥମଥର ଜନଗଣନା ହୋଇଥିଲା। ଏହାପରେ ୧୫୦ ବର୍ଷ ଯାଏଁ ନିୟମିତ ଭାବରେ ପ୍ରତି ୧୦ ବର୍ଷରେ ଜନଗଣନା ହୋଇଥିଲା। ୧୯୪୧ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ, ୧୯୬୧ରେ ଚୀନ୍ ସହ ଯୁଦ୍ଧ ଏବଂ ୧୯୭୧ରେ ବାଂଲାଦେଶ ମୁକ୍ତି ସଂଗ୍ରାମ ସମୟରେ କିଛି ବାଧା ସୃଷ୍ଟି ହୋଇଥିଲା, କିନ୍ତୁ ଜନଗଣନା କେବେ ବନ୍ଦ ହୋଇନଥିଲା। ଜନଗଣନାରେ ଦେଶରେ ମୋଟ ଜନସଂଖ୍ୟାରେ ଗଣତି ହୋଇଥାଏ। ଏହାଛଡା ଶିକ୍ଷାର ସ୍ତର, ହାଉସିଂ, ଲୋକଙ୍କ ଆର୍ଥିକ ସ୍ଥିତି, ମୃତ୍ୟୁ ଏବଂ ଜନ୍ମହାର, ଭାଷା, ଧର୍ମ, ଦିବ୍ୟାଙ୍ଗ ଏବଂ ଅନ୍ୟ ସାମାଜିକ-ଆର୍ଥିକ ଦିଗ ଉପରେ ଡାଟା ପ୍ରସ୍ତୁତ କରାଯାଇଥାଏ। ଏହା ଦେଶର ସବୁଠୁ ବଡ ଡାଟାବେସ ହୋଇଥାଏ। ତେବେ ସରକାର ଆସନ୍ତା ଜନଗଣନା ଡିଜିଟାଲରେ କରିବାକୁ ସରକାର ଯୋଜନା କରିଛନ୍ତି। ଏହାଦ୍ୱାରା ଡାଟା ମ୍ୟାନେଜ ସହଜ ହେବ।

**ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା ଘଟଣା**

# ଶୁଣାଣି ସରିବାକୁ ଲାଗିବ ୫ ବର୍ଷ

**ନୂଆଦିଲ୍ଲୀ :** ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା ଘଟଣାର ଶୁଣାଣି ସରିବାକୁ ୫ ବର୍ଷ ସମୟ ଲାଗିବ। ଏହି ଲୋମହର୍ଷଣକାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ଆଶିଷ ମିଶ୍ରାଙ୍କ ପୁଅ ଅଜୟ କୁମାର ମିଶ୍ରା। ତେବେ ଘଟଣାରେ ୨୦୦ ଜଣ ସାକ୍ଷୀ ଥିବାରୁ ଶୁଣାଣି ସାରିବାକୁ ପ୍ରାୟ ୫ ବର୍ଷ ସମୟ ଲାଗିବ ବୋଲି ବର୍ତ୍ତମାନ ମାମଲାର ବିଚାର କରୁଥିବା ଆଡିସନାଲ ସେସନ୍ସ ଜଜ୍ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଘଟଣାରେ ଗିରଫ ହୋଇଥିବା ଆଶିଷ ମିଶ୍ରା ଏବେ ଜେଲରେ ଅଛନ୍ତି। ତାଙ୍କ ଜାମିନ ଆବେଦନର ଶୁଣାଣି କରିବା ବେଳେ ସର୍ବୋଚ୍ଚ ଅଦାଲତ ନିମ୍ନ ଅଦାଲତକୁ ଶୁଣାଣି କେବେ ସରିବ ବୋଲି ନିର୍ଦ୍ଦିଷ୍ଟ



ଭାବେ ଜଣାଇବାକୁ କହିଥିଲେ। ଏହି ନିର୍ଦ୍ଦେଶ ପରେ ଟ୍ରାଏଲ କୋର୍ଟ ଜଜ୍ ଷ୍ଟାଟସ ରିପୋର୍ଟ ଗୋଟିଏ ବନ୍ଦ ଲଫାପାରେ ସୁପ୍ରିମକୋର୍ଟଙ୍କୁ ଦେଇଛନ୍ତି। ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଭି ରାମସୁବ୍ରମଣିଅନଙ୍କ ଖଣ୍ଡପୀଠ ଏହି ରିପୋର୍ଟକୁ ଅନୁଧ୍ୟାନ କରିବା ପରେ କହିଛନ୍ତି ଯେ, ନିମ୍ନ ଅଦାଲତରଟ ଜଜ୍ ଦେଇଥିବା ତଥ୍ୟ ଅନୁସାରେ ଶୁଣାଣି ଶେଷ ହେବାକୁ ୫ ବର୍ଷ ସମୟ ଲାଗିବ। ଏହି ରିପୋର୍ଟରେ କୁହାଯାଇଛି ଯେ ଘଟଣାରେ ୨୦୮ ଜଣ ସାକ୍ଷୀ ରହିଛନ୍ତି। ସେହିପରି ୧୭୧ଟି ଦସ୍ତାବିଜ ଓ ୨୭ ଏଫଏସ୍ଏଲ ରିପୋର୍ଟ ରହିଛି। ଏଗୁଡ଼ିକୁ ଅନୁଶୀଳନ କରିବାକୁ ସମୟ ଲାଗିବ। ଅଭିଯୁକ୍ତ ଆଶିଷ ମିଶ୍ରା ଜାମିନ ଆବେଦ କରିବା ବେଳେ କହିଥିଲେ ଯେ ମାମଲାର ଶୁଣାଣି ସରିବାରୁ ଅନେକ ବର୍ଷ ଲାଗିବ। ଘଟଣା ପାଇଁ ସେ ବର୍ଷେରୁ ଅଧିକ ସମୟ ଜେଲରେ କାଟି ସାରିଲେଣି। ତେଣୁ ତାଙ୍କୁ ଜାମିନ ଦିଆଯାଉ। ତେବେ ଏହାକୁ ଘଟଣାରେ ପ୍ରାଣ ହରାଇଥିବା ଚାଷୀଙ୍କ ପରିବାର ଲୋକ ଜୋରଦାର ବିରୋଧ କରିଥିଲେ। ଅଭିଯୁକ୍ତଙ୍କୁ କୌଣସି ପ୍ରକାରର ସୁରକ୍ଷା ଦିଆଯାଇ ପାରିବ ନାହିଁ ବୋଲି ସେମାନେ କହିଥିଲେ। ସେମାନଙ୍କ କହିବା କଥା ଯେ ଆଶିଷ ମିଶ୍ରା ୫ ଜଣ ଚାଷୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରିଛନ୍ତି। ଘଟଣାର ସାକ୍ଷୀମାନଙ୍କୁ ସରକାର ସୁରକ୍ଷା ଦେଇଥିଲେ ମଧ୍ୟ ସେମାନଙ୍କୁ ନିୟମିତ ଧମକ ମିଳୁଛି। ତେଣୁ ଆଶିଷ ମିଶ୍ରା ଜାମିନ ପାଇଲେ ସାକ୍ଷୀଙ୍କୁ ପ୍ରଭାବିତ କରିବେ ବୋଲି ପୀଡ଼ିତମାନେ ଯୁକ୍ତି ଉପସ୍ଥାପନ କରିଥିଲେ। ୨୦୨୧ ମସିହା ଅକ୍ଟୋବର ୩ରେ ଚାଷୀମାନେ ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ବିକ୍ଷୋଭ କରୁଥିବା ବେଳେ ସେମାନଙ୍କ ଉପରେ ଗାଡ଼ି ମଡ଼ାଇ ଦିଆଯାଇଥିଲା। ଏଥିରେ ୪ ଜଣ ଚାଷୀଙ୍କ ମୃତଭ୍ୟ ଘଟିଥିବା ବେଳେ ଏହା ପରେ ପ୍ରବଳ ହିଂସାକାଣ୍ଡ ଘଟିଥିଲା। ଫଳରେ ଆଉ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଜଣେ ସାମ୍ବାଦିକ ମଧ୍ୟ ଏହି ପୂରା ଘଟଣାରେ ଜୀବନ ହରାଇଥିଲେ।

**ପାକିସ୍ତାନ ସ୍ଥିତି ସାଂଘାତିକ**

# ମହଙ୍ଗା ମାଡରେ ଲୋକେ ଉହଳ ବିକଳ

**ଇସଲାମାବାଦ :** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ସ୍ଥିତି ସାଂଘାତିକ ହେବାରେ ଲାଗିଛି। ମହଙ୍ଗା ମାଡ଼ରେ ଲୋକମାନେ ଆଉଟ ପାଉଟ ହେଉଛନ୍ତି। ଦୈନନ୍ଦିନ ବ୍ୟବହାର ହେଉଥିବା ଜିନିଷର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି। ଦର ବୃଦ୍ଧି ଯୋଗୁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୨୨ରେ ପାକିସ୍ତାନ ଭୟଙ୍କର ବନ୍ୟାର ସମ୍ମୁଖୀନ ହୋଇଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟରୁ ଦେଶ ମୁକୁଳିବାକୁ ଚେଷ୍ଟା କରୁଥିବା ବେଳେ ଏବେ ବର୍ଦ୍ଧିତ ମୁଦ୍ରାସ୍ଫୀତି ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି। ପାକିସ୍ତାନରେ ପିଆଜର କେଜି ପିଛା ଦାମ ୫୦୧% ବଢ଼ିଛି। ୨୦୨୨ ଜାନୁଆରୀ ୬ରେ ପିଆଜ ଦାମ ପାକିସ୍ତାନ ମୁଦ୍ରାରେ ୩୬.୭ ଟଙ୍କା ଥିଲା। ହେଲେ ୨୦୨୩ ଜାନୁଆରୀ ୬ ବେଳକୁ ଏହାର ଦାମ ୨୨୦.୪ ଟଙ୍କା ହୋଇଯାଇଛି। ଅର୍ଥାତ ବର୍ଷକ ମଧ୍ୟରେ ପିଆଜର ଦାମ ୫୦୧.୨% ମହଙ୍ଗା ହୋଇଛି। ଡିଜେଲ ଦାମ ୬୧% ବଢ଼ିଥିବା ବେଳେ ପେଟ୍ରୋଲ ୪୮% ମହଙ୍ଗା ହୋଇଛି। ଚାଉଳ, ଡାଲି, ଅଟା ଓ ମଇଦାର କେଜି ପିଛା ଦାମ ମଧ୍ୟ ୫୦%ରୁ ଅଧିକ ବଢ଼ିଛି। ସ୍ଥିତି ଏପରି ହୋଇଛି ଯେ ପାକିସ୍ତାନବାସୀ ଚିକେନ ଦାମ ଶୁଣି ଏଥିରେ ହାତ ମାରିବାକୁ ଭୟ କରୁଛନ୍ତି। ଚିକେନ ଦାମ ପାକିସ୍ତାନ ମୁଦ୍ରାରେ କେଜି ପ୍ରତି ୨୦୧.୧



ଟଙ୍କା ଥିଲା। କିନ୍ତୁ ଏବେ ଏହା ୩୮୩.୫ ଟଙ୍କାରେ ପହଞ୍ଚିଛି। ଚିକେନ ଦାମ ୫୧.୫% ବଢ଼ିଛି। ଡାଲି କେଜି ପ୍ରତି ୧୫୦.୭ ଟଙ୍କା ଥିବା ବେଳେ ଏବେ ୨୨୮.୪ ଟଙ୍କା, ଲୁଣ ୩୨.୯ ଟଙ୍କାରୁ ବଢ଼ି ୪୯.୧ ଟଙ୍କା, ମୁଗ ଡାଲି ୧୭୧ ଟଙ୍କାରୁ ଯାଇ ୨୫୨ ଟଙ୍କା, ବାସୁମତି ଚାଉଳ ୧୦୦.୩ ଟଙ୍କା ବଦଳରେ ୧୪୬.୬ ଟଙ୍କା ଓ କଦଳୀ ୧୨ଟାକୁ ୮୨.୨ ଟଙ୍କା ଦେବାକୁ ପଡୁଥିବା ବେଳେ ଏବେ ଏହା ୧୧୯.୭ ଟଙ୍କାରେ ପହଞ୍ଚିଛନ୍ତି। ଏହାବାଦ ସୋରିଷ ତେଲର ଲିଟର ପିଛା ଦାମ ୩୭୪.୬ ଟଙ୍କା ବଦଳରେ ୫୩୨.୫ ଟଙ୍କା ହୋଇଛି। ଗୋଟିଏ ପ୍ୟାକେଟ ବ୍ରେଡର ଦାମ ୬୫ ଟଙ୍କାରୁ ଯାଇ ୮୯ ଟଙ୍କା ଓ କ୍ଷୀର ଲିଟର ପିଛା ୧୧୪.୮ଟଙ୍କାରୁ ଯାଇ ୧୪୯.୭ ଟଙ୍କାରେ ବିକ୍ରି ହେଉଛି। ମୋଟ ଉପରେ ପାକିସ୍ତାନର ମୁଦ୍ରାସ୍ଫୀତି ବର୍ଷକ ଭିତରେ ୨ ଗୁଣା ବଢ଼ିଛି। ୨୦୨୧ ଡିସେମ୍ବରରେ ଦେଶର ମୁଦ୍ରାସ୍ଫୀତି ୧୨.୩% ଥିବା ବେଳେ ୨୦୨୨ ଡିସେମ୍ବର ସୁଦ୍ଧା ଏହା ୨୪.୫%ରେ ପହଞ୍ଚିଥିବା ଷ୍ଟେଟ ବ୍ୟାଙ୍କ ଅଫ ପାକିସ୍ତାନ ସୂଚନା ଦେଇଛି। ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟ ବଢୁଥିବାରୁ ଏହାର ପ୍ରଭାବରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଖାଦ୍ୟ ମୁଦ୍ରାସ୍ଫୀତି ୨୦୨୧ ଡିସେମ୍ବରରେ ୧୧.୭% ଥିବା ବେଳେ ୨୦୨୨ ଡିସେମ୍ବର ବେଳକୁ ଏହା ୩ ଗୁଣା ବଢ଼ି ୩୨.୭% ଛୁଇଁଛି। ପାକିସ୍ତାନ ସ୍ଥିତି ସୁଧାରିବାକୁ ଆମଦାନୀ ଉପରେ ଗୁରୁତ୍ୱ ଦେଉଛି। କିନ୍ତୁ ଦେଶର ବିଦେଶୀ ମୁଦ୍ରାପାଣ୍ଠି ମଧ୍ୟ ଶେଷ ହେବାକୁ ବସିଲାଣି। ୨୦୨୨ରେ ଶ୍ରୀଲଙ୍କାର ଯେଉଁଭଳି ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଥିଲା, ଏବେ ପାକିସ୍ତାନ ସେହି ଦିଗରେ ଯାଉଛି।


**ବନୀକରଣ, ଗ୍ରାମବାସୀ ସ୍ଥାନାନ୍ତରଣ ଉପରେ ଗୁରୁତ୍ୱ**

# କାମ୍ପାରେ ଖର୍ଚ୍ଚ ହେବ ୧୦୮୫ କୋଟି



**ଭୁବନେଶ୍ୱର :** ୨୦୨୩-୨୪ ଆର୍ଥିକ ବର୍ଷରେ କ୍ଷତିପୂରଣ ବୃକ୍ଷରୋପଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ(କାମ୍ପା) ଯୋଜନାରେ ୧୦୮୪.୯୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। କାମ୍ପା ଷ୍ଟିୟରିଂ କମିଟି ବୈଠକରେ ଏସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯିବା ସହ କେନ୍ଦ୍ର ସରକାରଙ୍କ ବିଚାର ପାଇଁ ପଠାଇବାକୁ ନିଷ୍ପତ୍ତି ହୋଇଛି। ଏହି ଯୋଜନା ମାଧ୍ୟମରେ ଓଡ଼ିଶାରେ ବ୍ୟାପକ ବନୀକରଣ ସାଙ୍ଗକୁ ପୁରୁଣା ବନୀକରଣର ରକ୍ଷଣାବେକ୍ଷଣ, ବନାଗ୍ନିରୁ ଜଙ୍ଗଲକୁ ସୁରକ୍ଷା, ବାଉଁଶ ଜଙ୍ଗଲ ସୃଷ୍ଟି, ଜଙ୍ଗଲ ଜମିର ମାଟି ଓ ଆର୍ଦ୍ରତାର ସଂରକ୍ଷଣ, ବନ୍ୟପ୍ରାଣୀ ପରିଚାଳନା, ଜଙ୍ଗଲରେ ବସବାସ କରୁଥିବା ଗ୍ରାମବାସୀଙ୍କୁ ସ୍ଥାନାନ୍ତର, ଜଙ୍ଗଲ ଭିତ୍ତିଭୂମିର ବିକାଶ, ତାଲିମ ଓ ଗବେଷଣା, ଦକ୍ଷତା ବିକାଶ, ଜଙ୍ଗଲ ଆଇଟି ଆଣ୍ଡ୍ ଜିଆଇଏସ୍, ୧୮ମାସିଆ ଚାରା ସୃଷ୍ଟି, ଲୋକଙ୍କ ମଧ୍ୟରେ ସଚେତନତା, ମନିଟରିଂ ଓ ସମୀକ୍ଷା, ସମସ୍ତ ଜଙ୍ଗଲ ଅଞ୍ଚଳର ଡିଜିପିଏସ୍ ସର୍ଭେ ଆଦି କାର୍ଯ୍ୟକ୍ରମ କରାଯିବ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାମ୍ପା ବୈଠକରେ ବନ୍ୟଜନ୍ତୁ ପରିଚାଳନା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଥିଲା। ବ୍ୟାଘ୍ର ଅଭୟାରଣ୍ୟରୁ ଗ୍ରାମବାସୀଙ୍କୁ ସ୍ଥାନାନ୍ତର ଉପରେ ପ୍ରାଥମିକତା ଦିଆଯାଇଥିଲା। ଏଥିସହ ବନ୍ୟପ୍ରାଣୀ ଡିଭିଜନ୍‌ଗୁଡ଼ିକରେ ପ୍ରତିଦିନ ଯେପରି ମନିଟରିଂ କରାଯାଇପାରିବ ସେଥିପାଇଁ ଭିଏଚ୍‌ଏଫ୍ ନେଟ୍‌ୱାର୍କିଂକୁ ଅଧିକ ସୁଦୃଢ଼ କରିବା, ଜଙ୍ଗଲ ଶ୍ରମିକଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ଗ୍ରାମ ପଞ୍ଚାୟତ ସ୍ତରରେ ୧୦୦ ଦିନର କାମକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ମଣିଷ-ବନ୍ୟଜନ୍ତୁ ବିବାଦ ରୋକିବାକୁ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ଚନ୍ଦକା ବନ୍ୟପ୍ରାଣୀ ଡିଭିଜନ୍ ଅଧୀନ ସମସ୍ତ ରାଜସ୍ୱ ଜଙ୍ଗଲକୁ ଚିହ୍ନଟ କରିବା ସହ ହାତୀ କରିଡର୍ ବିକାଶ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ କାମ୍ପା ଟ୍ରାକର୍ଙ୍କ ଦ୍ୱାରା ବନୀକରଣ କାର୍ଯ୍ୟକ୍ରମକୁ ମନିଟରିଂ କରାଯାଉଛି। ବରିଷ୍ଠ ଅଧିକାରୀମାନେ ପ୍ରତି ୬ମାସରେ ସାଟେଲାଇଟ୍‌ରୁ ସଂଗୃହୀତ ତଥ୍ୟକୁ ଯାଞ୍ଚ କରୁଛନ୍ତି। ୫ବର୍ଷିଆ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ଲାଗି ବିଭାଗୀୟ ଅଧିକାରୀଙ୍କ ଯୁଗ୍ମ ବୈଠକ ଅନୁଷ୍ଠିତ ହେଉଥିବା ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। କାମ୍ପା ସିଇଓ ପ୍ରଦୀପ ରାଜ କରାଟ୍ ବୈଠକରେ ସାମିଲ ହୋଇ ୨୦୨୩-୨୪ ଆର୍ଥିକ ବର୍ଷରେ କାମ୍ପା ବାର୍ଷିକ ଯୋଜନାରେ ୧୦୮୪.୯୪ କୋଟି ଟଙ୍କା ଖର୍ଚ୍ଚ ହେବା ନେଇ ପ୍ରସ୍ତାବ ରଖିଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଯୋଗଦେଇ ବନାଗ୍ନି ରୋକିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇ ଯୋଜନା ପ୍ରସ୍ତୁତ କରି ତାହାକୁ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରାଇବାକୁ କହିଥିଲେ। ଏଥିସହ ସମସ୍ତ ରାଜସ୍ୱ ଜଙ୍ଗଲ ଅଞ୍ଚଳର ରାସ୍ତାଗୁଡ଼ିକର ବିକାଶ ଲାଗି ୫ବର୍ଷିଆ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ପିସିସିଏଫ୍(ବନ୍ୟପ୍ରାଣୀ) ସୁଶିଲ୍ କୁମାର ପୋପଲି, ପିସିସିଏଫ୍(ନୋଡାଲ) ସୁଶାନ୍ତ ନନ୍ଦ, ବିଭାଗୀୟ ଅତିରିକ୍ତ ସଚିବ ଦେବେନ୍ ପ୍ରଧାନ, କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧିକାରୀ ପଦ୍ମା ମହାନ୍ତିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ନବନିଯୁକ୍ତ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ



**ଭୁବନେଶ୍ୱର :** ନବନିଯୁକ୍ତ ଅଧିକାରୀଙ୍କୁ ଦିଗଦର୍ଶନ ଦେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜିଲ୍ଲାସ୍ତରରେ କେନ୍ଦ୍ର ସମବାୟ ବ୍ୟାଙ୍କରେ ଯୋଗ ଦେଇଛନ୍ତି ୨୪୦ ଜଣ ସହକାରୀ ମ୍ୟାନେଜର। ସେହିପରି ୨୬ ଜଣ ସିଷ୍ଟମ ମ୍ୟାନେଜର ମଧ୍ୟ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଚାଷୀଙ୍କ ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ସମବାୟ ବ୍ୟାଙ୍କ ଗୁରୁତ୍ୱ ଭୂମିକା ତୁଲାଉଛି। ନୂଆ କର୍ମଚାରୀ ନିଯୁକ୍ତି ଫଳରେ ଚାଷୀଙ୍କୁ ବ୍ୟାଙ୍କରୁ ଉତ୍ତର ସେବା ମିଳିବ। ଏଥିସହ ଚାଷୀଙ୍କ ସମସ୍ୟାର ତୁରନ୍ତ ସମାଧାନ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଆର୍ଥିକ ସ୍ଥିତି କିଭଳି ସୁଦୃଢ଼ ହୋଇପାରିବ, ସେଥିପାଇଁ କାର୍ଯ୍ୟ କରିଆସୁଛି ସମବାୟ ବ୍ୟାଙ୍କ। ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗଦେଇ ନବନିଯୁକ୍ତଙ୍କୁ ଦିଗଦର୍ଶନ ଦେଇଛନ୍ତି। ସେହିପରି କୃଷି ବିଭାଗରେ ଯୋଗଦେଇଛନ୍ତି ୨୨ ସହକାରୀ କୃଷି ଅଧିକାରୀ। ସେହିପରି କାଜୁ ବିକାଶ ନିଗମରେ ଯୋଗ ଦେଇଛନ୍ତି ୫୩ ଅଧିକାରୀ। କାର୍ଯ୍ୟରେ ଯୋଗ ଦେଇଥିବା ନୂତନ ଅଧିକାରୀଙ୍କୁ ଦିଗଦର୍ଶନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। କୃଷି ହେଉଛି ଏକକ ବୃହତ୍ତମ ନିଯୁକ୍ତିଦାତା। କୃଷି କ୍ଷେତ୍ରରେ ବିକାଶ ପାଇଁ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ୨୦୨୧ରେ ରାଜ୍ୟରେ ରେକର୍ଡ ସଂଖ୍ୟକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ୧୩୦ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି। ଗତ ୨୦ ବର୍ଷ ମଧ୍ୟରେ ଏହା ଦ୍ୱିଗୁଣରୁ ଅଧିକ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। କୃଷି ଓ କୃଷକ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। କାଜୁ ଉତ୍ପାଦନରେ ଓଡ଼ିଶା ଏକ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ। ତେଣୁ ୫ଟି ନୀତି ଅନୁସରଣ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

# ଫେବୃଆରୀ ୨୩ରେ 'ଓଡ଼ିଶା ଟୁରିଜିମ୍ କନ୍‌କ୍ଲେଭ୍'



**ଭୁବନେଶ୍ୱର :** ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଓଡ଼ିଶା ହୋଟେଲ ଆଣ୍ଡ୍ ରେଷ୍ଟୋରାଁ ସଂଘ ପକ୍ଷରୁ ୫ମ 'ଓଡ଼ିଶା ଟୁରିଜିମ୍ କନ୍‌କ୍ଲେଭ୍' ଅନୁଷ୍ଠିତ ହେବାକୁ ଯାଉଛି। ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲଠାରେ ଫେବୃଆରୀ ୨୩ରେ 'ଓଡ଼ିଶା ଟୁରିଜିମ୍ କନ୍‌କ୍ଲେଭ୍'ର ଏହି ୫ମ ସଂସ୍କରଣର ଆୟୋଜନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ୍ ରେଡ୍ଡୀ, ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଜ୍ୟ ଶିଳ୍ପ ମନ୍ତ୍ରୀ ପ୍ରତାପ କୁମାର ଦେବ ଯୋଗଦେବେ। 'ଓଡ଼ିଶା ଟୁରିଜିମ୍ କନ୍‌କ୍ଲେଭ୍'ରେ ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରରୁ ଅନେକ ବିଶେଷଜ୍ଞ ଟ୍ରାଭେଲ ଏଜେଣ୍ଟ, ଟୁର୍ ଅପରେଟର, ଅନ୍ତର୍ଜାତୀୟ ଏୟାରଲାଇନ୍ସ, ବେସାମରିକ ବିମାନ ଚଳାଚଳ କ୍ଷେତ୍ରର କର୍ତ୍ତୃପକ୍ଷମାନେ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ହୋଟେଲ ଆଣ୍ଡ୍ ରେଷ୍ଟୋରାଁ ସଂଘ ଏବଂ ଆଇଏଟିଓ ପୂର୍ବାଞ୍ଚଳ କ୍ଷେତ୍ରର ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି। ବିଗତ ୪ ବର୍ଷ ହେବ ରାଜ୍ୟ ପର୍ଯ୍ୟଟନ ବିଭାଗ 'ଓଡ଼ିଶା ଟୁରିଜିମ୍ କନ୍‌କ୍ଲେଭ୍'କୁ ସକ୍ରିୟ ଭାବେ ସମର୍ଥନ କରିଥିବାରୁ ଶ୍ରୀ ମହାନ୍ତି ଧନ୍ୟବାଦ ଦେଇଛନ୍ତି।

# ଭଙ୍ଗା ଖଟରେ ଶୋଉଛନ୍ତି ଶ୍ରୀଜଗନ୍ନାଥ !

**ପୁରୀ :** କୋଟି କୋଟି ସମ୍ପତ୍ତିର ମାଲିକ ତଥା କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭାଙ୍ଗି ଯାଇଥିବା ଗଜଦନ୍ତ ପଲଙ୍କରେ ଶୋଇବାକୁ ଦିଆଯାଉଛି। ଏହାକୁ ନେଇ ପରିଚାଳନା କମିଟି ସଦସ୍ୟ ଓ ସେବାୟତମାନେ ଆଜି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗଜଦନ୍ତ ପଲଙ୍କର ପ୍ରଯତ୍ନ କିମ୍ବା ମରାମତି ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ଉଚିତ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ମାନବଲୀଳା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ବଡ଼ଠାକୁର ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ପ୍ରତିଦିନ ରାତିରେ ଶୟନ ଯାଇଥାନ୍ତି। ଶ୍ରୀମନ୍ଦିର ଭିତର କାଠ ଡାହାଣପାର୍ଶ୍ୱ ଭଣ୍ଡାର ଘର ସମ୍ମୁଖରେ ଶ୍ରୀଜୀଉଙ୍କ ଶୟନ କକ୍ଷ ରହିଛି। ଏହିଠାରେ ଶ୍ରୀଜିଉଙ୍କ ଗଜଦାନ୍ତ ପଲଙ୍କ ପଡ଼ିଛି। ଏହା ଉପରେ ଶେଯ, ତକିଆ, ମଖମଲ ବେଡସିଟ୍ ପ୍ରଭୃତି ଶୟନ ପାଇଁ ରହିଛି। ମହାପ୍ରଭୁ ବଡ଼ସିଂହାର ବେଶ ଓ ବଡ଼ସିଂହାର ଭୋଗ ସରିବା ପରେ ଶୟନ ନୀତି ଅନୁଷ୍ଠିତ ହୋଇଥାଏ। ଭଣ୍ଡାର ଘରଠାରେ ନିଦ୍ରା ଦେବୀ ଥାନ୍ତି। ବଡ଼ ଆଡ଼ର ପାଳିଆ ପୁଷ୍ପାଳକ ନିଦ୍ରା ଦେବୀଙ୍କୁ ରତ୍ନ ସିଂହାସନକୁ ବିଜେ କରାଇଥାନ୍ତି। ରତ୍ନ ସିଂହାସନ ଉପରେ ମହାପ୍ରଭୁଙ୍କ ଆଳତି ହୁଏ। ତିନିବାଡ଼ରେ ତିନୋଟି ଆଳତି କରାଯାଇଥାଏ। ଆଳତି ସରିବା ପରେ ନିଦ୍ରାଦେବୀ ଜୟ-ବିଜୟ ଦ୍ୱାର ଉପରେ ବିଜେ କରିଥାନ୍ତି। ଜୟ-ବିଜୟ ଦ୍ୱାର ପାଖରେ ଆଳତି, ବନ୍ଦାପନା ପରେ ନିଦ୍ରାଦେବୀ ଏକମୁହାଁ ହୋଇ ମହାପ୍ରଭୁଙ୍କ ପାଖକୁ ଯାଇଥାନ୍ତି। ମହାପ୍ରଭୁଙ୍କ ପଲଙ୍କରେ ବିଜେ କରିଥାନ୍ତି। ପରେ ମହାପ୍ରଭୁଙ୍କ ଶୟନ ନୀତି ହୋଇଥାଏ। ଶୟନ ନୀତି ପରେ ପହୁଡ଼ ସହ ଦ୍ୱାର ପଡ଼େ। ଶ୍ରୀଜିଉଙ୍କ ପାଇଁ ତିନୋଟି ପଲଙ୍କ ରହିଛି। ବଡ଼ଠାକୁର ବଳଭଦ୍ରଙ୍କର ଗୋଟିଏ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପାଇଁ ଗୋଟିଏ ଓ ଦେବୀ ସୁଭଦ୍ରାଙ୍କର ଗୋଟିଏ ପଲଙ୍କ ରହିଛି। ରତ୍ନ ପଲଙ୍କ ତଦାରଖ ଦାୟିତ୍ୱ ଖଟଶେଯ ସେବାୟତଙ୍କର। ହେଲେ ରତ୍ନ ପଲଙ୍କ ସ୍ଥିତି ଦେଖି ସେବାୟତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର ଓ ମାଧବ ଚନ୍ଦ୍ର ପୂଜାପଣ୍ଡା କହିଛନ୍ତି, ପ୍ରତିଦିନ ବ୍ୟବହାର ହେଉଥିବାରୁ ମହାପ୍ରଭୁଙ୍କ ଗଜଦନ୍ତ ପଲଙ୍କର ଗୋଡ଼ ଗୁଡ଼ିକ ହୁଗୁଳା ହୋଇ ହଲୁଛି। ଏହା କେତେବେଳେ ବି ଭାଙ୍ଗି ପଡ଼ିବା ଆଶଙ୍କା ରହିଛି। ରଥଯାତ୍ରା ସମୟରେ ଏହାକୁ ମରାମତି କରିବା କିମ୍ବା ଆଉ ଗୋଟିଏ ସେଟ୍ ଗଜଦନ୍ତ ପଲଙ୍କ ତିଆରି କରିବାକୁ ପ୍ରଶାସନ ନିକଟରେ ନିବେଦନ ରଖାଯାଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରାଯାଉନି। ତେଣୁ ମହାପ୍ରଭୁଙ୍କ ନୀତିକୁ ଆଗକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସରକାର ପଦକ୍ଷେପ ନେବା ଜରୁରୀ। ହାତୀ ଦାନ୍ତ ସଂଗ୍ରହକୁ ନେଇ ଅନେକ କଟକଣା ଥିଲେ ହେଁ ବନ ବିଭାଗ ପକ୍ଷରୁ ଜବତ କରାଯାଉଥିବା ହାତୀ ଦାନ୍ତକୁ ବ୍ୟବହାର କରି ମହାପ୍ରଭୁଙ୍କ ନିମନ୍ତେ ଗଜଦନ୍ତ ପଲଙ୍କ ପ୍ରସ୍ତୁତ କରାଯାଇପାରିବ। ସରକାର ଏହା ଉପରେ ବିଚାର କରିବା ଉଚିତ୍। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ମହାପ୍ରଭୁ ଶୋଉଥିବା ଖଟ, ଶେଯ, ମାଣ୍ଡି ପୁରୁଣା ହୋଇ ଯାଇଥିବା ଅଭିଯୋଗରେ କୌଣସି ସତ୍ୟତା ନାହିଁ। ମୁଁ ନିଜେ ସ୍ଥିତି ଅନୁଧ୍ୟାନ କରିଛି। ପଲଙ୍କ ପାଇଁ ନୂଆ ଶେଯ, ମାଣ୍ଡି ଆଦି କିଣାଯାଇଛି। ନିୟମିତ ବ୍ୟବଧାନରେ ଶେଯ, ମାଣ୍ଡି ବଦଳାଯାଉଛି। ବାକି ନୂଆ ଖଟ ତିଆରି କରିବାକୁ ଯୋଜନା ପ୍ରସ୍ତୁତ ସରିଛି। ଖୁବଶୀଘ୍ର ଏହି କାମ ଆରମ୍ଭ ହେବ। ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ଏହି ସମସ୍ୟା ନେଇ ପ୍ରଶାସନିକ ସ୍ତରରେ ଆଲୋଚନା କରାଯାଇ ଉଚିତ୍ ପଦକ୍ଷେପ ନିଆଯିବ।


**୫-ଜି ଯୁଗରେ ଡ଼ାକଘରେ ଚାଲୁନାହିଁ ୨-ଜି**

# ନେଟ୍‌ୱାର୍କ ନାହିଁ, ଉପଭୋକ୍ତା ହନ୍ତସନ୍ତ




**ଭୁବନେଶ୍ୱର :** ଭାରତ ସରକାର ଦେଶରେ ୫-ଜି ସେବା ଆରମ୍ଭ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। କ୍ଷଣିକରେ ଇଣ୍ଟରନେଟ୍ ସେବା ମିଳିବ ବୋଲି କହୁଛନ୍ତି। ୫-ଜି ସେବା ଆରମ୍ଭ କରି କେନ୍ଦ୍ର ମନ୍ତ୍ରୀମାନେ ଦୁଇ ବର୍ଷରେ ସାରା ରାଜ୍ୟରେ ଇଣ୍ଟରନେଟ୍ ଘନତ୍ୱ ଶତ ପ୍ରତିଶତ ହେବ ବୋଲି କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ୫-ଜି ସେବା ଆରମ୍ଭ ହୋଇଥିବା ରାଜ୍ୟ ରାଜଧାନୀରେ ବି ୨-ଜି ସେବା ମିଳୁନାହିଁ। ଇଣ୍ଟରନେଟ୍ ସମସ୍ୟା ଯୋଗୁଁ ଦୁଇଦିନ ହେଲା ରାଜ୍ୟର ସବୁ ଡ଼ାକଘରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ତେବେ ଇଣ୍ଟରନେଟ୍ ବ୍ୟବସ୍ଥା ଅଚଳ ହୋଇଯିବା ନେଇ ଉପଭୋକ୍ତାଙ୍କ ନିକଟରେ କୌଣସି ପୂର୍ବ ସୂଚନା ନାହିଁ। ତେଣୁ ଦୂରଦୂରାନ୍ତରୁ ଲୋକେ ଡାକ ଘରକୁ ଆସି ନିରାଶରେ ଫେରୁଛନ୍ତି। ସୂଚନା ଅନୁସାରେ ଗତ ୯ ତାରିଖରେ ଡାକ ଘର ଖୋଲିବା ପରଠାରୁ ଇଣ୍ଟରନେଟ୍ ବ୍ୟବସ୍ଥା ଅଚଳ ହୋଇପଡ଼ିଥିବା ଦେଖାଯାଇଥିଲା। କାମରେ ଆସିଥିବା ଉପଭୋକ୍ତା ବହୁ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ସମସ୍ୟା ସମାଧାନ ହେବ କି ନାହିଁ କର୍ମଚାରୀଙ୍କ ପାଖରେ ଉତ୍ତର ନଥିଲା। ହେଲେ ସ୍ଥିତିରେ ସୁଧାର ନ ଆସିବାରୁ ଲୋକେ ନିରାଶ ହୋଇ ଫେରିଥିଲେ। ଏବେ ଡାକବିଭାଗରେ ଅଧିକାଂଶ କାର୍ଯ୍ୟ ଅନ୍‌ଲାଇନ୍‌ରେ ସମ୍ପାଦିତ ହେଉଛି। ଡାକ ବିଭାଗର ବ୍ୟାଙ୍କ ସେବା ମଧ୍ୟ ରହିଛି। ଭୁବନେଶ୍ୱରରେ ଥିବା ଏକ ଡାକଘକୁ ଆସିଥିବା ଜଣେ ଉପଭୋକ୍ତା କହିଛନ୍ତି ଦୁଇ ଦିନ ହେଲାଣି ସ୍ପିଡ୍ ପୋଷ୍ଟ କରିବା ପାଇଁ ଆସି ନିରାଶ ହେଉଛି। ସ୍ଥିତି କେବେ ସ୍ୱାଭାବିକ ହେବ ତାହାର ଉତ୍ତର ମିଳୁ ନାହିଁ। ଯଦି ସମସ୍ୟା ଅଛି ତା ହେଲେ ଉପଭୋକ୍ତାମାନଙ୍କୁ ସୂଚନା ଦିଆଯିବା ଜରୁରୀ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କରେ ନେଟ୍‌ୱାର୍କ ସମସ୍ୟା ଦେଖା ଦେଇଥାଏ। ହେଲେ କିଛି ସମୟ ପରେ ତାହା ପୁଣି ସ୍ୱାଭାବିକ ହୋଇଥାଏ। ହେଲେ ଡାକ ବିଭାଗ ଭଳି ଏକ ପ୍ରମୁଖ ଅନୁଷ୍ଠାନରେ ଦୁଇ ଦିନ ଧରି ଇଣ୍ଟରନେଟ୍ ସମ୍ପୂର୍ଣ୍ଣ ଅଚଳ ହୋଇଯିବା କିଛି ଛୋଟ କଥା ନୁହେଁ। ଆଗକୁ ଯେପରି ଏହାର ପୁନରାବୃତ୍ତି ନହୁଏ ତାହା ଉପରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ ବୋଲି ସେ କହିଛନ୍ତି। ସମସ୍ତ ଡାକଘରେ ଜୀବନ ବୀମା, ଗ୍ରାମୀଣ ଜୀବନ ବୀମା, ଦୁର୍ଘଟଣା ବୀମା, ଟ୍ରେନ୍ ଟିକଟ ବୁକିଂ, ସଞ୍ଚୟ ଖାତା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ସୁକନ୍ୟା ସମୃଦ୍ଧି, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ନ୍ୟାସନାଲ ସେଭିଙ୍ଗସ୍ ସାର୍ଟିଫିକେଟ୍, କିସାନ ବିକାଶ ପତ୍ର ଭଳି ବିଭିନ୍ନ ପ୍ରକାର ଆର୍ଥିକ ସେବା ଉପଲବ୍ଧ କରାଯାଇଛି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ପ୍ରତି ୫ କିମି ଦୂରତା ମଧ୍ୟରେ ଅନ୍ତତଃ ଗୋଟିଏ ଡାକ ଘର ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସମ୍ପ୍ରତି ରାଜ୍ୟରେ ୮୪୯୦ ଡାକ ଘର ଥିବା ବେଳେ ୩୫ଟି ପ୍ରଧାନ ଡାକଘର, ୩୫ଟି ମୁଖ୍ୟ ଡାକ ଘର, ୧୧୪୨ଟି ଉପ ଡାକ ଘର ଏବଂ ୭୨୭୮ଟି ଶାଖା ଡାକ ଘର ରହିଛି। ସେହିପରି ରାଜ୍ୟର ୧୫ଟି ମାଓ ପ୍ରଭାବିତ ଜିଲ୍ଲାରେ ୧୨ଟି ପ୍ରଧାନ ଡାକ ଘର, ୩୭୩ ମୁଖ୍ୟ ଡାକ ଘର ଏବଂ ୨୮୧୫ଟି ଶାଖା ଡାକ ଘର କାର୍ଯ୍ୟ କରୁଛି। ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ମାଓ ଉପଦ୍ରୁତ ଜିଲ୍ଲାରେ ୩୧୨ଟି ଶାଖା ଡାକ ଘର ଖୋଲା ଯାଇଛି। ଓଡ଼ିଶାରେ ଦୈନିକ ୨ ଲକ୍ଷ ସ୍ପିଡ୍ ପୋଷ୍ଟ ଏବଂ ୧୦ ଲକ୍ଷ ସାଧାରଣ ଡାକ ପରିଚାଳନା କରାଯାଉଛି। କୋର୍ ବ୍ୟାଙ୍କିଙ୍ଗ୍ ସିଷ୍ଟମ୍ (ସିବିଏସ୍) ସହିତ ଡାକ ଘରକୁ ଯୋଡ଼ାଯାଇଛି। ଏପରିସ୍ଥଳେ ୪୮ ଘଣ୍ଟା ଧରି ନେଟ୍‌ୱାର୍କ ଅଚଳ ହୋଇରହିବା ଚିନ୍ତା ସୃଷ୍ଟି କରିଛି।

# ଫେବୃଆରୀରୁ ଗରମ




**ଭୁବନେଶ୍ୱର :** ଆସନ୍ତା ଫେବୃଆରୀ ୧୫ ଠାରୁ ଗରମ ଅନୁଭବ ହେବ। ଏନେଇ ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ଶରତ ସାହୁ। ୩୫ ରୁ ୩୭ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ଥିବା ଜଣାପଡ଼ିଛି। ଏପଟେ ରାଜ୍ୟରେ ଏବେ ଶୀତ ହ୍ରାସ ପାଇବ ବୋଲି କହିଛନ୍ତି ପାଣିପାଗ ବୈଜ୍ଞାନିକ ଉମାଶଙ୍କର ଦାସ। ଚଳିତ ବର୍ଷ ଗ୍ରୀଷ୍ମର ପ୍ରଭାବ ଫେବୃଆରୀ ମାସରୁ ଆରମ୍ଭ ହେବ। ଫେବୃଆରୀ ୧୫ ଠାରୁ ବଢ଼ିବ ତାପମାତ୍ରା। ପାଖାପାଖି ୩୫ ରୁ ୩୭ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ଶରତ ସାହୁ। ଚଳିତ ବର୍ଷ ରାଜ୍ୟରେ ପଶ୍ଚିମ ବାହୁ ପ୍ରଭାବ ପଡିନଥିବାରୁ ଶୀତ ଦିନିଆ ବର୍ଷା ହୋଇନଥିବାରୁ ଖରା ଅଧିକ ହେବାକୁ ନେଇ ପୂର୍ବାନୁମାନ କରାଯାଉଛି। ତେବେ ଏହାର ସଠିକ୍ ଆକଳନ ଫେବୃଆରୀ ମାସରେ ଜଣାପଡିବ। କିନ୍ତୁ ଅନୁମାନ କରାଯାଉଛି ଏଥର ଗ୍ରୀଷ୍ମ ପ୍ରଭାବ ମଧ୍ୟ ଅଧିକ ରହିବ ବୋଲି କହିଛନ୍ତି ଶରତ ଚନ୍ଦ୍ର ସାହୁ। ଲାଲିନୋ ପ୍ରଭାବ ଥିଲେ ଖରା ମଧ୍ୟ ଅଧିକ ହୋଇଥାଏ। ତେବେ ଚଳିତ ବର୍ଷ ଲାଲିନୋ ପ୍ରଭାବ ଥିବାରୁ ଖରା ହେବାକୁ ନେଇ ମନା କରାଯାଇ ପାରିବ ନାହିଁ ବୋଲି ପାଣିପାଗ ବୈଜ୍ଞାନିକ କହିଛନ୍ତି। କିନ୍ତୁ ଏହାର ପୂର୍ବାନୁମାନ ଫେବୃଆରୀ ମାସରେ ଜଣାପଡିବ ବୋଲି ସେ କହିଛନ୍ତି। ଏପଟେ ରାଜ୍ୟରେ ୩ଦିନ ପର୍ଯ୍ୟନ୍ତ ଶୀତ ଲହରି ଅନୁଭବ ହୋଇଥିବା ବେଳେ ଏହା ପ୍ରଭାବ କମିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ୨୪ ଘଣ୍ଟା ପରେ ରାଜ୍ୟରେ ରାତି ତାପମାତା ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଚଳିତ ବର୍ଷ ଶୀତ ଅଧିକ ପଡିନଥିବା ବେଳେ ମାତ୍ର ୪ଦିନ ଶୀତ ଲହରି ଅନୁଭୂବ ହୋଇଛି। ଯାହାକି ୨୦୨୦ରେ ୧୨ଦିନ ପର୍ଯ୍ୟନ୍ତ ଥିଲା।

**ପର୍ଯ୍ୟଟନରେ ବାଧକ ସାଜିଛି ହୋଟେଲ୍ ଅଭାବ**

# ବହୁ ପର୍ଯ୍ୟଟନସ୍ଥଳୀ ନିକଟରେ ନାହିଁ ରହିବା ସୁବିଧା

**ଭୁବନେଶ୍ୱର :** କେରଳରେ ରହିଛି ୬୭୨ଟି ତାରକା ହୋଟେଲ, ଦେଶରେ ସର୍ବାଧିକ। ତାମିଲନାଡୁରେ ୧୧୬ଟି, ଗୁଜୁରାଟରେ ୧୦୭ଟି, ମହାରାଷ୍ଟ୍ରରେ ୧୦୨ଟି, ରାଜସ୍ଥାନରେ ୭୨ଟି, ଦିଲ୍ଲୀ ଓ ଗୋଆରେ ୪୪ଟି ତାରକା ହୋଟେଲ ରହିଛି। ଏପରିକି ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ରହିଛି ୮୭ଟି ଓ ଆନ୍ଧ୍ରପ୍ରଦେଶରେ ରହିଛି ୩୪ଟି ତାରକା ହୋଟେଲ। କିନ୍ତୁ ଓଡ଼ିଶାରେ ରହିଛି ମାତ୍ର ୧୬ଟି ତାରକା ହୋଟେଲ୍। ତାରକା ହୋଟେଲ୍‌ର ଅଭାବ ହିଁ ରାଜ୍ୟ ପର୍ଯ୍ୟଟନର ବିକାଶରେ ବାଧକ ସାଜିଛି। ସେଥିପାଇଁ ପ୍ରମୁଖ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାକୁ ପର୍ଯ୍ୟଟକଙ୍କ ଆଗମନ କମ୍ ରହୁଛି। ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ବିଶାଳ ସମ୍ଭାବନା ଥିଲେ ବି ତାହାର ଠିକ୍ ଉପଯୋଗ ଏ ଯାଏ ହୋଇ ନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମି ଓ ଗମନାଗମନ ବ୍ୟବସ୍ଥା ଠିକ୍ ଭାବେ କରାଯାଇ ନାହିଁ। ଯଦିଓ ରାଜ୍ୟ ବଜେଟ୍‌ରେ ପର୍ଯ୍ୟଟନ ବିଭାଗ ପାଇଁ ଗତ ତିନି ବର୍ଷ ହେଲା ଅଧିକ ଅର୍ଥ ବରାଦ କରାଯାଉଛି, କିନ୍ତୁ ତାହା ଯଥେଷ୍ଟ ହେଉ ନାହିଁ। ଏସବୁ ସତ୍ତ୍ୱେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ଜାତୀୟ ଓ ଆନ୍ତର୍ଜାତିକ ସ୍ତରର କାର୍ଯ୍ୟକ୍ରମ ଆଦି ଓଡ଼ିଶାରେ ଆୟୋଜନ କରାଯାଉଥିବାରୁ କିଛି ମାତ୍ରାରେ ରାଜ୍ୟ ତଥା ଦେଶ ବାହାରୁ ପର୍ଯ୍ୟଟକ ଆସୁଛନ୍ତି। ଯେତିକି ଆସୁଛନ୍ତି, ସେମାନଙ୍କୁ ବି ଉପଯୁକ୍ତ ଆତିଥେୟତା ଯୋଗାଇବା ପାଇଁ ଆମର ଭିତ୍ତିଭୂମି ପ୍ରସ୍ତୁତ ନାହିଁ। ବିଶେଷ କରି ବିଦେଶରୁ ଆସୁଥିବା ବହୁ ପର୍ଯ୍ୟଟକ ଆରାମଦାୟକ ରହଣୀ ପାଇଁ ଦାମୀ ହୋଟେଲ୍ ଖୋଜନ୍ତି। କିନ୍ତୁ ତାରକା ହୋଟେଲର ଅଭାବ ଯୋଗୁଁ ସେମାନେ ଏବେ ଓଡ଼ିଶା ଆସିବାକୁ ମୁହଁ ମୋଡୁଛନ୍ତି। ହୋଟେଲ୍ ଆଣ୍ଡ୍ ରେଷ୍ଟୋଁରା ଆସୋସିଏସନ୍(ହାରୋ)ର ତଥ୍ୟ କହୁଛି, ଓଡ଼ିଶାରେ ଏବେ ମାତ୍ର ୧୬ଟି ତାରକା ହୋଟେଲ ରହିଛି। ଏଥିରେ ରୁମ୍ ସଂଖ୍ୟା ହେଲା ୧୨୪୨। ଅର୍ଥାତ ଏକକାଳୀନ ମାତ୍ର ୨୫୦୦ ପର୍ଯ୍ୟଟକଙ୍କ ରହିବା ପରି ଭିତ୍ତିଭୂମି ଆମ ରାଜ୍ୟରେ ଅଛି। ଏହି ତାରକା ହୋଟେଲ୍‌ର ଅଭାବ ଯୋଗୁ ହିଁ ରାଜ୍ୟରେ ଜାତୀୟ ଓ ଆନ୍ତର୍ଜାତିକସ୍ତରର ବଡ଼ ବଡ଼ କାର୍ଯ୍ୟକ୍ରମ ଆୟୋଜନ ସମ୍ଭବ ହୋଇପାରୁ ନାହିଁ। ପରୋକ୍ଷରେ ଏହା ରାଜ୍ୟର ପର୍ଯ୍ୟଟନ ଓ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରୁଛି। ଆଉ ଏକ ଚିନ୍ତାଜନକ ବିଷୟ ହେଲା ରାଜ୍ୟରେ ମୁଖ୍ୟତଃ ତାରକା ହୋଟେଲ ସବୁ ଭୁବନେଶ୍ୱର ଓ ପୁରୀରେ ହିଁ ରହିଛି। ଭୁବନେଶ୍ୱର ଓ ପୁରୀ ଛଡ଼ା ଅବଶିଷ୍ଟ ଓଡ଼ିଶାରେ ଏବେ ୬ ହଜାରରୁ ଅଧିକ ତାରକା ହୋଟେଲ ରୁମ୍‌ର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ୫-ତାରକା ବର୍ଗରେ ୫୦୦ ରୁମ୍, ୩-ତାରକା ବର୍ଗରେ ୨ ହଜାର ରୁମ୍ ଓ ୨-ତାରକା ବର୍ଗରେ ୪ ହଜାର ରୁମ୍ ନିର୍ମାଣ କରିବା ଆବଶ୍ୟକ। ପୁରୀ, ଭୁବନେଶ୍ୱର ଓ ଚିଲିକା ବ୍ୟତୀତ ସାତକୋଶିଆ, ଭିତରକନିକା, କୋରାପୁଟ, ତାଳସରି ବେଳାଭୂମି, ଦାରିଙ୍ଗିବାଡ଼ି, ଫୁଲବାଣୀ ଓ ମୟୂରଭଞ୍ଜ ଆଦି ପର୍ଯ୍ୟଟନସ୍ଥଳ ପର୍ଯ୍ୟଟକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ସେଠାରେ ତାରକା ହୋଟେଲର ଅଭାବ ଓଡ଼ିଶାକୁ ପର୍ଯ୍ୟଟକ ଟାଣିବାରେ ସମର୍ଥ ହେଉନି। ଏ ଦିଗରେ ସରକାରୀ ସ୍ତରରେ ଠୋସ୍ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ହାରୋ ପକ୍ଷରୁ ନିକଟରେ ସରକାରଙ୍କୁ ପର୍ଯ୍ୟଟନର ବିକାଶ ପାଇଁ ଦିଆଯାଇଥିବା ବିଭିନ୍ନ ପ୍ରସ୍ତାବ ମଧ୍ୟରେ ହୋଟେଲ୍ ସଂଖ୍ୟା କିପରି ବଢ଼ିବ, ତାହା ଏକ ପ୍ରମୁଖ ପ୍ରସଙ୍ଗ ରହିଥିଲା। ଭାରତୀୟ ପର୍ଯ୍ୟଟନ ପରିସଂଖ୍ୟାନ-୨୦୨୧ ଅନୁସାରେ ଅଧିକ ସଂଖ୍ୟାରେ ତାରକା ହୋଟେଲର ଉପଲବ୍ଧତା କାରଣରୁ ୨୦୨୦ ମସିହାରେ ସମୁଦାୟ ଭାରତୀୟ ପର୍ଯ୍ୟଟନର ୧୭.୬୦% ବିଦେଶୀ ପର୍ଯ୍ୟଟକ କେବଳ ମହାରାଷ୍ଟ୍ରକୁ ଆସିଥିବା ବେଳେ ତାମିଲନାଡୁକୁ ୧୭.୧୦%, ଉତ୍ତରପ୍ରଦେଶକୁ ୧୨.୪୦% ଓ ଦିଲ୍ଲୀକୁ ୯.୫% ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। ଏପରିକି ପଡ଼ୋଶୀ ରାଜ୍ୟ ବିହାରକୁ ୪.୩୦% ବିଦେଶୀ ପର୍ଯ୍ୟଟକ ଆସିଛନ୍ତି। ଓଡ଼ିଶା ସମେତ ଦେଶର ଅବଶିଷ୍ଟ ୨୦ ରାଜ୍ୟକୁ ମୋଟ ବିଦେଶୀ ପର୍ଯ୍ୟଟକଙ୍କ ୧୨.୪% ଆସିଥିବା ତଥ୍ୟ କହୁଛି। ଅର୍ଥାତ୍ ସେହିବର୍ଷ ଦେଶକୁ ଆସିଥିବା ମୋଟ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାର ୧%ରୁ ବି କମ୍ ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି। ତାହାର ଏକମାତ୍ର କାରଣ ହେଉଛି ଓଡ଼ିଶାରେ ତାରକା ହୋଟେଲର ଅଭାବ। ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଟାଣିବା ପାଇଁ ତାରକା ହୋଟେଲ ଗୁରୁତ୍ୱ କେତେ ତାହା ଏହି ତଥ୍ୟରୁ ସ୍ପଷ୍ଟ ହେଉଛି। ଏଣୁ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଅଧିକରୁ ଅଧିକ ତାରକା ହୋଟେଲ ନିର୍ମାଣ ଦିଗରେ ତତ୍ପରତା ଦେଖାଇବାକୁ ହାରୋ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ଜନ ସୁରକ୍ଷା-ଗଜ ସୁରକ୍ଷା



**ପ୍ରେମାନନ୍ଦ ପାଣିଗ୍ରାହୀ**

ହାତୀ ସହ ମନୁଷ୍ୟର ସମ୍ପର୍କ କିପରି ତାହା ଓଡିଶାର ଲୋକକଥା ଓ ପୁରାଣ କାହାଣୀକୁ ଅନୁଶୀଳନ କଲେ ଜଣାଯାଏ। ଅମୃତ ଲାଭ ଆଶାରେଦେବ ଓ ଦାନବଙ୍କ ସମୁଦ୍ର ମନ୍ଥନ ସମୟରେ ପ୍ରାପ୍ତ ହୋଇଥିବା ନବରତ୍ନ ମଧ୍ୟରୁ ଐରାବତ ହସ୍ତୀ ଅନ୍ୟତମ । ଏହାକୁ ଦେବରାଜ ଇନ୍ଦ୍ର ନିଜ ବାହନ ରୂପେ ପାଖରେ ରଖିଥିଲେ । ଧନଧାନ୍ୟର ଆରାଧ୍ୟ ଦେବୀ ମା ଲକ୍ଷ୍ମୀଙ୍କୁ ଅମୃତ ଜଳ ସିଞ୍ଚନ କରୁଥିବାରୁ ତାଙ୍କୁ ଗଜଲକ୍ଷ୍ମୀ କୁହାଯାଏ । ପ୍ରାୟ ଚାରି ହଜାର ବର୍ଷ ପୂର୍ବରୁ ହାତୀ ମଣିଷର ସମ୍ପର୍କ । କେଉଁ ଆବାହମାନ କାଳରୁ କଳିଙ୍ଗର ମଉଡମଣିଙ୍କୁ ଗଜର ପତି ଗଜପତିର ଆଖ୍ୟା ଦିଆଯାଇ ଆସୁଛି । ସମ୍ରାଟ ଅଶୋକଙ୍କ ସମୟରେ କଳିଙ୍ଗ ହାତୀ ପାଇଁ ଖ୍ୟାତି ଲାଭ କରିଥିଲା । ପୁରାତନ ଇତିହାସ ଅନୁସାରେ କଳିଙ୍ଗର ହାତୀ ଭାରତ ଉପମହାଦେଶରେ ସବୁଠାରୁ ଟାଣୁଆ ଥିଲା । ପୂର୍ବକାଳରେ ରାଜାମହାରାଜାମାନେ ହାତୀଖେଦା ଖୋଳି ହାତୀମାନଙ୍କୁ ଧରୁଥିଲେ । ସେମାନଙ୍କୁ ପୋଷା ମନାଇ ତାଉପରେ ବସି ଶିକାର କରିବାକୁ ଯାଉଥିଲେ । ସେତେବେଳେ ଯାନବାହନର ସୁବିଧା ନଥିବାରୁ ନଅର ପାଇଁ ପଥର,କାଠ ବୋହିବା ଯୁଦ୍ଧରେ ବ୍ୟବହାର କରୁଥିଲେ। ଡାଇନୋସର ପରେ ଏବେ ସ୍ଥଳ ଭାଗର ସବୁଠାରୁ ବିଶାଳ ପ୍ରାଣୀ ହାତୀ । ବନ୍ୟଜନ୍ତୁମାନଙ୍କ ମଧ୍ୟରେ ସେ ସବୁଠାରୁ ବୁଦ୍ଧିଆ । ଏହା ଖୁବ ଶାନ୍ତିପ୍ରିୟ । ଜଙ୍ଗଲର ଶାନ୍ତ ପରିବେଶରେ ବିଚରଣ କରିବାକୁ ସେ ପସନ୍ଦ କରେ । ସବୁଜ ବନାନୀ ଭିତରେ ମନଖୁସିରେ ବୁଲେ ମନ ଖୁସିରେ ଖେଳେ। ଖାଦ୍ୟ ସଂଗ୍ରହ ପାଇଁ ଏ ଜଙ୍ଗଲରୁ ସେ ଜଙ୍ଗଲକୁ ଘୁରି ବୁଲେ । ହାତୀର ପ୍ରକୃତି ହେଉଛି ସେ ଜଙ୍ଗଲର ଡାଳପତ୍ର,ଘାସ,କିଆ,କନ୍ଦା ,ବାଉଁଶ ଆଦି ପଚାଶରୁ ଷାଠିଏ କିସମର ବୃକ୍ଷଲତାକୁ ଖାଦ୍ୟ ରୂପେ ବ୍ୟବହାର କରେ । ହାତୀ ଦିନକୁ ଦେଢ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଖାଦ୍ୟ ଖାଇଥାଏ । ଯେତିକି ଖାଏ ତାଠାରୁ ଅଧିକ ଖାଦ୍ୟ ଦଳିଚକଟି ନଷ୍ଟ କରେ । ଖାଦ୍ୟ ହଜମ କରିବା ପାଇଁ ବହୁତ ଚାଲେ । ଖାଦ୍ୟ ନିମନ୍ତେ ତାକୁ ସତର ରୁ ଅଠର ଘଣ୍ଟା ପରିଶ୍ରମ କରିବାକୁ ପଡିଥାଏ । ଥରକେ ଶହେରୁ ଦୁଇ ଶହ ଲିଟର ପାଣି ପିଇଥାଏ । ଦିନେ ପାଣି ପିଇବା ପରେ ତିନିରୁ ଚାରି ଦିନ ଯାଏ ତାକୁ ଶୋଷ ହୁଏ ନାହିଁ । ହାତୀ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ରହିପାରେନି । ସେମାନେ ଦୁଇତିନି ଦିନରେ ଶହେରୁ ଦେଢ ଶହ କିଲୋମିଟର ବାଟ ଚାଲିଲେ ଶାନ୍ତି ପାଆନ୍ତି । ତେଣୁ ହାତୀ ରାତିକ ମଧ୍ୟରେ ପଚାଶ କିଲୋମିଟର ଚାଲିପାରେ । ହାତୀମାନେ ଯେଉଁ ବାଟେ ଯାଆନ୍ତି ସେହିବାଟେ ଫେରନ୍ତି । ଏପରିକି କିଛିବର୍ଷ ଅତିକ୍ରାନ୍ତ ହେଲେ ବି ସେହି ରାସ୍ତା ତାଙ୍କର ମନେ ରହିଥାଏ । ସ୍ୱଭାବଗତ ଭାବରେ ହାତୀମାନେ ଯେଉଁ ରାସ୍ତାରେ ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲକୁ ଖାଦ୍ୟ,ପାନୀୟ ଓ ଉପଯୁକ୍ତ ବାସସ୍ଥାନ ସନ୍ଧାନରେ ଯିବାଆସିବା କରନ୍ତି ତାକୁ କରିଡର ବା ହାତୀ ଯାତାୟତ ପଥ କୁହାଯାଏ । କଳା ମଚମଚ ଚମଡା ଯୋଗୁଁ ଉତ୍ତପ ସହ୍ୟ କରିପାରୁ ନଥିବାରୁ ଛାଇ ସ୍ଥାନକୁ ଆପଣାଇଥାଏ ତେଣୁ ପାଣିକୂଳ ସନ୍ତସନ୍ତିଆ ଓ ବୃକ୍ଷଲତା ବହୁଳ ସ୍ଥାନକୁ ସେ ପସନ୍ଦ କରେ । ମଣୁଷ ଭଳି ହାତୀମାନେ ଏକାଠି ରହିବାକୁ ପସନ୍ଦ କରନ୍ତି । ସେଥିପାଇଁ ଦଳବଦ୍ଧ ହୋଇ ରହିଥାନ୍ତି । ଏମାନଙ୍କ ଦଳରେ ଛୋଟ ହାତୀମାନେ ସୁରକ୍ଷିତ ରହିଥାନ୍ତି। ଏସୀୟ ହାତୀ ସାଧାରଣ ଭାବରେ ଭାରତ, ଚୀନ, ନେପାଳ, ବାଂଗ୍ଲାଦେଶ, ଭୁଟାନ, ମିଆଁମାର, ଥାଇଲାଣ୍ଡ, ଭିଏତନାମ, କାମ୍ବୋଡିଆ ଆଦି ଦେଶରେ ଖୋଯାଇଥାନ୍ତି। ଆମ ଦେଶର ପ୍ରାୟ ସବୁ ରାଜ୍ୟରେହାତୀ ଦେଖାଯାଉଥିଲେ ମଧ୍ୟ ଉତ୍ତର-ପୂର୍ବ ଭାରତରେ ନେପାଳର ସୀମାନ୍ତ ରାଜ୍ୟ ପଶ୍ଚିମବଙ୍ଗ, ଆସାମ, ମଣୁପୁର,ମିଜୋରମ,ତ୍ରିପୁରା ଆଦି ରାଜ୍ୟରେ ବହୁଳ ଭବରେ ଦେଖାଯାଇଥାନ୍ତି। ଭାରତର ଦଶ ପ୍ରତିଶତ ହାତୀ ଓଡିଶାରେ ହିଁ ଦେଖାଯାନ୍ତି।

ହାତୀକୁ ଜାତୀୟ ଐତିହ୍ୟ ପ୍ରାଣୀ ଭାବେ କେନ୍ଦ୍ର ସରକାର ୨୦୧୦ ମସିହାରେ ଘୋଷଣା କରିଛନ୍ତି । ଓଡିଶାରେ ହାତୀ ସଂସ୍କୃତି ବହୁ ପ୍ରାଚୀନ। କଳିଙ୍ଗର ହାତୀ ଭାରତ ଉପମହାଦେଶରେ ଶକ୍ତିଶାଳୀ ଥିଲା । ଏକଦା ହାତୀଙ୍କ ପାଇଁ ଭୂସ୍ୱର୍ଗ ଥିବା ଓଡିଶା ଆଜି ସେମାନଙ୍କ କବର ସ୍ଥାନ ପାଲଟିଛି । ହାତୀ ମୃତ୍ୟୁହାରରେ ଓଡିଶା ଦେଶର ପ୍ରଥମ ସ୍ଥାନ ଅଧିକାର କରିଛି । ରାଜ୍ୟରେ ଏବେ ବର୍ଷକୁ ପ୍ରାୟ ୮୦ଟି ହାତୀ ଅକାଳରେ ଜୀବନ ହାରୁଛନ୍ତି । ଶିକାର,ବିଦ୍ୟୁତ ଆଘାତ, ଟ୍ରେନ ଦୁର୍ଘଟଣା ,ବିଷକ୍ରିୟା ଆଦି ମନୁଷ୍ୟକୃତ କାର୍ଯ୍ୟ ଯୋଗୁଁ ଆମ ରାଜ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢ ଚାଲିଛି । ୧୯୭୯ ମସିହାରେ ରାଜ୍ୟରେ ପ୍ରଥମ ଥରପାଇଁ ହାତୀଗଣନା ହୋଇଥିଲା । ସେତେବେଳେ ରାଜ୍ୟରେ ହାତୀଙ୍କ ସଂଖ୍ୟା ଥିଲା ୨୦୪୪ । ୨୦୧୫ ମସିହାରେ ରାଜ୍ୟରେ ୧୯୫୪ ହାତୀ ଥିବା ବେଳେ ୨୦୧୭ ରେ ଏହା ୧୯୭୬ କୁ ବୃଦ୍ଧି ପାଇଥିଲା । ନିୟମ ଅନୁସାରେ ପ୍ରତି ଦୁଇ ବର୍ଷ ଅନ୍ତରରେ ଥରେ ହାତୀ ଗଣନା କରାଯିବା କଥା । ଦୀର୍ଘ ପାଞ୍ଚ ବର୍ଷ ପରେ ରାଜ୍ୟରେ ଆସନ୍ତା ୨୦୨୨ ମାର୍ଚ୍ଚ ରୁ ମେ ମାସ ମଧ୍ୟରେ ହାତୀ ଗଣନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ପୂର୍ବେ ଭାରତରେ ଥିବା ହାତୀ ସଂଖ୍ୟାର ୭ ପ୍ରତିଶତ ଓ ଦନ୍ତାହାତୀ ସଂଖ୍ୟାର ୨୭ ପ୍ରତିଶତ ଓଡିଶାର ବିଭିନ୍ନ ଜଙ୍ଗଲରେ ଥିଲେ । ଗତ କିଛି ଦିନ ତଳେ ଖୋର୍ଦ୍ଧା ଜିଲ୍ଲା ଭୁଷଣ୍ଡପୁର ରେଲଷ୍ଟେସନ ନିକଟରେ ଏକ ମାଲବାହି ରେଳ ଦୁର୍ଘଟଣାରେ ଦୁଇଟି ହାତୀଙ୍କ ମୃତ୍ୟୁ ହାତୀସମ୍ପଦ ପ୍ରତି ବିପଦ ସୃଷ୍ଟି କରିଛି । ଜଙ୍ଗଲର ଦ୍ରୁତ ଅବକ୍ଷୟ ,ଖାଦ୍ୟ ଅଭାବ, ଜଙ୍ଗଲ ପରିସରରେ ଖଣି ଓ ଶିଳ୍ପାୟନ ଯୋଗୁଁ ହାତୀ ଖାଦ୍ୟ ଓ ପାଣି ଓ ଜୀବନ ରକ୍ଷା ପାଇଁ ଜଙ୍ଗଲ ଛାଡି ଜନବସତି ମୁହାଁ ହେଉଛି । ଜଙ୍ଗଲୀ ଫଳମୂଳ ଓ ଡାଳପତ୍ର ଅଭାବବୋଧ ହାତୀକୁ ଫସଲମୁହାଁ କରିଛି । ସେମାନେ ବାଧ୍ୟ ହୋଇ ଗାଁଗଣ୍ଡାକୁ ଚାଲି ଆସୁଛନ୍ତି । ଏହି କାରଣରୁ ହାତୀ-ମଣିଷ ସଙ୍ଘର୍ଷ ବଢି ଚାଲିଛି । କେଉଁଠି ଶିକାରୀଙ୍କ ଦ୍ୱାରା ହାତୀଙ୍କ ମୃତ୍ୟୁ ଘଟୁଛି ତ କେଉଁଠି ହାତୀ ଆକ୍ରମଣରେ ଧନଜୀବନ ହାନୀ ହେଉଛି । ଗତ କିଛି ମାସ ହେବ ହାତୀ-ମଣିଷ ସଂଘର୍ଷ ଉଦ୍‌ବେଗଜନକ ସମସ୍ୟା ରୂପେ ଉଭା ହୋଇଛି । ହାତୀଙ୍କ ସୁରକ୍ଷା ପାଇଁ ଚଳିତ ବର୍ଷ ଗଜହାତୀ ଯୋଜନା କାର୍ଯ୍ୟକାରୀ କରାଯାଇ ୧୧୭୭ ଗ୍ରାମରେ ୫୪୫୭ ଜନ ସେସ୍ଛାସେବୀଙ୍କୁ ଗଜସାଥୀ ଭାବେ ନିଯୁକ୍ତି ଦିଆଯାଇଛି । ହାତୀମାନଙ୍କ ବସବାସ ସଂଖ୍ୟାକୁ ଆଧାର କରି ରାଜ୍ୟରେ ୩ଟି ହସ୍ତୀ ଅଭୟାରଣ୍ୟ ଘୋଷଣା କରାଯାଇଛି । ସେଗୁଡିକ ମହାନଦୀ,ସମ୍ବଲପୁର,ମୟୁରଭଞ୍ଜ ହସ୍ତୀ ଅଭୟାରଣ୍ୟ । ଏହି ତିନୋଟି ଅଞ୍ଚଳରେ ରାଜ୍ୟର ୭୫ ପ୍ରତିଶତ ହାତୀ ବାସ କରୁଛନ୍ତି । ହାତୀ -ମଣିଷ ଭିତରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ରଖିବା, ଶିକାର ରୋକିବା, ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ସରକାର ନୂଆ ଯୁଗ୍ମ ଟାସ୍କ ଫୋର୍ସ ଗଠନ କରିଛନ୍ତି । ତଥାପି ହାତୀ ଆଜି ଅସୁରକ୍ଷିତ । ୨୦୨୨ ଓଡିଶାର ହାତୀଙ୍କ ପାଇଁ ଅତ୍ୟନ୍ତ ଖରାପ ବର୍ଷ ଥିଲା ବୋଲି ମାନ୍ୟବର ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି।

*ଭୁବନ, ଢେଙ୍କାନାଳ*
*ମୋ -୯୪୩୭୭୨୯୩୮୪*

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସୂଚନା ଅଧିକାର ଆଇନ ଓ ବିନା ମୂଲ୍ୟରେ ସୂଚନା ପ୍ରଦାନ ବ୍ୟବସ୍ଥା

**ପ୍ରଦୀପ ପ୍ରଧାନ**

ସୂଚନା ଅଧିକାର ଆଇନରେ ନାଗରିକମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସୂଚନା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଯଥା ଆଇନର ଧାରା ୭(୧) ଅନୁଯାୟୀ, ଜନ ସୂଚନା ଅଧିକାରୀ (ପି.ଆଇ.ଓ. ଆବେଦନକାରୀଙ୍କୁ ୩୦ ଦିନ ମଧ୍ୟର ସୂଚନା ପ୍ରଦାନ କରିବେ। ଯଦି ସୂଚନାଟି ଜୀବନ ଏବଂ ସ୍ୱାଧୀନତା ସମ୍ପର୍କିତ ହୋଇଥିବ, ତେବେ ଆବେଦନକାରୀ ନାଗରିକଙ୍କୁ ୪୮ ଘଣ୍ଟା ମଧ୍ୟରେ ସୂଚନା ଯୋଗାଇ ଦିଆଯିବ। ସୂଚନା ଅଧିକାର ଆଇନର ଧାରା ୬(୩) ଅନୁଯାୟୀ, ଯଦି ଆବେଦିତ ତଥ୍ୟ ଜନ କର୍ତ୍ତୃପକ୍ଷଙ୍କ ଦପ୍ତରରେ ନ ଥାଏ, ତେବେ ପି.ଆଇ.ଓ., ଉକ୍ତ ଦରଖାସ୍ତଟିକୁ ସୂଚନା ଉପଲବ୍ଧ ଥିବା ଅନ୍ୟ ଏକ ଜନ କର୍ତ୍ତୃପକ୍ଷଙ୍କ ଦପ୍ତରକୁ ୫ ଦିନ ମଧ୍ୟରେ ପଠାଇଦେଇ ଆବେଦନକାରୀଙ୍କୁ ଜଣାଇଦେବେ। ଯଦି କୌଣସି ସୂଚନା ସୁରକ୍ଷା ଏବଂ ଗୁଇନ୍ଦା ସଂସ୍ଥା ସମ୍ପର୍କିତ ହୋଇଥିବ, ତେବେ ସୂଚନା ଅଧିକାର ଆଇନର ଧାରା ୨୪ ଅନୁଯାୟୀ ଦିଆଯାଇ ପାରିବ ନାହିଁ। କିନ୍ତୁ ସୂଚନାଟି ଯଦି ମାନବିକ ଅଧିକାର ଉଲ୍ଲଂଘନ ଓ ଦୁର୍ନୀତି ସମ୍ପର୍କିତ ହୋଇଥିବ, ତେବେ ଉକ୍ତ ସଂସ୍ଥା ଆଇନର ଧାରା ୨୪(୪) ଅନୁଯାୟୀ ଏହି ତଥ୍ୟ ଦେବାକୁ ବାଧ୍ୟ। ଯଦି ତଥ୍ୟଟି ମାନବିକ ଅଧିକାର ଉଲ୍ଲଂଘନ ସମ୍ପର୍କିତ ହୋଇଥିବ, ତେବେ ସୂଚନା କମିଶନଙ୍କ ଅନୁମୋଦନକ୍ରମେ ୪୫ ଦିନ ମଧ୍ୟରେ ତଥ୍ୟ ପ୍ରଦାନ କରାଯିବ। କିନ୍ତୁ ଆଇନର ଧାରା ୭(୫) ଅନୁଯାୟୀ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କୁ ବିନା ମୂଲ୍ୟରେ ସୂଚନା ପ୍ରଦାନ ଯୋଗାଇ ଦିଆଯିବ। ଆଇନର ଧାରା ୭(୬) ଅନୁଯାୟୀ, ଯଦି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସୂଚନା ପ୍ରଦାନ କରାନଯାଏ, ତେବେ ଉକ୍ତ ଜନକର୍ତ୍ତୃପକ୍ଷ ବିନା ମୂଲ୍ୟରେ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବେ। ସୂଚନା ପାଇଁ ଫିସ୍ ଦାଖଲ ପାଇଁ ଦାବି କରିବାର ନିର୍ଦ୍ଦିଷ୍ଟ ସମୟ ସୀମା ଆଇନ୍‌ରେ ଥିବା ସତ୍ତ୍ୱେ, ପି.ଆଇ.ଓ.ମାନେ ନିର୍ଦ୍ଦିଷ୍ଟ ସମୟସୀମା ଅତିକ୍ରାନ୍ତ କଲାପରେ ମଧ୍ୟ ସୂଚନା ପାଇଁ ଫିସ୍ ଦାଖଲ କରିବାକୁ ଆବେଦନକାରୀମାନଙ୍କୁ ବାଧ୍ୟ କରୁଥିବାର ଦେଖିବାକୁ ମିଳୁଛି। ଅନେକ କ୍ଷେତ୍ରରେ ଆବେଦନକାରୀ ନାଗରିକମାନେ ସୂଚନା ଅଧିକାର ଆଇନର ଏହି ବ୍ୟବସ୍ଥା ପ୍ରତି ସଚେତନ ନ ଥିବାରୁ ସେମାନେ ଅର୍ଥ ପଇଠ କରି ସୂଚନା ନେଇଥାନ୍ତି। ପୁଣି ଅନେକ କ୍ଷେତ୍ରରେ ସୂଚନା ନ ଦେବାପାଇଁ ପି.ଆଇ.ଓ.ମାନେ ଜାଣିଶୁଣି ଅଧିକ ଅର୍ଥ ପଇଠ ପାଇଁ ଚିଠି କରିଥାନ୍ତି। ଯଥା - ଯଦି ସୂଚନା ପାଇଁ ଫିସ୍ ୫୦ ଟଙ୍କା ହୋଇଥିବ, ପି.ଆଇ.ଓ.ମାନେ ୨୦,୦୦୦ ଟଙ୍କା ବା ୫୦,୦୦୦ ଟଙ୍କା ପଇଠ ପାଇଁ ଚିଠି ଦେଇଥାନ୍ତି। ଏତେ ଅର୍ଥ ଦାଖଲ ପାଇଁ ସମ୍ଭବ ହୋଇ ନଥିବାରୁ ଆବେଦନକାରୀମାନେ ଅର୍ଥ ପଇଠ କରିନଥାନ୍ତି। ଫଳରେ ସେମାନଙ୍କୁ ସୂଚନା ମିଳିନଥାଏ। ପି.ଆଇ.ଓ. ସୂଚନାକୁ ଲୁଚାଇ ରଖିବାରେ ସକ୍ଷମ ହୋଇଥାନ୍ତି। ଯଦି ପି.ଆଇ.ଓ. ଏହିଭଳି ଅତ୍ୟଧିକ ଅର୍ଥ ପଇଠ ପାଇଁ କୁହନ୍ତି, ତେବେ ଏହା ବିରୁଦ୍ଧରେ ଅପିଲ ବା ଅଭିଯୋଗ କରାଯିବାର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଅନେକ ଆବେଦନକାରୀ ଜାଣି ନଥାନ୍ତି। ଯଦି ପି.ଆଇ.ଓ. ସୂଚନାର ପ୍ରକୃତ ମୂଲ୍ୟଠାରୁ ଅତ୍ୟଧିକ ଅର୍ଥ ଦାବି କରିଥାଏ ଏବଂ ଏ ସମ୍ପର୍କରେ ଅପିଲ ବା ଅଭିଯୋଗ ହୋଇଥାଏ, ତେବେ ସୂଚନା କମିଶନ ଏହାର ଶୁଣାଣି କରି ସମସ୍ତ ତଥ୍ୟ ମାଗଣାରେ ଦେବାକୁ ନିର୍ଦ୍ଦେଶ ଦେଇଥାନ୍ତି ବା ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ କରି ଫିସ୍ ନେଇ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥାନ୍ତି, ନଚେତ୍ ଇନ୍‌ସ୍‌ପେକ୍ସନ୍ କରି ତଥ୍ୟ ନେବାକୁ ଅଭିଯୋଗକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି।

କିନ୍ତୁ ଅନେକ କ୍ଷେତ୍ରରେ ସୂଚନା କମିଶନମାନଙ୍କର ଏପରି କେସ୍‌ଗୁଡ଼ିକର ଫଇସଲା ସମୟରେ ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ବିଭିନ୍ନ ସୂଚନା କମିଶନର ଭିନ୍ନଭିନ୍ନ ଅର୍ଡ଼ର କରିବାର ମଧ୍ୟ ଦେଖିବାକୁ ମିଳିଥାଏ। ଯଥା କେନ୍ଦ୍ରୀୟ ସୂଚନା କମିଶ ଏକ ଦ୍ୱିତୀୟ ଅପିଲ (ସିଆଇସି/୦୦୦୨୯୩ ତାରିଖ ୦୯.୦୪.୨୦୧୩) ର ଶୁଣାଣି କରି ବି.ଏସ୍.ଏନ୍.ଏଲ୍. କାର୍ଯ୍ୟାଳୟର କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କୁ ୨୫ ପୃଷ୍ଠା ତଥ୍ୟ ବିନା ମୂଲ୍ୟରେ ଏବଂ ଅବଶିଷ୍ଟ ବାବଦ ଫିସ୍ ନେଇ ୧୫ ଦିନ ମଧ୍ୟରେ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦିଓ ଏପରି ବ୍ୟବସ୍ଥା ସୂଚନା ଅଧିକାର ଆଇନରେ ନାହିଁ। ସେହିପରି ଅନ୍ୟ ଏକ କେସ୍‌ରେ (ସିଆଇସି / ୦୦୩୫୭୬ ତାରିଖ ୧୮.୦୩.୨୦୧୪) ରେ କେନ୍ଦ୍ରୀୟ ସୂଚନା କମିଶନ୍ ବେଆଇନ ଭାବେ ସୂଚନା ପାଇଁ ଅର୍ଥ ପଇଠ କରିବାକୁ ଅପିଲକାରୀଙ୍କୁ ବାଧ୍ୟ କରିଥିଲେ। କେସ୍‌ଟି ହେଉଛି - ଆବେଦନକାରୀ ତା ୨୨.୦୫.୨୦୧୨ରେ ଉତ୍ତରାଞ୍ଚଳ ରେଳବାଇ ଡିଭିଜନ୍‌କୁ କିଛି ତଥ୍ୟ ମାଗିଥିଲେ। ତା ୨୩.୦୭.୨୦୧୨ରିଖରେ ଅର୍ଥାତ୍ ଆବେଦନର ଦୁଇ ମାସ ପରେ ପି.ଆଇ.ଓ. ସୂଚନା ପାଇଁ ୨୮୦ ଟଙ୍କା ଦାଖଲ ପାଇଁ କହିଥିଲେ। ଏହା ବିରୁଦ୍ଧରେ ଆବେଦନକାରୀ ପ୍ରଥମ ଅପିଲ କରିଥିଲେ ମଧ୍ୟ ପ୍ରଥମ ଅପିଲ କର୍ତ୍ତୃପକ୍ଷ ପି.ଆଇ.ଓ.ଙ୍କ ନିଷ୍ପତ୍ତିକୁ କାଏମ୍ କରିବା ସହ ଅର୍ଥ ପଇଠ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଆବେଦନକାରୀ କେନ୍ଦ୍ରୀୟ ସୂଚନା କମିଶନଙ୍କ ନିକଟରେ ତା ୦୧.୧୧.୧୨ରିଖରେ ଦ୍ୱିତୀୟ ଅପିଲ କରିଥିଲେ। ତା ୧୮.୦୩.୨୦୧୪ରେ କେନ୍ଦ୍ରୀୟ ସୂଚନା କମିଶନ ସୂଚନା ଆଇନର ଧାରା ୭(୬)ରେ ଥିବା ବ୍ୟବସ୍ଥାକୁ ବେଖାତିର କରି ଅପିଲକାରୀଙ୍କୁ ସୂଚନା ପାଇଁ ଅର୍ଥ ପୈଠ କରିବାକୁ ବାଧ୍ୟ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ସୂଚନା ଅଧିକାର ଆଇନର ଧାରା ୭(୬) ଅନୁଯାୟୀ, ଆବେଦନ କରିବାର ୩୦ ଦିନ ମଧ୍ୟରେ ସୂଚନା ପ୍ରଦାନ କରା ନଗଲେ, ପି.ଆଇ.ଓ. ପରବର୍ତ୍ତୀ ପର୍ଯ୍ୟାୟରେ ବିନା ମୂଲ୍ୟରେ ତଥ୍ୟ ପ୍ରଦାନ କରିବାକୁ ବାଧ୍ୟ। କିନ୍ତୁ କମିଶନ୍ ଆଇନର ଏହି ବ୍ୟବସ୍ଥାକୁ ତର୍ଜମା ନ କରି ବହୁ ବିଳମ୍ବରେ ଅର୍ଥ ପଇଠ ପାଇଁ ପି.ଆଇ.ଓ. ଦେଇଥିବା ଚିଠିକୁ ଗ୍ରହଣ କରି ଅର୍ଥ ପୈଠ ପାଇଁ ନିର୍ଦ୍ଦେଶ ଦେବା ଭୁଲ ନିଷ୍ପତ୍ତି ଥିଲା।

***ସମ୍ବଳର ଅଯଥା ଅପଚୟ କାରଣ ଦର୍ଶାଇ ସୂଚନା ନ ଦେବା ଆଇନର ଅବମାନନା***

ସେହିପରି ସୂଚନା ପ୍ରଦାନ କ୍ଷେତ୍ରରେ ସମ୍ବଳର ଅଯଥା ଅପଚୟ ଦର୍ଶାଇ ପି.ଆଇ.ଓ.ମାନେ ସୂଚନା ପ୍ରଦାନ କରିବାକୁ ମନା କରିଥାନ୍ତି। ସୂଚନା ଅଧିକାର ଆଇନର ଧାରା ୭(୯) ଅନୁଯାୟୀ, "ଯଦି କୌଣସି ନିର୍ଦ୍ଦିଷ୍ଟ ରୀତିରେ ସୂଚନା ପ୍ରଦାନ କରିବାକୁ ଯାଇ ଜନ କର୍ତ୍ତୃପକ୍ଷଙ୍କ ସମ୍ବଳର ଅଯଥା ଅପଚୟ ହେଉନଥାଏ ବା ସମ୍ପୃକ୍ତ ରେକର୍ଡ଼ର ନିରାପତ୍ତା ଓ ରକ୍ଷଣାବେକ୍ଷଣ କ୍ଷତିଗ୍ରସ୍ତ ହେଉନଥାଏ, ତେବେ ଆବେଦିତ ସୂଚନାକୁ ସାଧାରଣତଃ ସେହି ରୀତିରେ ଯୋଗାଇ ଦିଆଯିବ, ଯେଉଁ ରୀତିରେ ଆବେଦକ ଚାହିଁଛନ୍ତି। (An information shall ordinarily be provided in the form in which it is sought unless it would disproportionately divert the resources of the public authority or would be detrimental to the safety or presrvation of the record in question.) ଏହାର ଅର୍ଥ ନୁହେଁ ଯେ ଯଦି ସମ୍ବଳର ଅପଚୟ ହେବାର ସମ୍ଭାବନା ଥାଏ, ତେବେ ତଥ୍ୟ କଦାପି ଦିଆଯାଇପାରିବ ନାହିଁ। ଅନେକ କ୍ଷେତ୍ରରେ ପି.ଆଇ.ଓ.ମାନେ ଏହି ଧାରାକୁ ଭୁଲ ବାଖ୍ୟା କରି ସମ୍ବଳର ଅପଚୟ ଦର୍ଶାଇ ତଥ୍ୟ ପ୍ରଦାନ କରିବାକୁ ମନା କରିଦେଇଥାନ୍ତି। ପି.ଆଇ.ଓ.ମାନେ ଏହିଭଳି କାରଣ ଦର୍ଶାଇ ଖାରଜ କରୁଥିବା ଦରଖାସ୍ତଗୁଡ଼ିକ ବିରୁଦ୍ଧରେ ହେଉଥିବା ଅପିଲର ଶୁଣାଣି କରି ସୂଚନା କମିଶନ ଅନେକ କେସ୍‌ରେ ଏପରି କ୍ଷେତ୍ରରେ ପି.ଆଇ.ଓ.ମାନେ କିପରି ତଥ୍ୟ ପ୍ରଦାନ କରିବେ, ସେଥିପାଇଁ ଉକ୍ତ ତଥ୍ୟଗୁଡ଼ିକର ଇନିସ୍‌ପେକ୍ସନ୍ କରିବା ପାଇଁ ଆବେଦନକାରୀ ସୁଯୋଗ ଦେବା ଏବଂ ଆବଶ୍ୟକୀୟ ତଥ୍ୟ ତତ୍‌କ୍ଷଣାତ୍ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ୍ ସମ୍ବଳର ଅଯଥା ଅପଚୟ ଦର୍ଶାଇ ସିଧାସଳଖ ତଥ୍ୟ ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ପି.ଆଇ.ଓ.ମାନେ ଯେଉଁ ଯୁକ୍ତି ଦର୍ଶାଉଛନ୍ତି, ତାହା ଗ୍ରହଣୀୟ ନୁହେଁ।

***ବିପିଏଲ୍‌ମାନଙ୍କୁ ମାଗଣା ସୂଚନା :*** ସୂଚନା ଅଧିକାର ଆଇନର ଧାରା ୭(୫) ଅନୁଯାୟୀ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କଠାରୁ ସମସ୍ତ ଫିସ୍ ଯଥା ଦରଖାସ୍ତ ଫିସ୍, ସୂଚନା ପାଇଁ ଫିସ୍, ଇଲେକ୍ଟ୍ରନିକ୍ ମାଧ୍ୟମରେ ସୂଚନା ପ୍ରଦାନ ପାଇଁ ଫିସ୍ ଇତ୍ୟାଦି ଆଦାୟ କରାଯିବ ନାହିଁ। ଅର୍ଥାତ୍ ସେମାନଙ୍କୁ ସମସ୍ତ ସୂଚନା ମାଗଣାରେ ଯୋଗାଇ ଦିଆଯିବ। ସମାଜର ତଳ ସ୍ତରରେ ଥିବା ଗରିବ ଲୋକମାନେ କିପରି ସହଜରେ ଓ ବିନା ମୂଲ୍ୟରେ ସୂଚନା ପାଇପାରିବେ, ଏହି ଆଇନର ଉଦ୍ଦେଶ୍ୟ। କିନ୍ତୁ ସୂଚନା ଆଇନର ଏହି ସୁନ୍ଦର ବ୍ୟବସ୍ଥାକୁ ଖତମ୍ କରିଦେବା ପାଇଁ ଆରମ୍ଭରୁ ରାଜ୍ୟ ସରକାର ଷଡ଼ଯନ୍ତ୍ର ଆରମ୍ଭ କଲେ। ଆଇନର ବିଧି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର କରିଥିବା ନିୟମାବଳୀର ରୁଲ୍-୪ରେ ବ୍ୟବସ୍ଥା ରହିଲା ଯେ "ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କ ନିମନ୍ତେ ପ୍ରସ୍ତୁତ ସର୍ବଶେଷ ତାଲିକାରେ ଯେଉଁ ବ୍ୟକ୍ତିଙ୍କ ନାମ ଥିବ ସେପରି ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ଦରଖାସ୍ତ ଫିସ୍ ପ୍ରଦାନ କରିବାକୁ ପଡ଼ିବ ନାହିଁ। କିନ୍ତୁ ସେଥିପାଇଁ ତାଙ୍କୁ ବିପିଏଲ୍ କାର୍ଡ଼ ଦାଖଲ କରିବାକୁ ପଡ଼ିବ।" ଅର୍ଥାତ୍ ବିପିଏଲ୍ ବ୍ୟକ୍ତିମାନଙ୍କୁ କେବଳ ଦରଖାସ୍ତ ଫିସ୍ ଛାଡ଼ କରାଯିବ ଏବଂ ସୂଚନା ପାଇଁ ଫିସ୍ ସଂଗ୍ରହ କରାଯିବ। ଓଡ଼ିଶା ନିୟମାବଳୀର ଏହି ଆଇନ ବିରୋଧୀ ବ୍ୟବସ୍ଥାକୁ ଆଧାର କରି ସମଗ୍ର ରାଜ୍ୟରେ ପି.ଆଇ.ଓ.ମାନେ ବିପିଏଲ୍ ବ୍ୟକ୍ତିମାନଙ୍କଠାରୁ ସୂଚନା ପାଇଁ ଫିସ୍ ଆଦାୟ କରିବାକୁ ଲାଗିଲେ। ରାଜ୍ୟ ସୂଚନା କମିଶନ୍ ମଧ୍ୟ ଆଇନକୁ ଠିକ୍ ଭାବେ ବାଖ୍ୟା ନ କରି ସରକାରଙ୍କ ଦଲାଲ ସାଜି ବିପିଏଲ୍ ବ୍ୟକ୍ତିମାନଙ୍କୁ ସୂଚନା ପାଇଁ ଫିସ୍ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଲେ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳର ବିପିଏଲ୍ କାର୍ଡ଼ଧାରୀ ଶ୍ରୀ କୁଞ୍ଜବିହାରୀ ପାତ୍ର ନୟାଗଡ଼ର ଏନ୍.ଏଚ୍.ଏ.ଆଇ.ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ କିଛି ତଥ୍ୟ ମାଗିଥିଲେ। ପି.ଆଇ.ଓ. ସୂଚନା ପାଇଁ ଅର୍ଥ ପୈଠ କରିବାକୁ କହିଥିଲେ। ଶ୍ରୀଯୁକ୍ତ ପାତ୍ର ସେ ବିପିଏଲ୍ ହୋଇଥିବାରୁ ବିନା ମୂଲ୍ୟରେ ସୂଚନା ପାଇବା ହକ୍ ଅଧିକାର ଦର୍ଶାଇ ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟରେ ଅଭିଯୋଗ କରିଥିଲେ। ତା ୧୮.୧୨.୨୦୧୩ରେ ଅଭିଯୋଗ ସଂଖ୍ୟା ୨୦୨୮/୧୧ର ଶୁଣାଣି କରି ତତ୍କାଳୀନ ମୁଖ୍ୟ ସୂଚନା କମିଶନର ଶ୍ରୀ ତରୁଣକାନ୍ତି ମିଶ୍ର ଶ୍ରୀ ପାତ୍ରଙ୍କୁ ସୂଚନା ପାଇଁ ଫିସ୍ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। କମିଶନ୍‌ଙ୍କ ଏହି ଅର୍ଡ଼ରକୁ ଚାଲେଞ୍ଜ୍ କରି ଶ୍ରୀ ପାତ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ରିଟ୍ ପିଟିସନ୍ ସଂଖ୍ୟା ୪୭୯୭/୧୩ର ଶୁଣାଣି କରି ତା ୦୩.୦୭.୨୦୧୩ରେ କମିଶନ୍‌ଙ୍କ ଅର୍ଡ଼ରକୁ ଖାରଜ କରିବା ସହ ଶ୍ରୀ ପାତ୍ରଙ୍କୁ ସୂଚନା ଅଧିକାର ଆଇନର ଧାରା ୭(୫) ଅନୁଯାୟୀ ବିନା ମୂଲ୍ୟରେ ତଥ୍ୟ ପ୍ରଦାନ ପାଇଁ ପି.ଆଇ.ଓ.ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏପରି ଅର୍ଡ଼ର ସତ୍ତ୍ୱେ ରାଜ୍ୟରେ ବିଭିନ୍ନ ଦପ୍ତରର ପି.ଆଇ.ଓ.ମାନେ ଗତାନୁଗତିକ ରୀତିରେ ବିପିଏଲ୍‌ମାନଙ୍କୁ ସୂଚନା ପାଇଁ ଫିସ୍ ଦାଖଲ ପାଇଁ ବାଧ୍ୟ କଲେ। ଏହାପରେ କଳାହାଣ୍ଡି ଜିଲ୍ଲାର ବିପିଏଲ୍‌ଧାରୀ ତଥା ସୂଚନା ଅଧିକାର କର୍ମୀ ଶ୍ରୀ ଧୋବାସାହୁ ହାଇକୋର୍ଟରେ ଏକ ରିଟ୍ ପିଟିସନ୍ ଫାଇଲ୍ କରି ବିପିଏଲ୍‌ମାନଙ୍କୁ ମାଗଣାରେ ସୂଚନା ପ୍ରଦାନ ପାଇଁ ନିବେଦନ କଲେ। ହାଇକୋର୍ଟ ରିଟ୍ ପିଟିସନ୍ ସଂଖ୍ୟା ୧୨୧୩୫/୨୦୧୫ର ଶୁଣାଣି କରି ରାଜ୍ର ସରକାରଙ୍କୁ ବିପିଏଲ୍‌ମାନଙ୍କୁ ମାଗଣାରେ ସୂଚନା ପ୍ରଦାନ ପାଇଁ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଲେ। ତା ୨୧.୦୯.୨୦୧୫ରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରି ସୂଚନା ଅଧିକାର ଆଇନର ଧାରା ୭(୫) ଅନୁଯାୟୀ ବିପିଏଲ୍‌ମାନଙ୍କୁ ମାଗଣାରେ ସୂଚନା ପ୍ରଦାନ ପାଇଁ ସମସ୍ତ ବିଭାଗକୁ ଅବଗତ କରାଇଲେ। ଏସବୁ ସତ୍ତ୍ୱେ ଏବେବି ଅନେକ ସରକାରୀ କାର୍ଯ୍ୟାଳୟରେ ପି.ଆଇ.ଓ.ମାନେ ବିପିଏଲ୍‌ମାନଙ୍କଠାରୁ ଫିସ୍ ଆଦାୟ କରୁଛନ୍ତି। ରାଜ୍ୟରେ ପ୍ରକୃତରେ ବିପିଏଲ୍ ହିତାଧିକାରୀ କିଏ ଏବଂ କେଉଁ କାର୍ଡ଼କୁ ବିପିଏଲ୍ କାର୍ଡ଼ ଭାବେ ଧରାଯିବ, ଏହାକୁ ନେଇ ସରକାରୀ ସ୍ତରରେ ଅନେକ ଦ୍ୱନ୍ଦ୍ୱ ରହିଛି। ଏସବୁ ସତ୍ତ୍ୱେ ସୂଚନା ଅଧିକାର କର୍ମୀମାନେ ଲଗାତର ଭାବେ ୧୯୯୭ ମସିହାରେ ବିପିଏଲ୍ ତାଲିକାରେ ଥିବା ବ୍ୟକ୍ତି / କାର୍ଡ଼ଧାରୀମାନଙ୍କୁ ମାଗଣାରେ ତଥ୍ୟ ପ୍ରଦାନ ପାଇଁ ଜନସଚେତନତା ଜାରି ରଖିଛନ୍ତି। ଫଳରେ ବହୁ ବିପିଏଲ୍ ବ୍ୟକ୍ତିମାନେ ବିନା ମୂଲ୍ୟରେ ତଥ୍ୟ ପାଉଛନ୍ତି। ସୂଚନା କମିଶନ୍ ମଧ୍ୟ କେସ୍‌ଗୁଡ଼ିକୁ ତର୍ଜମା କରି ବିପିଏଲ୍‌ମାନଙ୍କୁ ବିନା ମୂଲ୍ୟରେ ସୂଚନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଅନେକ କ୍ଷେତ୍ରରେ ବିପିଏଲ୍ ବ୍ୟକ୍ତିମାନେ ଅଧିକ ପୃଷ୍ଠାର ତଥ୍ୟ ମାଗିଥିଲେ ଏବଂ ସେଥିପାଇଁ ଅଧିକ ଖର୍ଚ୍ଚ ହେବାର ସମ୍ଭାବନା ଥିଲେ, କମିଶନ୍ ଫାଇଲ୍ ଇନିସ୍‌ପେକ୍ସନ୍ ପାଇଁ ଅର୍ଡ଼ର କରି ନିର୍ଦ୍ଦିଷ୍ଟ ତଥ୍ୟ ମାଗଣାରେ ଦେବାକୁ ନିର୍ଦ୍ଦେଶ ଦେଉଛନ୍ତି।

# ବିଗିଡି ଯାଉଛି ପିଲାଦିନ



**ଜୟନ୍ତୀ ପଣ୍ଡା**

ବର୍ତ୍ତମାନ ସମୟକୁ ଦେଖିଲେ ଅନେକଙ୍କ ଭିତରେ ସେମାନଙ୍କର ନିଜର ହୁଅନ୍ତୁ ବା ପରିଚିତ ପିଲାଟିର ପାଠପଢ଼ା ଜନିତ ସମସ୍ୟାକୁ ନେଇ ଅନେକ ଘଟଣା, ସତ୍ୟନିଷ୍ଠ କାହାଣୀ ଓ ଅଙ୍ଗେନିଭା ଅନୁଭୂତି ରହିଛି । ଏ ନେଇ ଅନେକ ସମୟରେ କେତେକ ଦୁଃଖଦ ପରିସ୍ଥିତିକୁ ମଧ୍ୟ ଅନେକ ସାମ୍ନା କରିଥାନ୍ତି । ବାସ୍ତବକଥା ହେଉଛି ପିଲାଦିନଟି ସତରେ କ'ଣ ବିଗିଡ଼ି ଯାଇଛି ? ଅନେକ ଏହି କଥା ସହିତ ସହମତ ହୋଇପାରନ୍ତି ଆଉ ଅସହମତ ବି। ଆସନ୍ତୁ ଗୋଟିଏ ଛୋଟିଆ ଆଲୋଚନା କରିବା। ଅନେକ ସମୟରେ ଦେଖାଯାଏ ବିଦ୍ୟାଳୟରେ ଭଲପିଲା ତଥାକଥିତ ଖରାପ ପିଲାଙ୍କୁ ନେଇ ନାନା ଆଲୋଚନା ହୁଏ। ଏହା ଭିତରେ ଅଧ୍ୟାପକ/ଅଧ୍ୟାପିକାମାନେ ବଦମାସ ପିଲା, ସେମାନଙ୍କ ଅଭିଭାବକ ଓ ସ୍କୁଲ ମ୍ୟାନେଜମେଣ୍ଟ ମଧ୍ୟରେ ଫୁଟବଲ ପାଲଟୁଛନ୍ତି । ଛାତ୍ରଛାତ୍ରୀଙ୍କ ପର୍ଫମାନ୍ସର ଦାୟିତ୍ୱ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ଲଦି ଦିଅନ୍ତି ସ୍କୁଲ ପ୍ରଶାସନ। କିନ୍ତୁ ଏପଟେ ଯଦି ପାଠ ପଢୁନଥିବା କିମ୍ବା ବଦମାସି କରୁଥିବା ପିଲାଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀ ଗାଳି ବି ଦିଅନ୍ତି ତେବେ ଆଉ ଏକ ସମସ୍ୟା ଆରମ୍ଭ ହୋଇଯାଏ। କିଛି ପିଲାଙ୍କ ପାଇଁ ସାରା ଶ୍ରେଣୀର ପିଲା ହଇରାଣ ହୁଅନ୍ତି ମାତ୍ର ସେମାନଙ୍କୁ କେବଳ ଚେତାବନୀ ଦେବା ବ୍ୟତୀତ ଆଉ କିଛି କରିହୁଏନି। ମ୍ୟାନେଜମେଣ୍ଟ ଓ ଅଭିଭାବକଙ୍କ ପାଖରେ ଅଭିଯୋଗ କଲେ କୌଣସି ସକାରାତ୍ମକ ପରିଣାମ ଆସେନି। ଫଳରେ ବାଳୁଙ୍ଗା ପିଲାମାନେ ଧୀରେ ଧୀରେ ବଦମାସ ପିଲା ପାଲଟନ୍ତି, ଯାହା ଇଚ୍ଛା କରନ୍ତି।

ଏ ଅବସ୍ଥା କ'ଣ ପାଇଁ : ବିଶେଷଜ୍ଞମାନଙ୍କ ମତ ଛାତ୍ରଛାତ୍ରୀମାନଙ୍କର ଏହି ପାଠ୍ୟଖସଡ଼ା ପାଇଁ ମୁଖ୍ୟ ଦାୟୀ ହେଉଛି ଶିକ୍ଷାର ବ୍ୟବସାୟୀକରଣ। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବା ଯୋଗୁଁ ଛତୁ ଫୁଟିବା ପରି ଘରୋଇ ସ୍କୁଲ ଖୋଲୁଛି। ଏସବୁ ସ୍କୁଲର ଏକମାତ୍ର ଉଦ୍ଦେଶ୍ୟ ଅର୍ଥ। ତେଣୁ ଅଭିଭାବକଙ୍କ ପାଖରେ ଅର୍ଥ ଥିଲେ ପାଠପଢ଼ାରେ ଦୁର୍ବଳ ପିଲା ମଧ୍ୟ ସହଜରେ ଦାମୀ ନାମୀ ସ୍କୁଲରେ ନାମ ଲେଖାଇ ପାରୁଛନ୍ତି ମୋଟା ଡୋନେସନ ଦ୍ୱାରା। ଯେଉଁ ପିଲାଙ୍କର ପାଠପଢ଼ାରେ ଇଚ୍ଛା ନାହିଁ ସେମାନେ ନାମୀଦାମୀ ସ୍କୁଲରେ ପହଞ୍ଚିଯିବା ପରେ କେବଳ ସମୟ କାଟନ୍ତି ଓ ଏହି କାରଣରୁ ଛୋଟମୋଟ ବଦମାସୀ ଆରମ୍ଭ ହୁଏ। ଏହାର କୁପରିଣାମ ଭୋଗନ୍ତି ସହପାଠୀ/ସହପାଠିନୀ ଓ ଶିକ୍ଷକମାନେ। ସ୍କୁଲ ପ୍ରଶାସନର ଅର୍ଥ ଲିପ୍‌ସା ନିରୀହ ପିଲା ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସମସ୍ୟା ହୋଇଯାଏ। ଆଇନ୍ ଶିକ୍ଷକଙ୍କ ହାତ ବାନ୍ଧି ଦେଇଛି। ପିଲାଙ୍କୁ ଆକଟ କରି ଗାଳି ଦେଲେ, ମାନସିକ ନିର୍ଯାତନା ଦେବା ପରି ଅଭିଯୋଗ ହେବାର ଭୟ ରହୁଛି। ଅଭିଭାବକଙ୍କ ଜିଦ୍ ପିଲାଏ ଯେ କୌଣସି ମତେ ପଢ଼ିବେ। ତେଣୁ ପାଠ ହେଉ ନା ନହେଉ ପିଲା ଦାମୀ ସ୍କୁଲରେ ପଢ଼ିବେ। ଏ ପରମ୍ପରା ଉତ୍ତର ଭାରତରେ ଅଧିକ। ଅନ୍ୟପକ୍ଷରେ ଅଧିକାଂଶ ଅଭିଭାବକ ନିଜ ନିଜ କାମରେ ଏତେ ବ୍ୟସ୍ତ ଯେ ପିଲାଙ୍କ ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ତେଣୁ ଶିକ୍ଷକଙ୍କର ଅଭିଯୋଗ ପ୍ରତି ମଧ୍ୟ ସେମାନେ ନଜର ଦେଇପାରନ୍ତି ନାହିଁ। ଏହି ଉଦାସୀନତା ସେମାନଙ୍କ ପିଲା ପାଇଁ ତ ଖରାପ କିନ୍ତୁ ଏଥିସହ ଅନ୍ୟ ପିଲାମାନେ ମଧ୍ୟ ସେଥିପାଇଁ କଷ୍ଟ ପାଆନ୍ତି। ଭାରତରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଶିକ୍ଷିତ ଲୋକମାନେ ବି ସଚେତନ ନୁହନ୍ତି। ପିଲାର ବ୍ୟବହାରରେ ପରିବର୍ତ୍ତନକୁ ସେମାନେ ସ୍ୱାଭାବିକ ଭାବରେ ନିଅନ୍ତି। ଯେ ପର୍ଯ୍ୟନ୍ତ ପିଲା କିଛି ବଡ଼ ଭୁଲ କାମ ନକରେ ସେ ପର୍ଯ୍ୟନ୍ତ ସେସବୁ ପ୍ରତି କେହି ନଜର ଦିଅନ୍ତି ନାହିଁ।

ଅନୁଷ୍ଠାନ ଓ ଅଭିଭାବକ, ଉଭୟେ ଦୋଷୀ - ବିଶେଷଜ୍ଞମାନଙ୍କ ମତ ଆଜିକାଲି ପିଲାମାନେ ବଦମାସୀ ଆଡ଼କୁ ମୁହାଁଇବା ପଛରେ ଅଭିଭାବକ ଓ ଅନୁଷ୍ଠାନ ଉଭୟେ ମୁଖ୍ୟ ଦୋଷୀ। ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ପିଲା ଯେତେବେଳେ ଜାଣିବା ମତେ ଅନୁଶାସନରେ ରହିବାକୁ ହେବ ତେବେ ତାର ବ୍ୟବହାର ନିୟନ୍ତ୍ରିତ ହେବ। କିନ୍ତୁ କିଛି ଅଭିଭାବକ ଅର୍ଥ ଓ କ୍ଷମତାର ଦମ୍ଭରେ ପିଲାର ବର୍ତ୍ତମାନ ଓ ଭବିଷ୍ୟତକୁ ଭୁଲିଯାଆନ୍ତି। ଅହଙ୍କାରୀ ପିତାମାତାଙ୍କ ପିଲାମାନେ ସ୍କୁଲରେ ଅନ୍ୟମାନଙ୍କୁ ହଇରାଣ ହରକତ କରିବାରେ ସବୁଠୁ ଆଗୁଆ ବୋଲି ଜଣାପଡ଼ିଛି। ଅନେକ ସମୟରେ ପିଲାମାନେ ନିଜେ ମଧ୍ୟ ଜାଣନ୍ତି ନାହିଁ, ସେମାନଙ୍କ କାର୍ଯ୍ୟକଳାପ ଅନ୍ୟକୁ କଷ୍ଟ ଦେଉଛି। ଏହା ଜଣାଇବାର ଦାୟିତ୍ୱ ପିତାମାତାଙ୍କର। ନାମୀ ଦାମୀ ପ୍ରଫେସନାଲ କଲେଜଗୁଡ଼ିକ ପାଠ କିଣାବିକାର ମୁଖ୍ୟ କେନ୍ଦ୍ର। ଅନୁଷ୍ଠାନର ଲକ୍ଷ୍ୟ ଥାଏ ଅଧିକ ପିଲା ଆସିଲେ ଅଧିକ ଅର୍ଥ ଆସିବ। ଅଧିକ ଅର୍ଥ ପାଇଁ ଆବଶ୍ୟକ ଭଲ ରେଜଲ୍ଟ। ପିଲା ପାଠ ନପଢ଼ିଲେ ବି କେମିତି ଭଲ ରେଜଲ୍ଟ କରିପାରିବ ସେ ନେଇ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଚାହାନ୍ତି ସେମାନେ। ସେମିତି ପ୍ରଚୁର ଅର୍ଥ ଥିବା ପିତାମାତା ପିଲାର ଇଚ୍ଛା ଥାଉ ବା ନଥାଉ ଦାମୀ କଲେଜରେ ନିଜ ମନମୁତାବକ ପାଠ୍ୟକ୍ରମରେ ନାମ ଲେଖାଇ ଦିଅନ୍ତି। ପିଲାର କିନ୍ତୁ ସେ ପାଠ ବ୍ୟତୀତ ଅନ୍ୟ କେଉଁ ବିଷୟରେ ଆଗ୍ରହ ଥାଏ। ଏ କ୍ଷେତ୍ରରେ ତାର ସମସ୍ତ ଆଗ୍ରହ ନକାରାତ୍ମକ କ୍ଷେତ୍ରକୁ ଚାଲିଯାଏ। ତେଣୁ ଯେ ପର୍ଯ୍ୟନ୍ତ ଅର୍ଥ ହିଁ ସବୁକିଛିର ମନୋଭାବ ଉଭୟ ଶିକ୍ଷାନୁଷ୍ଠାନ ଓ ପିତାମାତା ତ୍ୟାଗ ନକରିଛନ୍ତି ସେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ ନାହିଁ।

ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ୍ୟ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା। ୨୦୨୨ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୧୦ରୁ ୧୯ ବର୍ଷ ବୟସର ପିଲାମାନଙ୍କ ପାଇଁ ଅବସାଦ ହିଁ ମୁଖ୍ୟ ଅସୁସ୍ଥତା ଓ ଅକ୍ଷମତା ଏବଂ ଆତ୍ମହତ୍ୟା ସଡ଼କ ଦୁର୍ଘଟଣା, ଏଚ୍‌ଆଇଭି ପରେ ମୃତ୍ୟୁର ମୁଖ୍ୟ କାରଣ। ପିଲାଙ୍କ ଠାରେ ମାନସିକ ଅବସାଦ ସମାଜ ପାଇଁ ସବୁବେଳେ ଏକ ବଡ଼ ସମସ୍ୟା। ଏପରିକି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ମଧ୍ୟ ଏହା ଏକ କଷ୍ଟକର ଅଧ୍ୟାୟ। ଅଧିକାଂଶ ଚିକିତ୍ସକ ପିଲାଙ୍କ ଠାରେ ଅବସାଦ ଆସିପାରେ ତାହା ମଧ୍ୟ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି କାରଣ ଅବସାଦ ଗ୍ରସ୍ତ ହେବା ପରି ମାନସିକ ପରିପକ୍ୱତା ପିଲାଙ୍କ ଠାରେ ଥାଇପାରେ ବୋଲି ସେମାନେ ସନ୍ଦେହ କରନ୍ତି। କାରଣ ଅବସାଦ ଗ୍ରସ୍ତ ହେଲେ ପିଲାଙ୍କ ଠାରେ ଯେଉଁ ପରିବର୍ତ୍ତନ ଦେଖାଦିଏ ତାହାକୁ ଅନେକେ ବୟୋବୃଦ୍ଧ ଜନିତ ବ୍ୟବହାରିକ ପରିବର୍ତ୍ତନ ବୋଲି ମନେ କରନ୍ତି। ଏ ପରିପ୍ରେକ୍ଷୀରେ ଜାତିସଂଘ ରିପୋର୍ଟ ସମସ୍ତଙ୍କ ଆଖି ଖୋଲି ଦେଇଛି। ଅବସାଦର ସାମାଜିକ ସହ ଜୈବିକ ଓ ବଂଶାନୁକ୍ରମିକ କାରଣ ରହିଛି। ଯେଉଁ ପିଲାମାନଙ୍କ ପରିବାରରେ ଅବସାଦର ଇତିହାସ ଅଛି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଅବସାଦ ଗ୍ରସ୍ତ ହୁଅନ୍ତି। ଅବସାଦ ସବୁବେଳେ ମସ୍ତିଷ୍କର ସମସ୍ୟା ନୁହେଁ। ପରିବାର ଓ ସମାଜ ସହ ଯୋଗାଯୋଗର ଅଭାବ ମଧ୍ୟ ଏ ସମସ୍ୟାର କାରଣ ହୋଇଥାଏ। ଅବସାଦଗ୍ରସ୍ତ ପିଲା ଶବ୍ଦରେ ନିଜର ଯନ୍ତ୍ରଣା ବୟାନ କରିପାରନ୍ତି ନାହିଁ। ମାତ୍ର ଏହା ସେମାନଙ୍କ ଶାରୀରିକ ଯନ୍ତ୍ରଣା ଦ୍ୱାରା ପରିସ୍ଫୁଟ ହୋଇଥାଏ। ଅବସାଦ ଗ୍ରସ୍ତ ପିଲା, ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା, କାନବିନ୍ଧା, ଛାତିବିନ୍ଧାର ଶିକାର ହୁଅନ୍ତୁ। ଶାରୀରିକ ଭାବରେ ଏ ସମସ୍ୟାର କିଛି କାରଣ ନଥାଏ କିନ୍ତୁ ଅବସାଦ ଯୋଗୁଁ ଏହି ଚାପ ରୁହେ। ଅନେକ ସମୟରେ ଏହା ସ୍ଥାୟୀ ଶାରୀରିକ ସମସ୍ୟା ପାଲଟି ଯାଏ। ଏଭଳି ପିଲାଙ୍କର ସାମାଜିକ ଓ ସ୍କୁଲ ପରିବେଶରେ ସମସ୍ୟା ଦେଖାଯାଏ। ପାଠପଢ଼ାରେ ଅବନତି ହେବା ସହ ଘରେ ସାଙ୍ଗସାଥୀଙ୍କ ସହ ଖେଳିବା, ନିଜର ପ୍ରିୟ ଅଭ୍ୟାସଗୁଡ଼ିକରେ ଆଗ୍ରହ ନରହିବା, ବାପା-ମା କିମ୍ବା ଭାଇଭଉଣୀଙ୍କ ସହ କଥାବାର୍ତ୍ତାର ଆଗ୍ରହ ନରହିବା ଅବସାଦର ଲକ୍ଷଣ। ଏପରିକି କିଛି ପିଲା ଶୀଘ୍ର ଉତ୍‌କ୍ଷିପ୍ତ ଓ ଉଗ୍ର ହୋଇଯାଆନ୍ତି। କିନ୍ତୁ ଅନେକ ସମୟରେ ଏ ସମସ୍ୟା ଚିହ୍ନିବା ସମ୍ଭବ ହେଉନଥିବାରୁ କିମ୍ବା ପରିବାର ଓ ଶିକ୍ଷକ ଶିକ୍ଷୟିତ୍ରୀ ଏ ନେଇ ସଚେତନ ନଥିବାରୁ ସମସ୍ୟା ଉତ୍କଟ ହୋଇ ଅନେକ ସମୟରେ ଅବସାଦଗ୍ରସ୍ତ ଶିଶୁକୁ ମାନସିକ ରୋଗୀରେ ପରିଣତ କରିଦିଏ। ଅବସାଦଗ୍ରସ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଯେ ସବୁବେଳେ ଔଷଧ ଆବଶ୍ୟକ ତା ନୁହେଁ। ଯଦି ପିଲା ଖୁବ୍ ଛୋଟ ଅବସାଦ ଖୁବ କମ, ଚାପ ସୃଷ୍ଟି କରୁଥିବା ପରିବେଶ ପ୍ରତି ପ୍ରତିକ୍ରିୟାଶୀଳ ଏବଂ ପରିବାରରେ ଅବସାଦର ଇତିହାସ ନାହିଁ ତେବେ ବିନା ଔଷଧରେ କିଛି ସାଇକୋଥେରାପି କୌଶଳ ଦ୍ୱାରା ଆରୋଗ୍ୟ ହେବାର ସମ୍ଭାବନା ଅଧିକ। ତେବେ ଯେଉଁ ଅବସାଦ ମଧ୍ୟାବସ୍ଥା କିମ୍ବା ଉତ୍କଟ ସ୍ତରରେ ପହଞ୍ଚିଯାଏ ସେଠାରେ ସାଇକୋଥେରାପି ସହ ଔଷଧର ଆବଶ୍ୟକତା ଦେଖାଦିଏ। କିନ୍ତୁ ଦୁଃଖର କଥା ମାତ୍ର ୨୦ ପ୍ରତିଶତ ଅବସାଦଗ୍ରସ୍ତ ପିଲା ଉପଯୁକ୍ତ ଚିକିତ୍ସା ପାଇପାରନ୍ତି। ବିଶେଷଜ୍ଞମାନଙ୍କ ମତ ମାନସିକ ଅବସାଦ କିମ୍ବା ମାନସିକ ସମସ୍ୟା ପାଇଁ ଔଷଧ ଅଛି, ମନସ୍ତତ୍ତ୍ୱବିତ୍, ମାନସିକ ରୋଗୀ ବିଶେଷଜ୍ଞ ଅଛନ୍ତି। ତେବେ ପିଲା ପାଇଁ ସବୁଠାରୁ ଭଲ ଡାକ୍ତର ହେଉଛନ୍ତି ତାର ପିତାମାତା। ସେମାନେ ହିଁ ପ୍ରଥମେ ତାର ଚାପକୁ ବୁଝିବାକୁ ସମର୍ଥ। ତେଣୁ ପିତାମାତା ସିଧାସଳଖ ପିଲାକୁ ତାର ପରିବର୍ତ୍ତନର କାରଣ ପଚାରିପାରିବେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଭାବରେ। ଏହାଦ୍ୱାରା ପିଲା ବି ବୁଝିବ ସେମାନେ ମୋ ପାଇଁ ବ୍ୟସ୍ତ ମତେ ଭଲପାଆନ୍ତି ବା ମୋର ଭଲ କରିବାକୁ ଚାହାନ୍ତି। ତା ମନରୁ ଭୟ ଦୂର ହେବ ଏବଂ ସେ ମନର ଦୁଃଖ, ବ୍ୟସ୍ତତା ଓ ଆଶଙ୍କାକୁ ବାପା-ମାଙ୍କ ଆଗରେ ଖୋଲି କହିପାରିବ। ପିଲାର ବନ୍ଧୁ ହେବା ଦ୍ୱାରା ତାର ହଜିଯାଇଥିବା ପିଲାଦିନକୁ ସେ ଯେ ନିଶ୍ଚିନ୍ତ ଫେରିପାଇବ ଏହାକୁ ସମସ୍ତେ ମନେରଖିବା ଉଚିତ। କେବଳ ଏହାପାଇଁ ଶ୍ରଦ୍ଧା, ପ୍ରେମ, ଆବେଗ ଓ ଭଲପାଇବାର ବନ୍ଧୁତ୍ୱ ଦରକାର।

*ଏସଆରଏସ ରେସିଡେନ୍ସି, ପି-୯, ୧୭ଏ,*
*ସେକ୍ଟର-୮୮, ଫରିଦାବାଦ, ହରିଆନା*

## ଧାରାବାହିକ ଉପନ୍ୟାସ

ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୪୨




*(ପୂର୍ବପ୍ରକାଶ ଉତ୍ତାରୁ)*

କିଏ ତାକୁ ଆଦେଶ କଲା ଭଳି କହିବ ଖାଇବାକୁ। କିଏ ତାଗିଦ୍ କରିବ ମୁଣ୍ଡ କୁଣ୍ଡାଇ ଗାଧୋଇବାକୁ। କିଏ ତାର ଅଜସ୍ର ଚିନ୍ତା ମାନଙ୍କୁ ବୋହି ଚାଲୁଥିବ ତା ସହିତ ଜୀବନ ରାସ୍ତାରେ ?

ସେ ତାର ଏକାନ୍ତ ନିଜ ଲୋକଟିକୁ ଆଜି ହଜାଇ ଦେଲା ସମୟଧାରରେ। ସେ ଏବେ କଣ କରିବ ? କୋଉଠି ମୁଣ୍ଡ ଗୁଞ୍ଜିବ ? କାହାକୁ ନିଜର ଭାବିବ ? ଏମିତି ଅଜସ୍ର ଚିନ୍ତାରେ ଆଉଟୁ ପାଉଟୁ ହେଲା। ସାନବାବୁ ମୁଖାଗ୍ନି ଦେଲେ ତାକୁ। ସେ ଏଥର ନିଶ୍ଚିନ୍ତରେ ମୁକୁଳି ଯାଇଥିବ ସ୍ୱର୍ଗକୁ। ମାଲିକ ଓ ମାଲିକାଣୀ ବି ତା ପାଇଁ ଶୁଦ୍ଧିକ୍ରିୟା କଲେ। ଦିନା କେତେ ଲୀନାକୁ କାମରୁ ଅବ୍ୟାହତି ମିଳିଲା। ତାର ଆଜିକାଲି ଆଉ ପାଦରେ ଶକ୍ତି ନଥିଲା କି ମନରେ ଇଚ୍ଛାନଥିଲା ବଂଚିବାର। ଜେଜେମା' ସହିତ ସବୁ ସୁଖ ତାର ଚାଲିଯାଇଛି।

ପ୍ରକୃତରେ ସେ ଜେଜେମା'କୁ ଏତେ ଭଲପାଉଥିଲା ? ଅଥଚ ଆଜିଯାଏଁ ଅନୁଭବ କରିପାରି ନଥିଲା। ତାର ମୃତ୍ୟୁ ପରେ ସେ ଜାଣିଲା ସେତକ। ଆଜିକାଲି ତା ଓଠରେ କେହି ହସ ଦେଖି ପାରୁନାହାନ୍ତି। ସେ ଜୀବନର ଶିକୁଳିରେ ବାନ୍ଧି ହୋଇ ଯାଇଥିଲା। ତାର ବଂଚିବାର ଇଚ୍ଛା ନଥିଲା କିମ୍ବା ମୃତ୍ୟୁ ତା ନିକଟକୁ ଆସିବାର ଇଚ୍ଛା ପ୍ରକଟ କରୁନଥିଲା। ଜେଜେମା' ପରେ ମାଲିକାଣୀ ତା କଥା ବୁଝୁଥିଲେ।

ହେଲେ ମାସ କେଇଟା ଭିତରେ ସେ ବି ଆରପାରିକୁ ଚାଲିଗଲେ। ଏମିତିରେ ଅନେକ ରୋଗ ତାଙ୍କୁ ଆବୋରି ବସିଥିଲା। ହାଇ ବ୍ଲଡ୍‌ପ୍ରେସର୍ ସାଙ୍ଗକୁ ହାର୍ଟ ବେମାରୀ ବି ଥିଲା। ଜେଜେମା' ବିନା ବଂଚି ଶିଖିନଥିବା ମାଲିକାଣି ଜେଜେମା'କୁ ଖୁବ୍ ଝୁରି ହେଉଥିଲେ। ତା ପ୍ରତି ଅନ୍ୟାୟ କରିଛନ୍ତି ଭାବି ବିଳପି ଉଠୁଥିଲେ ଶେଷ ବେଳକୁ। ଏଥିପାଇଁ ବୋଧେ ତାଙ୍କ ସଂସାରର ଚରମ ଦୁର୍ଦ୍ଦଶା। ସେହି ଚିନ୍ତାରେ ଘାରିହୋଇ ଚାଲିକଲେ। ସାନ ମାଲିକାଣୀ ଆସିଲେନି ଏ ଖବର ଶୁଣି। ସେଥିପାଇଁ ଆହୁରି ବେଶୀ ବ୍ୟଥିତ ହେଲେ ସାନବାବୁ।

ମାଲିକାଣୀ, ବୋହୂ ଓ ପିଲାମାନଙ୍କୁ ଝୁରିଝୁରି ମାଲିକ ବି ଖୁବ୍ ବେଶୀରେ ବର୍ଷ ଗୋଟାଏ ବଂଚିଲେ। ପୁଅର ଦୁଃଖ ତାଙ୍କୁ ଅବେଳରେ ଟାଣି ନେଇଗଲା ଆର ପାରିକୁ। ମୁଖ୍ୟତଃ ସାନବାବୁଙ୍କ ଦୁଶ୍ଚିନ୍ତାରେ ମାଲିକ ଓ ମାଲିକାଣୀ ଆରପାରିକୁ ଚାଲିଗଲେ। ହୁଏତ ତାଙ୍କସୁଖ ଦେଖି ଆଉକିଛି ବର୍ଷ ବଂଚିରହିଥାନ୍ତେ। ଜାଆଁଳା ନାତୀ ନାତୁଣୀଙ୍କୁ ଦେଖି ମଉଳାଗଛରେ ପାଣିପଡିବା ପରି ଜୀଇଁ ଉଠିଥାନ୍ତେ। ସେମାନଙ୍କ ସହିତ ଛୋଟ ପିଲାହୋଇ ଢେର୍ ଖେଳିଥାନ୍ତେ ! ନିଜ ମନତଳର ସମସ୍ତ ଓରମାନ୍ ମେଣ୍ଟେଇଥାନ୍ତେ। ହେଲେ ସେ ଭାଗ୍ୟ ବି ସେମାନଙ୍କର ହେଲାନି। ସୁଖକୁ ବିକଳ ଭାବରେ ଚାହିଁଚାହିଁ ଆଖିରୁ ପାଣି ମଲା। ହେଲେ ସୁଖ ସେମାନଙ୍କ ଏରୁଣ୍ଡି ବନ୍ଧ ଡେଇଁ ଭିତରକୁ ଆସିପାରିଲାନି। ନିଜର ଏକମାତ୍ର ପୁଅଟିର ସୁଖର ସଂସାରକୁ ସେ ଦେଖିବାର ସୌଭାଗ୍ୟ ପାଇପାରିଲେନି। ଇଏ କଣ ଭାଗ୍ୟର ବିଡମ୍ବନା ନୁହେଁ କି ? କି ବେଳାରେ ସେ ଏକମାତ୍ର ଅଲିଅଳ ପୁଅକୁ ବାହା କରିଥିଲେ ଯେ ଘର ଆଜି ଲକ୍ଷ୍ମୀଛଡା। ସୁଖ ସାତ ସମୁଦ୍ରତଳର ଫରୁଆ ଭିତରେ ବନ୍ଦୀ। ଏସବୁ ନୀରବ ଝଡକୁ ଛାତିରେ ଜଡାଇ ସେମାନେ ତଥାପି ଜୀଇଁଚାଲିଥିଲେ। ହେଲେ କେତେଦିନ..ଏଭଳି ନିରୁତ୍ସାହିତ ଜୀବନଟେ ବଂଚୁଥିବେ।

ସକାଳ ହେଉଥିବ ତାଙ୍କ ପାଇଁ କିନ୍ତୁ ଶୁଭ ସୂର୍ଯ୍ୟ ଉଦିତ ହେଉନଥିବେ। ରାତିର ଅନ୍ଧକାରକୁ ଭୟ କରୁଥିବେ କାରଣ ଏହି ଅନ୍ଧକାର ତାଙ୍କ ଜଡତା ଓ ବିବଶତାକୁ ମନେ ପକାଇ ଦେଉଥିବ। ଅନ୍ଧକାରର ଅସହାୟତା ନେସି ହୋଇଯାଉଥିବ ତାଂକ ମନତଳେ। ସେମାନେ ମରିବାକୁ ଇଚ୍ଛା କରୁଥିବେ। ଅଥଚ ମୃତ୍ୟୁ ଆସୁନଥିବ। ଜୀବନଟିଏ ଚାହୁଁଥିବେ ହେଲେ ମୁକ୍ତବାୟୁର ପ୍ରବେଶ ଧାରାଟି ସଂକୁଚିତ ହୋଇଆସୁଥିବ। ଏଭଳି ଶଂକାକୁଳ ମନଟିଏ ନେଇ କେତେକାଳ ବା ବଂଚିବେ ଦୁର୍ଭାଗ୍ୟ ସହିତ ସଂଗ୍ରାମ କରି ? ହୁଏତ ଗୋଟେ ସମୟରେ ସେମାନେ ଆଉ ପାରିନଥିବେ। ମୁକାବିଲାର ସାମର୍ଥ୍ୟ ଆଉ ନଥିବ ତାଙ୍କ ମନତଳେ। ତାପରେ ହାରିଯାଇଥିବେ ଜୀବନଯୁଦ୍ଧରେ। ଲିଭିଯାଇଥିବ ଦୀପ ଦୁଇଟି। ବାସ୍...ଅନ୍ଧକାର ବ୍ୟାପିଯିବ ଚାରିଆଡେ। ମାୟା ମୃଗ ପଛରେ ଧାଇଁଧାଇଁ ସେମାନେ ନିଜକୁ ଠକିବାର ଚେଷ୍ଟାରୁ ପାଇଯାଇଥିବେ ମୁକ୍ତି।

ହେଲେ ଲୀନା ମନତଳେ ପ୍ରଶ୍ନ..ଜେଜେମାଆ ମଲାବେଳେ କଣ ଅଭିଶାପଟିଏ ଦେଇଯାଇଥିଲା ସେମାନଂକୁ ? ନିଜର ଅମୂଲ୍ୟ ଜୀବନକୁ ଠିକ୍ ଭାବେ ବଂଚି ପାରି ନଥିବାର ଦୁଃଖରେ ସନ୍ତୁଳି ହୋଇ ସେ ତାହେଲେ କଣ ବିପର୍ଯ୍ୟୟଟିଏ କାମନା କରିଥିଲା ଏ ଘର ପାଇଁ ?

*(କ୍ରମଶଃ)*




## ହେ ଈଶ୍ୱର ! ଏଇ କଣ ତୁମରି ସୁନ୍ଦର ସଂସାର ?

### ନିରଞ୍ଜନ ସାହୁ

ଏଠି ଜୀବନ ଜୀଇଁବା ଭାରି କଷ୍ଟ
ତଥାପି ବି ମଣିଷ ବଞ୍ଚିଥାଏ
ସବୁ ଦେଖୁଥାଏ
କିନ୍ତୁ ନ ଜାଣିବା ପରି ରହିଥାଏ
ସବୁ ଜାଣିଥାଏ
ଅଜଣା ପରି ହୋଇଥାଏ
ସବୁ ଶୁଣିଥାଏ
ଅଶୁଣା ପରି କହିଥାଏ
ଏମିତି ଥାଏ ଆଜିକାଲି
ଜୀବନର ପରିଭାଷା।
ଏଠି ସତ୍ୟକୁ ସାମ୍ନା କରିବାର
ଦୁଃସାହସ ନ ଥାଏ ସମସ୍ତଙ୍କର
କଥାକଥାକେ ଉଠୁଥାଏ
ଖଣ୍ଡା, ଭୁଜାଲି, ବନ୍ଧୁକ।
ଏଠି ସମସ୍ତେ
ଶୁଦ୍ଧ ଆଚରଣର ଉଚ୍ଚାରଣ କରନ୍ତି
ମାତ୍ର ବାସ୍ତବ ଜୀବନରେ
କାର୍ଯ୍ୟ କରନ୍ତି ଠିକ ତାହାର ଓଲଟା।
ଏଠି ବାହାରକୁ ସମସ୍ତେ ଭଦ୍ରଲୋକ
ଗୋଟାପଣେ ସତୀ ସାବିତ୍ରୀ
କିନ୍ତୁ ଭିତରେ ଭିତରେ
ସମସ୍ତଙ୍କ ଭିତରେ ଲୁଚିଥାଏ
ଗୋଟିଏ ସୈତାନ ପ୍ରବୃତ୍ତି
ସମୟ ସୁବିଧା ମିଳିଗଲେ
ସେ ପ୍ରବୃତ୍ତି ପାଲଟେ ରାକ୍ଷସ।
ଏଠି ଈଶ୍ୱର ଏକଦମ ନିରୁତ୍ତର
ସିଏ ବି ଦେଖ , ଶୁଣ , ଚୁପରୁହ
ନୀତିକୁ ଆପଣେଇ ନେଇଛନ୍ତି
ତାଙ୍କର କଥା ଓ କାହାଣୀ
ବାସ୍ତବ ଜୀବନରେ ସେମିତି
ପ୍ରଭାବ ନ ପକାଇବା ପରି ମନେହୁଏ।
ଏସବୁ ସମସ୍ତ ଅସୁବିଧା ଭିତରେ ବି
ବଞ୍ଚିଥାଏ ଏ ମଣିଷ
ସତ୍ୟ, ନ୍ୟାୟ, ଧର୍ମକୁ ବିଶ୍ୱାସ କରି
ମାତ୍ର ସେ ଅନୁଭବ କରୁଥାଏ
ଏସବୁକୁ ଆଶ୍ରା କରି ବଞ୍ଚିବା
ବଡ଼ କଠିନ ବ୍ୟାପାର।
ହେ ଈଶ୍ୱର !
ଯଦି ଜୀବନ ଦେଇ
ଜୀବଜଗତ ଗଢିଲ
କେବଳ ସଦଗୁଣ ବଜାୟ ନ ରଖି
ନକରାତ୍ମକ ଚିନ୍ତାଧାରା କାହିଁକି
ମଣିଷ ମନରେ ଉଦ୍ରେକ କଲ ?
ବେଳେବେଳେ ନିରୀହ ମଣିଷଟି
ଭାଗ୍ୟକୁ ଆଦରି ନେଇ
ସରଳ ମନରେ
ଈଶ୍ୱରଙ୍କୁ ଏମିତି ପ୍ରଶ୍ନ ପଚାରୁଥାଏ।
ଅଥଚ ଈଶ୍ୱର ଥାଆନ୍ତି
ନିର୍ବିକାର, ନିରୁତ୍ତର
ଏ ମଣିଷ ଏମିତି ଏମିତି
ପାଶବିକ ଅତ୍ୟାଚାରର
ରାଜତ୍ୱପଣ ଦେଖିଦେଖି
କେବଳ ଆଶା ବାନ୍ଧୁଥାଏ
ଦିନେନା ଦିନେ ନିଶ୍ଚୟ ହେବ
ଈଶ୍ୱରଙ୍କ ଆବିର୍ଭାବ
ଅସତକର୍ମର ବିଲୋପ ହେବ
ସତ୍କର୍ମର ପ୍ରଚାର ପ୍ରସାର ହେବ
ଏମିତି କେତେ କ'ଣ।
ଏମିତି ଭାବୁଥିବା ମଣିଷ
କେବଳ ପ୍ରାଣ ବିକଳରେ
ପ୍ରାର୍ଥନା କରୁଥାଏ ଈଶ୍ୱରଙ୍କୁ
ମାତ୍ର ଈଶ୍ୱର ଆସନ୍ତି ନାହିଁ
ଧୀରେଧୀରେ ଜୀବନ ଦୀପରୁ
ସରି ଆସୁଥାଏ ତେଲ
ଦିନେନା ଦିନେ ଲିଭିଯିବ ଜୀବନ ଦୀପ
ଏ ଦୁନିଆ କିନ୍ତୁ ଜାଣିପାରିବ ନାହିଁ
ଜଣେ ଭଲଲୋକ ଚାଲିଗଲା ବୋଲି
କାରଣ ସିଏ ପରା ଗରିବ, ନିରୀହ
ସତ୍ୟପଥରେ ଚାଲୁଥିବା
ଗୋଟିଏ ଅତି ସାଧାରଣ ମଣିଷ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ*
*ଦୂରଭାଷ : ୯୯୩୮୭୪୧୫୮୩*

## ପିଲାଙ୍କ ଦୁନିଆ






ଦୋଲମଣୀ ନାଗ
ଷ୍ଟାଣ୍ଡାର୍ଡ - ୩
ତପୋବନ ଏକାଡେମୀ
ଟିଟିଲାଗଡ

## ନର ରାକ୍ଷସ

### ପୁଷ୍ପଲତା ମିଶ୍ର



ଦୀର୍ଘ ପାଞ୍ଚ ବର୍ଷ ପରେ ଗାଁକୁ ଫେରୁଛି ଡାକ୍ତର ତୁଷାର କାନ୍ତ ମିଶ୍ର। ସୁଦୂର ଆମେରିକା ଡାକ୍ତର ପାଠ ସାରି ଓଡ଼ିଶା ଫେରି ଆସୁଛି, ସାତ ସମୁଦ୍ର ତେର ନଈ ପାରି ହୋଇ ଆସିବ ତୁଷାର। ଓଡିଶାରେ ଡାକ୍ତରୀ ସେବା କରିବ। ଡାକ୍ତରଙ୍କ ଅଭାବରେ କେମିତି ଲୋକେ ହନ୍ତ ସନ୍ତ ହୋଇ ମରୁଛନ୍ତି ସେ ଦେଖିଛି ନିଜ ଆଖିରେ ତା ମାଆର ମୃତ୍ୟୁ ଶଯ୍ୟା ନିକଟରେ ! ଡାକ୍ତର ନାହାଁନ୍ତି ଷ୍ଟୋରରେ ଔଷଧ ନାହିଁ, ଏ ଭଳି ପରିସ୍ଥିତି ରେ ଡାକ୍ତରୀ ପାଠ ପଢି ଆଜି ସେ ଗର୍ବରେ ଓ ମନ ଖୁସିରେ ଫେରି ଆସୁଛି ତାର ଜନ୍ମ ମାଟିକୁ ...। ମନେ ପଡେ ସେଇ ମନୋରମ ସକାଳର ଶୋଭା ସବୁଜ କ୍ଷେତର ବର୍ଣ୍ଣବିଭା ରାସ୍ତାର ଧାରେ ଧାରେ ନଚୁଛି କାଶ ତଣ୍ଡିର ଗ୍ଲାମର। ପୋଖରୀ ହୁଡ଼ାର ଆମ୍ବ ତୋଟା ଗହଳର ଛାଇ ଛାଇକା ଆଲୁଅର ସମ୍ଭାରରେ ମୁହଁ ଲୁଚା ଦେଇ ମାନୀ କହୁଥିବା ମତେ କିଛି ନୀଳ କଇ ତୋଳି ଦେବୁ ତୁଷାର ଭାଇ ! ତାକୁ ଚିଡ଼େଇବା ଢଙ୍ଗରେ ମୁଁ ଲୁଚି ଯାଏ ଆମ୍ବ ଗଛର ଉହାଡରେ ମତେ ନ ପାଇ ଡରିଯାଇ କାନ୍ଦି ପକାଏ ମାନୀ, ଗୋଟେ ନାକ କାନ୍ଦୁରି ସିଏ। ତାକୁ କନ୍ଦେଇବାକୁ ଯେମିତି ଭଲ ଲାଗେ ରଗେଇବାକୁ ବି ସେମିତି ମୁଁ ଭଲ ପାଏ। ମାନୀ ରାଗିଯାଇ ଅଭିମାନରେ ମୋ ଛାତିକୁ ତା କୋମଳ ହାତ ରେ ଦୁଇ ଚାପୁଡ଼ା ମାରି କୁହେ ମୁଁ ତୁମ ସଂଗେ କଥା ହେବିନି, ମତେ ଭଲ ଲାଗେ ତାର ରାଗ ମୁହଁ ଦେଖିବାକୁ ...। ଆଜି କାହିଁକି ମାନୀ କଥା ଭାରି ମନେ ପଡୁଚି କଣ କରୁଥିବ ମୋ ମାନୀ ! ମୁଁ ପାଠ ପଢ଼ି ଫେରିଲେ ଆମର ମିଛି ମିଛିକା ବାହାଘରକୁ ସତରେ ପରିଣତ କରିବା। ଏହି କଥା ଦେଇ ଆସି ଥିବା ତୁଷାର ବ୍ୟସ୍ତତା ଭିତରେ ଦିନେ ହେଲେ ବି ମନେ ପକେଇ ନି ତା ମାନୀ କେମିତି ଅଛି। ନା ! ମାନୀ ମତେ ନିଶ୍ଚିତ ଅପେକ୍ଷା କରିଥିବ। ମୋର ତ ମାଆ ନାହିଁ ହେଲେ ମାଆର ସ୍ନେହ ମମତା ମାନୀର ମାଆ ଠାରୁ ପାଇଛି। ଯେତେବେଳେ ମାନୀ ଘରକୁ ଯାଏ ମାନୀର ମାଆ କମଳା ମାଉସୀ ମୋତେ ପୁଅ ଠାରୁ ଅଧିକ ସ୍ନେହ କରନ୍ତି। କ୍ୟାପିଟାଲ ହସ୍ପିଟାଲରେ ସର୍ଜିକଲ୍ ସ୍ପେସାଲିଷ୍ଟରେ ନିଯୁକ୍ତି ପୂର୍ବରୁ ଦୁଇ ମାସ ଛୁଟିରେ ରହିବି। ଏହି ସମୟରେ ମାନୀ ସହିତ ମୋର ସହନାଇ ବାଜିବ ତୁଷାର ସହିତ ମାନୀର ଶୁଭ ପରିଣୟ। ଫ୍ଲାଇଟର ଘର ଘର ଶବ୍ଦରେ ଭାବନା ରାଇଜରୁ ଫେରିଆସିଲେ ତୁଷାର। ଏୟାର ପୋର୍ଟରୁ ଲଗେଜ ଧରି ଚାଲିଲେ ଗାଁ ଅଭିମୁଖେ ....। ସବୁଜ କେଦାରରେ ଭର ପୁର ଗାଁ ପରିବେଶ କେତେ ବଦଳି ଯାଇଛି ସତେ ? ମୋ ଯିବାର ଜାଣି ବାପା ଗ୍ରାମ ମୁଣ୍ଡରେ ଆସି ବସିଛନ୍ତି କେତେବେଳେ ତାଙ୍କ ତପୁ ଆସିବ ? ଘରେ ଖୁଡିଙ୍କୁ ବରାଦ କରି ରୋହି ମାଛ କିଣି ଦେଇ ଆସିଛନ୍ତି ଭଲ କରି ତରକାରୀ କରିବାକୁ, ତା ମାଆ ବଞ୍ଚି ଥିଲେ କେତେ ନଅ ତିକ୍ତ ଛଅ ଭଜା କରି ସାରିଥାନ୍ତି। ଗ୍ରାମ ମୁଣ୍ଡରେ ବାପାଙ୍କ ସହ ସବୁ ପିଲା ମାନଙ୍କୁ ଦେଖି ମନ ଖୋଜୁ ଥାଏ ଅନ୍ୟ ଜଣକୁ.....? ମାନୀ କଣ ଜାଣିନି ତା ତୁଷାର ଭାଇ ଆସୁଛି ବୋଲି, ଡାକ୍ତର ପୁଅକୁ ବାପା ପାଛୋଟି ନେବାର ଶୈଳୀକୁ ଭୁଲି ହେବନି। ମନ ଖୋଜୁ ଥାଏ ଆଉ କାହାକୁ..... ଘରେ ପହଞ୍ଚି ଛି କି ନାହିଁ ମୋର ମନର କଥା ଖୁଡି କେମିତି ଜାଣିପାରିଲେ କେଜାଣି ?

ଖୁଡି ପାଖରେ ବସାଇ ଖାଇବାକୁ ବାବୁ ବାବୁ କହିଲେ ଜାଣିଲ ତପୁ ! ମାନୀର ବାହାଘର ହୋଇଯାଇଛି ବାହାଘର ପୂର୍ବରୁ ଆସିଥିଲେ ଆମ ଘରକୁ କାନ୍ଦି କାନ୍ଦି ତୁମ କଥା ପଚାରୁ ଥିଲେ ଆଉ କହିଗଲେ ଖୁଡି କହିଦେବ ମୋ ତୁଷାର ଭାଇକୁ ତାଙ୍କ ମାନୀ ତାଙ୍କୁ ଅପେକ୍ଷକ୍ଷ କରି ପାରିଲା ନାହିଁ। ବାପାଙ୍କ ବାଧ ବାଧକତାରେ ମୁଁ ଆଉ ଜଣଙ୍କର ହୋଇ ଯାଉଛି। ଦିନ, ରାତି, ମାସ, ବର୍ଷକୁ ତାଳ ଦେଇ ଅପେକ୍ଷା କରି ଥିବା ମାନୀ ଆଜି ପ୍ରତୀକ୍ଷାର ସ୍ୱପ୍ନକୁ ଉଁଆସ ରାତିର ମିଛ ସ୍ୱପ୍ନକୁ କାନିରେ ବାନ୍ଧି ଚାଲିଯାଉଛି ଏ ଗାଁ ଛାଡ଼ି। କହିବ ମୋ ତୁଷାର ଭାଇକୁ ଏ ଅଭାଗିନୀକୁ ଟିକେ ଦେଖିଥିବେ। ଘରେ ଦୁଇ ମାସ ରହିବାକୁ ବାତିଲ କରି ମନର ଦୁଃଖକୁ ମନରେ ରଖି ଗୋଟିଏ ସପ୍ତାହରେ ଗାଁରେ ରହି ଭୁବନେଶ୍ୱର ଚାଲି ଆସି କ୍ୟାପିଟାଲ ହସ୍ପିଟାଲରେ ସର୍ଜନ ଭାବେ ଜଏନ କରି ଭୁବନେଶ୍ୱରରେ ସରକାରୀ ବାସ ଭବନରେ ରହିଥାଏ ତୁଷାର କାନ୍ତ ମିଶ୍ର। ବାପାଙ୍କର ଏକା ଜିଦ୍ ମୋର ବାହାଘର, କିନ୍ତୁ ମୁଁ ନିଜକୁ ବୁଝେଇ ପାରୁନି ମୁଁ କାହାକୁ ବାହା ହେବି ? ଯାହାକୁ ବାହା ହେବି ବୋଲି କଥା ଦେଇଥିଲି ସେ ତ ଅନ୍ୟର ହୋଇଗଲା ଅପେକ୍ଷା କରି ପାରିଲାନି, ଏମିତି ସେବା କରି ଜୀବନ ବିତେଇ ଦେବି।

*(କ୍ରମଶଃ)*




## କବିତାର କଥା

(ଭାଗ-୧୦୩)



### ଉମାକାନ୍ତ ରାଉତ



## ଏତିକି ସେ ଅମାନିଆଁ ପିଲା !

'ବାଜିରାଉତ' କାବ୍ୟ ଆଲୋଚନାବେଳେ ବାଜିରାଉତଙ୍କର ଗାରିମାକୁ ଜାଜ୍ୱଲ୍ଲିତ କରିବା ପାଇଁ ଚନ୍ଦ୍ରରେ କଳଙ୍କ ଭଳି ଯେଉଁ କେଇଟି ଉପାଦାନର ଉପସ୍ଥାପନା ଜରୁରୀ ସେମାନଙ୍କ ମଧ୍ୟରେ ଢେଙ୍କାନାଳ ମୂଳକର ଇଂରେଜ ଗୋଲାମ ଏକଛତ୍ରପତି ଶାସକ ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର ଅନ୍ୟତମ। ସେତେବେଳେ ଖଣ୍ଡବିଖଣ୍ଡିତ ଓଡ଼ିଶାର ଗଡ଼ଜାତ ଶାସନରେ ଇଂରେଜମାନଙ୍କର ଶକ୍ତି ଓ ସାହସ ପାଇ ରାଜା ଓ ଜମିଦାରମାନଙ୍କର ଦୌରାତ୍ମ୍ୟ , ଜୁଲମ ଓ ନିରୀହ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ସୀମା ଟପିଯାଇଥିଲା। ରାଜା ଶଙ୍କର ବାହାଦୂର ନିର୍ଦ୍ଦେଶ ଜାରି କରିଥିଲେ - 'ମୁଁ ଢେଙ୍କାନାଳ ମୂଳକରେ ଏକଛତ୍ରପତି ଶାସକ, ସମସ୍ତଙ୍କର ପ୍ରଭୁ। ମୋର ଆଦେଶ ପାଳିବା ଓ ସେବା କରିବା ତୁମ୍ଭମାନଙ୍କର ପରମ କର୍ତ୍ତବ୍ୟ। ତୁମ୍ଭେମାନେ ବିନା ପ୍ରତିବାଦ ଓ ଅଭିଯୋଗରେ ମୋର ବେଠି ବେଗାରି ଖଟିବ। ତୁମ ଉପରେ ବସାଯାଇଥିବା କର ଦେବାକୁ ତୁମେ ବାଧ୍ୟ। କେହି ନିଶ ରଖି ପାରିବ ନାହିଁ। ଯିଏ ଆଦେଶ ଅମାନ୍ୟ କରିବ ତାର ନିଶ ଉପାଡ଼ି ଦିଆଯିବ।'

କର ଦେଇ ଦେଇ ସର୍ବସ୍ୱାନ୍ତ ହୋଇଗଲେ ପ୍ରଜାମାନେ। ବେଠି ବେଗାରି ଓ କର ଭାରରେ କମର ଭାଙ୍ଗିଗଲା ଲୋକମାନଙ୍କର। ପୁଣି ବସାଇଲେ ଏକ ନୂଆ କର - ବାଜେ କର। ଆପତ୍ତି କଲେ ବସିଲା କୋରଡ଼ା ମାଡ଼। ତ୍ରାହି ତ୍ରାହି ଡାକିଲେ ପ୍ରଜା। ଏ ପ୍ରସଙ୍ଗକୁ ଚମତ୍କାରଭାବେ କବିତାର ପଂକ୍ତିରେ ଚିରକାଳ ଜୀବନ୍ତ କରି ରଖିଲା ବିପ୍ଳବୀ କବି ରବି ସିଂଙ୍କର ବଜ୍ର କଲମ।

"ରକତେ ଗୋଳାଇ ଚୂନ ବାଲି
ମୁଣ୍ଡର ଝାଳକୁ ତୁଣ୍ଡେ ମାରି
ମୁଠାଏ ତ ଚୁଡ଼ା ପିଠିରେ କୋରଡ଼ା
ଯତନ ନଗର କେତେ ବଡ଼
ମଣିଷକୁ ଥରେ ପଢ଼ ପଢ଼।"

ଦିନକୁ ଦିନ ଅସହ୍ୟ ହୋଇଉଠିଲା ଯନ୍ତ୍ରଣା। ଗଠନ ହେଲା ପ୍ରଜାମଣ୍ଡଳ। ନବଗଠିତ ପ୍ରଜାମଣ୍ଡଳ ମାଧ୍ୟମରେ ରାଜାଙ୍କ ପାଖରେ ପ୍ରଜାମାନେ ଦାବି ଜଣାଇଲେ। ରାଜା ମାନିଲେ ନାହିଁ ପ୍ରଜାମଣ୍ଡଳକୁ। ଆହୁରି ଉତ୍ୟକ୍ତ ହେଲେ। ଆରମ୍ଭ କରିଦେଲେ ଅକଥନୀୟ ଅତ୍ୟାଚାର ଓ ଦମନଲୀଳା। ଥରିଉଠିଲା ଢେଙ୍କାନାଳ ମୂଳକ। ଇଂରାଜୀ ସିପାହୀଙ୍କ ସାହାଯ୍ୟ ଲୋଡ଼ିଲେ ଅତ୍ୟାଚାରୀ ରାଜା। ତୀବ୍ର ହେଲା ଆନ୍ଦୋଳନ। ପ୍ରଜ୍ୱଳିତ ହେଲା ପ୍ରତିବାଦ ଓ ପ୍ରତିଶୋଧର ବହ୍ନି। ଦୃଢ଼ ଶପଥ ନେଲା ପ୍ରଜାମେଳି - ମାନିବେ ନାହିଁ ରାଜାର ହୁକୁମ , ମାନିବେ ନାହିଁ ଇଂରେଜମାନଙ୍କର ହୁକୁମ। ଓହରିବେ ନାହିଁ ନିଜର ବଜ୍ର ଶପଥରୁ। ନଦୀ ପାର କରେଇ ଦେବେନାହିଁ ଇଂରେଜମାନଙ୍କୁ।

ଉପରୋକ୍ତ ବଜ୍ର ଶପଥର ଜୀବନ୍ତ ବହ୍ନିଧାରଭାବେ ଉଭାହେଲା ବାର ବର୍ଷର ଅବୋଧ ବାଳକ ବାଜିରାଉତ, ଯାହାକୁ ଚିରକାଳ ଚିରଭାସ୍ୱର କରି ଗୋଟେ ଜାତିକୁ ପ୍ରେରଣା ଦେବାକୁ ସୃଷ୍ଟି ହେଲା ମାଟିପ୍ରେମୀ ମହାନ୍ କବିର ଅମର କାବ୍ୟ - 'ବାଜି ରାଉତ'

ବ୍ରାହ୍ମଣୀ ନଈ କୂଳର ନୀଳକଣ୍ଠପୁର ଗାଆଁ। ବ୍ରାହ୍ମଣୀ ତା'ର ମାଆ। ମାଆଠାରୁ ଶୁଣିଲା ସବୁକଥା। ରାଜାର ଉତ୍ପୀଡନ, ଇଂରେଜର ଜୁଲମ। ସ୍ତବ୍ଧ ହେଇଗଲା ବାଜିଆର ସ୍ନାୟୁପୁଞ୍ଜ ।ବିଦ୍ରୋହର ବହ୍ନିରେ ଜଳି ଉଠିଲା ତାର ଦେହମନ ସର୍ବାଙ୍ଗନ। ଦୃଢ଼ ମନୋବଳ ଓ ସଂକଳ୍ପ ସେଇ ଛୋଟିଆ ପିଲାକୁ ପ୍ରେରିତ କଲା କରିବାକୁ ମହାନ୍ କାମ। ସେଥିପାଇଁ ମାଟିର କବି ଗାଇ ଉଠିଲେ - "ଛୋଟ ସିନା ଅଟେ ସେ ବିରାଟ !"

"ସୃଜନର ନୂଆ ଭାଗିରଥୀ, କ୍ରାନ୍ତିର ସାରଥୀ
ଜନତାର ସେ ଯେ ମୂକ କବି
ତାହାରି ବନ୍ଦନା ଗାଏ ମେଘମୁକ୍ତ ଅନାଗତ ରବି
ପୂର୍ଣ୍ଣିମାର ସୁଦୀର୍ଘ ଗୌରବ
ଆଜି ଏଥି ତମିସ୍ରାରେ ଗାଏ ବଂଧୁ ତା'ର ମୁଗ୍ଧ ସ୍ତବ।"

ଖେଳିବା ବୁଲିବା ବୟସ ବାଜିଆର। ତା' ଭିତରେ ଏତେବଡ଼ ବିପ୍ଳବର ଧ୍ୱନି ।ମାଟିର ପ୍ରଥମ ପବନ ସେ ନେଇଥିଲା ସେଇ ମାଟିରୁ। ସେ ନିଃଶ୍ୱାସ ଯଦି ସେଇ ମାଟି ପାଇଁ ମିଶିଗଲା , କ୍ଷତି କ'ଣ ?

ବାଜିର ମନସ୍ତତ୍ତ୍ୱକୁ ନିଖୁଣଭାବେ ପରଖି କବି ରାଉତରାୟ ନିମ୍ନ ପଂକ୍ତିରେ ଅମ୍ଳାନ କରି ତୋଳି ଧରିଲେ ସେ ମହାନ ଭାବନାକୁ-

"ଅତୀତର ବାରୋଟି ଫାଲ୍ଗୁନ
ପୋଡ଼ି ଯଦି ଯିବ ଯାଉ ଏ ଚିତାରେ
ଯଥା ଶୁଷ୍କ ତୃଣ
ନାହିଁ କ୍ଷତି , ନାହିଁ ଆରେ ଭୟ
ହବ, ହବ ପୁଣି ଦିନେ ବସନ୍ତର ଚିର ଅଭ୍ୟୁଦୋୟ"

ପ୍ରଜାମେଳିରେ ସ୍ଥିର ହୋଇଥିଲା ଇଂରେଜମାନଙ୍କୁ ନଦୀ ପାର କରେଇ ନଦେବାକୁ। ସେଇ ଅବୋଧ ପିଲାଟା ସେଇ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଦୃଢ଼ ସଂକଳ୍ପ ନେଲା। ଭୋକଶୋଷ ଭୁଲି ଡଙ୍ଗାରେ ଜଗିବସିଲା ନଈଘାଟ। ବ୍ରାହ୍ମଣୀର ସେଇ ପ୍ରଚଣ୍ଡ ଘାଟ ଆଉ ଏକାକୀ ଗୋଟେ ବାରବର୍ଷର ବାଳକ। ଭୟ ବି ତା'ର ପାଖକୁ ଆସିବାକୁ ଭୟ କରୁଥିଲା। ସେଇଥିପାଇଁ କବି ଲେଖିଦେଲେ ---

"ଏତିକି ସେ ଅମାନିଆଁ ପିଲା
ଫଉଜର ଗୁଳିଗୋଳା ରଜା ଝଡ଼
କିଛି ନ ମାନିଲା....!" ?

ଘନଘୋର ରାତି। ଆକାଶରେ ପରସ୍ତ ପରସ୍ତ କଳାହାଣ୍ଡିଆ ମେଘର ଘନ ଆସ୍ତରଣ ଭିତରେ ବିଜୁଳିର ଭୀଷଣ ଚମକ। ଢାଳି ହେଇ ପଡୁଛି ବର୍ଷା। ......ତା ସନ୍ତାନର ଆସନ୍ନ ବିପଦ ଆଶଙ୍କାରେ କରୁଣାର ଅଶ୍ରୁ। ସିଂହ ଶାବକ ବାଜି ରାଉତ ଇଂରେଜ କୁତ୍ତାଙ୍କୁ ଜବାବ୍ ଦେଲା - "ପ୍ରଜାମଣ୍ଡଳର ହୁକୁମ୍ ନାହିଁ।"

ବନ୍ଧୁକ ମୁନର ଶକ୍ତ ଆଘାତରେ ବାଜିର ମୁଣ୍ଡରୁ ଝର ଝର ହୋଇ ଝରି ପଡ଼ିଲା ଶୋଣିତ। ଗୁଳି ଚୋଟରେ ନିହତ ହେଲେ ବାଜି ସମେତ ସେଠାରେ ପହଞ୍ଚିଥିବା ଅନ୍ୟମାନେ। ଶହୀଦଙ୍କର ରକ୍ତରେ ବ୍ରାହ୍ମଣୀର ସ୍ୱଚ୍ଛ ଜଳ ରକ୍ତବର୍ଣ୍ଣ ଧାରଣ କରିଥିଲା ସେଦିନ। "ଅମର ଶହୀଦ୍ ବାଜି ରାଉତ ଅମର ରହେ" ଧ୍ୱନିରେ ମୁଖରିତ ହେଲା ଗଗନମଣ୍ଡଳ।

ସବୁ ଶେଷ। ନା; ଏଇ ଶେଷରୁ ହିଁ ଆରମ୍ଭ ହେଲା ନୂଆ ଆନ୍ଦୋଳନ, ନବ ଜାଗରଣର ଆଦ୍ୟ ଓଁକାର। କବି ଲେଖିଦେଲା ---

"ଏ ମାଟିର ସ୍ତନ୍ୟ ପିଇ, ଗାଇଲା ସେ ଏ ମାଟିର ଜୟ
ବିଶ୍ୱର ଦୂରନ୍ତ ଶିଶୁ ମୃତ୍ତିକାର ଚିର ସ୍ତନଂଧୟ।"

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ୨ ୭ରେ ମାଘ ସପ୍ତମୀ




**କୋଣାର୍କ :** ଆସନ୍ତା୨୭ ଓ ୨୮ରେ ଅନୁଷ୍ଠିତ ହେବ ମାଘମେଳା । ଏଥି ନିମନ୍ତେ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀଜିଉମାନଙ୍କ ନୀତି ନିର୍ଦ୍ଧାରଣ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି । ମାଘମେଳା ନୀତି ସମ୍ପାଦନ କମିଟିର ସ୍ଥାୟୀ ଅଧକ୍ଷ ପୁରୀ ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ କୁମାର ରାଉତରାୟ, ଅତିରିକ୍ତ ଏସପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଏସଡିପିଓ ଦେବାଶିଷ ମିଶ୍ର, କୋଣାର୍କ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଗୋପ ତହସିଲଦାର ଏସ.କେ. ସାଗିରି, କାକଟପୁର ତହସିଲଦାର ଓ ବିଡିଓ, ନିମାପଡା, ଅସ୍ତରଙ୍ଗ ତହସିଲଦାର ଓ ବିଡିଓ, ତ୍ରିବେଣୀଶ୍ୱର ସେବାୟତ କମିଟି ମୁଖ୍ୟ, କାର୍ତ୍ତିକଚନ୍ଦ୍ର ପାଢୀ, ଐଶାଣେଶ୍ୱର ସେବାୟତ କମିଟି ମୁଖ୍ୟ ରବୀନ୍ଦ୍ରନାଥ ପଣ୍ଡା, ଦକ୍ଷିଣେଶ୍ୱର ସେବାୟତ କମିଟି ମୁଖ୍ୟ ଡମ୍ବରୁଧର ପଣ୍ଡାଙ୍କ ସମେତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଖଡିତ୍ନ ପଞ୍ଜିକାରେ ପ୍ରଦତ୍ତ ଅମୃତ ବେଳା ଅନୁଯାୟୀ ଠାକୁରମାନଙ୍କ ଚନ୍ଦ୍ରଭାଗା ତୀର୍ଥକୁ ଶୋଭାଯାତ୍ର ଓ ତୀର୍ଥସ୍ନାନ ନିମନ୍ତେ ନୀତି ନିର୍ଘଣ୍ଟ କରାଯାଇଛି । ନିଷ୍ପତ୍ତି ଅନୁଯାୟୀ ଜାନୁୟାରୀ ୨୭ତାରିଖ ମାଘ ଶୁକ୍ଳ ଷଷ୍ଠୀ ରାତି ୮ଟା ୧୦ ରୁ ୧୦ଟା ମଧ୍ୟରେ ମାଧିପୁର ଗ୍ରାମର ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ମହାଦେବ, ସନ୍ତୁପୁର ଗ୍ରାମର ଐଶାଣେଶ୍ୱର ମହାଦେବ ଓ କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଦେବ ନିଜ ନିଜ ଆସ୍ଥାନରୁ ବାହାରି ବିମାନରେ ବିଜେ କରିବେ । ଏହା ପରେ ଶୋଭାଯାତ୍ରାରେ ବାହାରି ରାତି ୧୧ଟା ୩୦ ସୁଦ୍ଧା ତିନିଠାକୁର କୋଣାର୍କ ଏନଏସି କାର୍ଯ୍ୟାଳୟ ସମ୍ମୁଖସ୍ଥ ମଣ୍ଡପରେ ପହଞ୍ଚିବା ପରେ ମିଳିତ ଭାବେ ପୂଜାର୍ଚ୍ଚନା କରାଯିବ । ରାତି ୧୨ଟା ସୁଦ୍ଧା ଏନଏସି କାର୍ଯ୍ୟାଳୟ ପରିସରରୁ ଶ୍ରୀଜୀଉମାନେ ମିଳିତ ଶୋଭାଯାତ୍ରାରେ ବାହାରି କୋଣାର୍କ ଆର.ଆଇ ଅଫିସ ଓ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଭୋଗ ଖାଇବା ପରେ ରାତି ୧ଟା ସୁଦ୍ଧା ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିବେ । ଏଠାରେ ପାରମ୍ପରିକ ରୀତିନୀତିରେ ଶ୍ରୀଜୀଉମାନଙ୍କର ପୂଜାହୋମ କର୍ମାଦି ସମ୍ପାଦନ କରିବା ପରେ ମାଘ ଶୁକ୍ଳ ସପ୍ତମୀ( ୨୮ତାରିଖ) ରାତି ୧ଟା ୧୬ରୁ ପ୍ରତ୍ୟୁଷ ୩ଟା ୫୦ ମଧ୍ୟରେ ଶ୍ରୀଜୀଉମାନଙ୍କୁ ପବିତ୍ର ତୀର୍ଥ ଜଳରେ ସ୍ନାନ କରିବାର ମାହେନ୍ଦ୍ର ମୁହୂର୍ତ୍ତ ରହିଛି । ଏହି ସମୟାବଧି ମଧ୍ୟରେ ତ୍ରିଦେବଙ୍କ ମିଳିତଭାବେ ସ୍ନାନ ପରେ ପରେ ପ୍ରତ୍ୟୁଷ ୪ଟା ୫୦ରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ତୀର୍ଥ ଜଳରେ ସ୍ନାନ କରିବାର ସୁଯୋଗ ପାଇବେ । ତିନିଠାକୁରଙ୍କ ନୀତିକାନ୍ତିକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଗୋପ, ନିମାପଡା, କାକଟପୁର, ଅସ୍ତରଙ୍ଗର ତହସିଲଦାର, ବିଡିଓ, କୋଣାର୍କ ଥାନାଧିକାରୀ, କୁରୁଜଙ୍ଗ ସରପଞ୍ଚ, କର୍ତ୍ତା ସଞ୍ଜୟ ରାଉତରାୟ ଓ ପୂର୍ବତନ ସରପଞ୍ଚ ଶରତ ମାହାରୀଙ୍କୁ ଦାୟୀତ୍ୱ ଅର୍ପଣ କରାଯାଇଛି । ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ନେତୃତ୍ୱରେ ଏନସିସି, ଏନଏସଏସ, ସ୍କାଉଟ ଗାଇଡ, ଯୁବକ ସଂଘ, ମହିଳା ସଂଘ, ନେହେରୁ ଯୁବକେନ୍ଦ୍ର ସମେତ ସ୍କୁଲ ଓ କଲେଜର ୨୦୦ଜଣ ସ୍ୱେଚ୍ଛାସେବୀ ମେଳାରେ ମୁତୟନ ରହି ଶ୍ରଦ୍ଧାଳୁମାନଙ୍କୁ ସେବା ଯୋଗାଇଦେବେ । ଏହି ବୈଠକରେ ମେଳାସହ ଜଡିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ଅନୁପସ୍ଥିତିକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା । ନିତିନିର୍ଦ୍ଧାରଣ ବୈଠକ ଶେଷରେ ନିମାପଡ଼ା ଏସଡିପିଓ ଦେବାଶିଷି ମିଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ହକି ବିଶ୍ୱକପ୍ ଟ୍ରଫିକୁ ବିପୁଳ ସମ୍ବର୍ଦ୍ଧନା




**ଜଗତସିଂହପୁର:** ଓଡିଶା ରାଜ୍ୟରେ ଦ୍ୱିତୀୟ ଥର ପାଇଁ ହେଉଥିବା ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପାଇଁ ଏକ ନାଟକୀୟ ବାତାବରଣ ସୃଷ୍ଟି ହୋଇଥିଲା ଜଗତସିଂହପୁର ଜିଲ୍ଲାରେ । କେନ୍ଦ୍ରାପଡା ଜିଲ୍ଲାରୁ ହକି ବିଶ୍ୱକପ୍ ଆସି ପାରାଦ୍ୱୀପର ଭୁତମୁଣ୍ଡାଇ ନିକଟରେ ପହଞ୍ଚିବା ପରେ ସ୍ୱାଗତ କରିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ କାହ୍ନୁଚରଣ ଧୀର୍ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ହକି ଟ୍ରଫିକୁ ଗ୍ରହଣ କରିସାରିବା ପରେ ପାରାଦ୍ୱୀପ ବିଧାୟକ ସମ୍ବିତ୍ ରାଉତରାୟ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଶାସକ ଦଳ ମୁଖ୍ୟସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକ ଓ ଜିଲ୍ଲାପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଏକ ବିଶାଳ ବାଇକ ଶୋଭାଯାତ୍ରାରେ ହକି ବିଶ୍ୱକପ୍ ଟ୍ରଫିକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଏହି ଆଣିବା ବାଟରେ ବହୁ ସ୍ଥାନ ମାନଙ୍କରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାପ୍ରେମୀ, ବହୁ ଦର୍ଶକ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କର ଉପସ୍ଥିତ ରହିବା ସହିତ ହରିବୋଲ ହୁଳହୁଳି ପକାଇ ସ୍ୱାଗତ କରିଥିଲେ । ପାରାଦ୍ୱୀପ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିବାକୁ ବହୁ ବିଳମ୍ବ ହୋଇଥିଲା । ଏପରିକି ବିଭିନ୍ନ ବ୍ଲକର ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଏବଂ ଜିଲ୍ଲା ପରିଷଦ ସଭ୍ୟମାନେ ରାସ୍ତା କଡରେ ଉପସ୍ଥିତ ରହି ସ୍ୱାଗତ ଜଣାଉଥିଲେ । ରାଜ୍ୟ ସରକାର ଏହା ପୂର୍ବରୁ ୨୦୧୮ ମସିହାରେ ଯେଉଁ ହକି ବିଶ୍ୱକପ୍ ଆୟୋଜନ କରିଥିଲେ ବର୍ତ୍ତମାନର ଆୟୋଜନ ସେ ପୁରୁଣା ରେକର୍ଡକୁ ଭାଙ୍ଗି ଦେଲା ପରି ମନେହେଉଥିଲା । ସବୁ ସ୍ଥାନମାନଙ୍କରେ ଦର୍ଶକମାନଙ୍କ ଭିଡ ଲାଗି ରହିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ସବୁର ଆୟୋଜନ କରାଯାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଟ୍ରଫି ପହଞ୍ଚିବା ପରେ ଜିଲ୍ଲାପାଳ ପାରୁଲ ପଟ୍ଟୱାରୀ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ କଲାପରେ ଜନସାଧାରଣଙ୍କ ଅପୂର୍ବ ଭିଡ ଦେଖିବାକୁ ମିଳିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଦେଶୀ ଭକ୍ତଙ୍କୁ ...

ଏ ନିବେଦନକୁ ସମ୍ମାନ ଦେବା ସହ ସକାରତ୍ମକ ଢଙ୍ଗରେ ନେଇଥିଲେ ବି ବିଦେଶୀ ଭକ୍ତଙ୍କ ଦର୍ଶନ ପ୍ରସ୍ତାବକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଶ୍ରୀମନ୍ଦିର ସେବାୟତ । ସେମାନଙ୍କ ମତରେ ଶ୍ରୀମନ୍ଦିରରେ ପ୍ରଚଳିତ ପ୍ରାଚୀନ ପରମ୍ପରା, ବିଧି ଓ ଅନୁଶାସନକୁ ବାଦ୍ ଦେବା ସମ୍ଭବ ନୁହେଁ । ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ସେବାୟତ ମାଧବ ଚନ୍ଦ୍ର ମହାପାତ୍ର କହିଛନ୍ତି, ବିଦେଶୀ ଭକ୍ତଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ଲାଳସା ପୂରଣ ପାଇଁ ନବଦିନାତ୍ମକ ଘୋଷଯାତ୍ରା ରହିଛି । ଶ୍ରୀମନ୍ଦିରରେ ପାଳିତ ପରମ୍ପରାକୁ ସମସ୍ତେ ପାଳିବା ଉଚିତ । ମୁକ୍ତିମଣ୍ଡପ ପଣ୍ଡିତ ସଭାର ବରିଷ୍ଠ ସଦସ୍ୟ ହରିଶଙ୍କର ମିଶ୍ର କହିଛନ୍ତି, ରଥଯାତ୍ରା ସମୟରେ ବିଦେଶୀ ଭକ୍ତଙ୍କ ଦର୍ଶନ ପାଇଁ ରାଜ୍ୟ ସରକାର ଆଉ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରନ୍ତୁ । କିନ୍ତୁ ପ୍ରଚଳିତ ପରମ୍ପରାରେ ପରିବର୍ତ୍ତନ ଆଣିବା ଉଚିତ ନୁହେଁ । ଏଣେ ରାଜ୍ୟପାଳଙ୍କ ମତ ଉପରେ ପ୍ରତିକ୍ରିୟା ରଖିଛନ୍ତି ବିଭିନ୍ନ ରାଜନୈତିକ ଦଳ ନେତା । ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଏକଦା ସମୟ ଥିଲା ଅଣହିନ୍ଦୁ ଓ ମୁସଲମାନେ ଆକ୍ରମଣ କରି ହିନ୍ଦୁ ମନ୍ଦିରଗୁଡ଼ିକୁ ଭାଙ୍ଗି ଦେଉଥିଲେ । ସେଥିପାଇଁ ଅଣହିନ୍ଦୁମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଥିଲା । ଏବେ ସମୟ ବଦଳିଛି । ତେଣୁ ମୁକ୍ତିମଣ୍ଡପ ସଦସ୍ୟଙ୍କୁ ଅନୁରୋଧ ଏହା ଉପରେ ଏକ ନୀତିଗତ ନିଷ୍ପତ୍ତି ନେବେ । କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, ଜଣେ ଭକ୍ତ ଭାବେ ରାଜ୍ୟପାଳ ତାଙ୍କ କଥା କହିଛନ୍ତି । କିନ୍ତୁ ଶ୍ରୀମନ୍ଦିରରେ ଯାହା ପରମ୍ପରା ରହିଛି, ତାହା ଭାଙ୍ଗିବାକୁ ଦିଆଯିବନି । ତେବେ ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ଦେଇଥିବା ପ୍ରସ୍ତାବକୁ ଶ୍ରୀମନ୍ଦିର ସେବାୟତଙ୍କ ସମେତ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଓ ଗଜପତିଙ୍କ ନିଷ୍ପତ୍ତି ଉପରେ ଛାଡି ଦେଇଛନ୍ତି ।

### ମାସକ ସୁଦ୍ଧା ...

ଏସବୁ ଗୃହ ନିର୍ମାଣ ବାବଦରେ ନରେନ୍ଦ୍ର ମୋଦି ସରକାର ୭୨୫୦କୋଟି ଟଙ୍କା ଓଡ଼ିଶାକୁ ଦେଇଛନ୍ତି । ତେଣୁ ରାଜ୍ୟ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ ଏହି ଗୃହର କାର୍ଯ୍ୟାଦେଶ ଆବଂଟନ କରିବାକୁ ସେ ଦାବି କରିଛନ୍ତି । ପାରଦର୍ଶିତା ଓ ସ୍ୱଚ୍ଛତା ଆଧାରରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେବାକୁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । କେବଳ ଖୋର୍ଦ୍ଧା ଜିଲ୍ଲା ପାଇଁ ୧୦୧୪୭ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆବଂଟିତ ହୋଇଛି । ଏହି ସମସ୍ତ ୯.୫୯ଲକ୍ଷ ହିତାଧିକାରୀଙ୍କୁ ଫେବୃୟାରୀ ମାସ ଶେଷ ସୁଦ୍ଧା ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ସେ ଦାବି କରିଛନ୍ତି । ସେହିପରି କେନ୍ଦ୍ର ସରକାର କ୍ୟାପିଟାଲ ରିଜନ ରିଙ୍ଗ ରୋଡ୍ ନିର୍ମାଣ ପାଇଁ ୯୪୭୮କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏନେଇ ଟେଣ୍ଡର ପ୍ରକ୍ରିୟା ସରିଛି । ରାଜ୍ୟ ସରକାରଙ୍କୁ ଏହି ଟେଣ୍ଡର ଚୂଡ଼ାନ୍ତ ପାଇଁ ପଠାଯାଇଛି । ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ନିଷ୍ପତ୍ତି ନେଲେ ଏହି ରିଙ୍ଗରୋଡ୍ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇପାରିବ । ରାମେଶ୍ୱରମରୁ ଚୌଦ୍ୱାର ପର୍ଯ୍ୟନ୍ତ ୬ଲେନ୍ ବିଶିଷ୍ଟ ରିଙ୍ଗରୋଡ୍ ନିର୍ମାଣ ହେଲେ ଜାତୀୟ ରାଜପଥରେ ଟ୍ରାଫିକ ଜାମ୍ ସମସ୍ୟା ହ୍ରାସ ପାଇପାରିବ ତଥା ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ । ସେହିପରି ଖୋର୍ଦ୍ଧା ସହରର ଜାତୀୟ ରାଜପଥ-୫୭ରେ ବାଇପାସ୍ ନିର୍ମାଣ ପାଇଁ ମଧ୍ୟ କେନ୍ଦ୍ର ସରକାର ୧୫୭କୋଟି ଟଙ୍କା ଯୋଗାଇ ଦେଇଛନ୍ତି । ଏବାବଦ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସେ ଆଶାବାଦୀ ଅଛନ୍ତି ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ।

### ଓଡ଼ିଶାର ବିଦ୍ୟୁତ୍ ...

ଓଡ଼ିଶା ରାଜ୍ୟ ଉପଭୋକ୍ତା ମହାସଂଘ ସଭାପତି ପଂଚାନନ କାନୁନଗୋ କହିଛନ୍ତି ଏଭଳି ଅସଙ୍ଗତି ଦୂର ଓ ରାଜ୍ୟ ସ୍ୱାର୍ଥ ବିରୋଧୀ କାର୍ଯ୍ୟ ବନ୍ଦ ପାଇଁ ସିଏଜି ଓ ଏନର୍ଜି ଅଡିଟ୍ ପାଇଁ ଆମେ ବାରମ୍ବାର ଦାବି କରିଛୁ । ଏଭଳି କାରବାରରେ ତାମିଲନାଡୁର ପ୍ରାୟ ୩ କୋଟି ବିଦ୍ୟୁତ ଗ୍ରାହକ ଶସ୍ତାରେ ବିଜୁଳି ପାଉଥିବା ବେଳେ ଓଡ଼ିଶାର ପ୍ରାୟ ୧ କୋଟି ବିଦ୍ୟୁତ ଗ୍ରାହକ ଚଢ଼ା ଦରରେ ବିଜୁଳି ପାଉଛନ୍ତି । ଓଡ଼ିଶାରେ ଥିବା ତାପଜ ବିଦ୍ୟୁତ ପ୍ଲାଣ୍ଟରୁ ଓଡ଼ିଶା ଚଢ଼ା ଦରରେ ବିଜୁଳି କିଣୁଛି ଆଉ ଏହାକୁ ଅନୁମୋଦନ ଦେଉଛି ଓଡ଼ିଶା ବିଦ୍ୟୁତ ନିୟାମକ କମିଶନ (ଓଇଆରସି) । ଏନେଇ ଓଇଆରସିର ଲୋକ ସଂପର୍କ ଅଧିକାରୀ ସଞ୍ଜୟ ରାଉତ କହିଛନ୍ତି, ଆନ୍ତଃରାଜ୍ୟ ବିଦ୍ୟୁତ ପ୍ରସଙ୍ଗ ସିଇଆରସି (କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ)ଙ୍କ ଅଧୀନରେ ଆସୁଛି । ଆପଣ ଏ ସଂପର୍କରେ ଗ୍ରୀଡ଼କୋକୁ ପଚାରିପାରନ୍ତି । ବିଦ୍ୟୁତ ନିୟାମକ ଆୟୋଗ ଲୋକଙ୍କ ସ୍ୱାର୍ଥ ବିରୋଧରେ କାମ କରୁଥିବା ଜଣାପଡ଼ିଲେ, ରାଜ୍ୟ ସରକାର ବି ହସ୍ତକ୍ଷେପ କରିପାରିବେ । ଏଥିପାଇଁ ୨୦୦୩ ମସିହାର କେନ୍ଦ୍ରୀୟ ବିଦ୍ୟୁତ ଆଇନର ଧାରା-୧୦୮ରେ ବ୍ୟବସ୍ଥା ରହିଛି । ହେଲେ ଓଡ଼ିଶା ସରକାର ଏପର୍ଯ୍ୟନ୍ତ ଏଥିରେ କିଭଳି ହସ୍ତକ୍ଷେପ କରିନାହାନ୍ତି ଓ ତୃତୀୟ ମହଲାର ଅଧିକାରୀମାନେ କିଭଳି ରାଜ୍ୟ ସ୍ୱାର୍ଥକୁ ଅଣଦେଖା କରୁଛନ୍ତି ଓ ତାମିଲନାଡୁ ପ୍ରୀତି ଦେଖାଉଛନ୍ତି, ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

### ମାମଲାର ନିର୍ଣ୍ଣୟ ...

ଏପରି ରାୟ ପ୍ରଦାନ କରିଛନ୍ତି । ବ୍ରାଉନସୁଗର ଜବତ ମାମଲାରେ ଜାମିନ ଲୋଡ଼ି ଦାୟର ଏହି ମାମଲାର ଶୁଣାଣି ସମୟରେ ଅନ୍ୟ ମାମଲାରେ ରହିଥିବା ରାୟକୁ ନଜିର ଭାବେ ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିଲା । ଏଥିସହିତ ମାମଲାର ସହଅଭିଯୁକ୍ତମାନଙ୍କୁ ଏହି ମାମଲାରେ ଅଦାଲତରୁ ଜାମିନ ମିଳିସାରିଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା । ହାଇକୋର୍ଟ ଆବେଦନକାରୀଙ୍କ ବିରୋଧରେ ରହିଥିବା ତଥ୍ୟକୁ ବିଚାରକୁ ନେଇ ଜାମିନ ଆବେଦନକୁ ଖାରଜ କରିଛନ୍ତି ।

### ପର୍ଯ୍ୟଟକଙ୍କ ପସନ୍ଦ ...

ସମୟରେ 'ଏମ୍. ଭି. ଗଙ୍ଗାବିଳାସ' ଦୁଇଟି ଦେଶରେ ଥିବା ୨୭ଟି ନଦୀ ପଥ ଅତିକ୍ରମ କରିବ । ଏହି ଜଳଯାତ୍ରାବେଳେ 'ଏମ୍.ଭି ଗଙ୍ଗାବିଳାସ' ୫୦ଟି ପର୍ଯ୍ୟଟନସ୍ଥଳୀ ଗସ୍ତ କରିବ । ତେବେ ଏହା ପର୍ଯ୍ୟଟନ କ୍ଷେତ୍ରରେ ଏକ ବଡ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି । ଯାହାର ଚିତ୍ର ବର୍ତ୍ତମାନଠାରୁ ଦୃଶ୍ୟମାନ ହେଉଛି । ଗଙ୍ଗାବିଳାସ କ୍ରୁଜକୁ ୟୁରୋପୀୟ ଦେଶର ଲୋକମାନେ ବହୁତ ପସନ୍ଦ କରୁଛନ୍ତି । ଫଳସ୍ୱରୂପ, ଆଗାମୀ ୫ ବର୍ଷ ପାଇଁ ପ୍ରାୟ ୬୦% ୟୁରୋପୀୟ ଏବଂ ଅନ୍ୟ ବିଦେଶୀ ନାଗରିକ ଏହାକୁ ବୁକ୍ କରିଛନ୍ତି । ଯେଉଁ ୬୦ ପ୍ରତିଶତ ବୁକିଂ ହୋଇଛି ସେଥିରେ ୟୁରୋପ, ନରୱେ, ଜର୍ମାନୀ ଦେଶର ଲୋକ ଅଛନ୍ତି । ଏହାକୁ ନେଇ ଗଙ୍ଗାବିଳାସ କ୍ରୁଜର ମ୍ୟାନେଜର ରାଜ ସିଂହ କହିଛନ୍ତି ଯେ ଗଙ୍ଗାବିଳାସର ଇଣ୍ଟେରିୟର ଡିଜାଇନ ସମସ୍ତଙ୍କୁ ପସନ୍ଦ ଆସୁଛି । ଯେଉଁଥିପାଇଁ ବିଦେଶୀ ପର୍ଯ୍ୟଟକମାନେ ଆଗୁଆ ବୁକିଂ କରିଛନ୍ତି । ସେ କହିଛନ୍ତି ଯେ ଭାରତୀୟ ପର୍ଯ୍ୟଟକମାନେ ମଧ୍ୟ ଏହି କ୍ରୁଜରେ ଯାତ୍ରା କରିପାରିବେ । ସେ କହିଛନ୍ତି ଯେ ୫୧ ଦିନିଆ ଯାତ୍ରା ସହିତ ୪, ୧୦, ୧୨ ଦିନିଆ ଯାତ୍ରା ପାଇଁ ଅନ୍ୟାନ୍ୟ ଛୋଟ ପ୍ୟାକେଜ୍ ମଧ୍ୟ ଅଛି । ଯଦି ଯାତ୍ରୀ ଚାହାଁନ୍ତି, ସେ ସେହି ପ୍ୟାକେଜ୍ ମଧ୍ୟ ନେଇପାରିବେ । ଉଲ୍ଲେଖ ଥାଉ କି ଭାରତର ଶ୍ରେଷ୍ଠତମ ନଦୀ ପର୍ଯ୍ୟଟନ ଓ ପ୍ରାକୃତିକ ସମ୍ବଳକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାକୁ ଗଙ୍ଗାବିଳାସ କ୍ରୁଜ୍ ପ୍ରସ୍ତୁତ ହୋଇଛି । ଏହି କ୍ରୁଜର ନଦୀ ପରିକ୍ରମା କାର୍ଯ୍ୟ ୫୧ ଦିନ ପର୍ଯ୍ୟନ୍ତ ଚାଲିବ । ପର୍ଯ୍ୟଟକମାନଙ୍କୁ ବିଶ୍ୱ ଐତିହ୍ୟ ସ୍ଥଳ, ଜାତୀୟ ଉଦ୍ୟାନ, ନଦୀଘାଟ, ପ୍ରାଚୀନ ସହର ସହ ୫୦ ପର୍ଯ୍ୟଟନସ୍ଥଳ ପରିଦର୍ଶନର ସୁଯୋଗ ମିଳିବ । ବିହାରର ପାଟନା, ଝାଡଖଣ୍ଡର ସାହେବଗଞ୍ଜ, ପଶ୍ଚିମବଙ୍ଗର କୋଲକାତା, ଆସାମର ଗୁଆହାଟି ଓ ବାଂଲାଦେଶର ଢାକା ଆଦି ବୁଲି ଦେଖିପାରିବେ । ନଦୀ ଚୁକ୍ତି ଅନୁସାରେ ଭାରତୀୟ ଜାହାଜସବୁ ଗଙ୍ଗାରେ ବାଂଲାଦେଶ ଯାଇ ସେଠାରୁ ବ୍ରହ୍ମପୁତ୍ର ଦେଇ ଆସାମ ପର୍ଯ୍ୟନ୍ତ ଯିବ । ଗଙ୍ଗା ବିଳାସ ଜାହାଜର ଲମ୍ବ ୬୨ମିଟର ଓ ପ୍ରସ୍ଥ ୧୨ ମିଟର । ଏହା ୧.୪ ମିଟର ଗଭୀର ଜଳରେ ମଧ୍ୟ ସହଜରେ ଯାତ୍ରା କରିପାରିବ । ଏହାର ତିନିଟି ଡେକ୍ ଏବଂ ୧୮ଟି ସୁଟ୍ ରହିଛି । ଏହି ସୁଟରେ ୩୬ ଲୋକଙ୍କୁ ଆତିଥ୍ୟ ଦେବା ସୁବିଧା ରହିଛି । ଜାହାଜରେ ସବୁ ପ୍ରକାର ବ୍ୟବସ୍ଥା ରହିଛି ।

### ଆର୍ଥିକ ବିକାଶରେ ...

ସମୃଦ୍ଧି, ଆର୍ଥିକ ଶୃଙ୍ଖଳା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଭିତ୍ତିଭୂମି, ସାମାଜିକ କ୍ଷେତ୍ର, ଶାସନ ଓ ପରିବେଶ ଭଳି ୭ଟି କ୍ଷେତ୍ରରୁ ମିଳିଥିବା ଅଧିକାଂଶ ସରକାରୀ ତଥ୍ୟକୁ ନେଇ ରାଜ୍ୟଗୁଡ଼ିକର ଏଭଳି ରାଙ୍କିଙ୍ଗ୍ କରିଛି ରେଟିଂ ଏଜେନସି 'କେୟାରଏଜ୍' । ସାମଗ୍ରିକ ବିକାଶ ବା କମ୍ପୋଜାଇଟ ରାଙ୍କିଂରେ ପ୍ରଥମ ତିନିଟି ସ୍ଥାନରେ ମହାରାଷ୍ଟ୍ର, ଗୁଜରାଟ ଓ ତାମିଲନାଡୁ ଥିବାବେଳେ ଓଡ଼ିଶା ୧୧ ତମ ସ୍ଥାନରେ ରହିଛି । ସାମାଜିକ କ୍ଷେତ୍ରର ବିକାଶରେ କେରଳ ୯୬.୪ ମାର୍କ ପାଇ ୧ ନମ୍ବରରେ ଥିବାବେଳେ ଓଡ଼ିଶା ୨୮.୨ ମାର୍କ ରଖି ୧୨ ତମ ସ୍ଥାନରେ ରହିଛି । ପଞ୍ଜାବର ଆର୍ଥିକ ଶୃଙ୍ଖଳା ସବୁଠାରୁ ଖରାପ ହେଲେ ସୁଦ୍ଧା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଏହା ୧ ନମ୍ବର ସ୍ଥାନରେ ରହିଛି । ଆଉ ଓଡ଼ିଶାରେ ଭିତ୍ତିଭୂମିର ବିକାଶ ୧୫ତମ ସ୍ଥାନରେ ରହିଛି । ପରିବେଶ କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ୧ ନମ୍ବର ସ୍ଥାନରେ ଥିବାବେଳେ ଓଡ଼ିଶା ୧୧ ନମ୍ବର ସ୍ଥାନରେ ରହିଛି ।

### ବଜେଟ ଆକାର ...


ଯାହା ଗତବର୍ଷ ଅପେକ୍ଷା୧.୧୫ପ୍ରତିଶତ ଅଧିକ । ଚଳିତ ବର୍ଷ ବଜେଟରେ ରାଜ୍ୟ ସରକାର ଉନ୍ନୟନ ବାବଦରେ ଖର୍ଚ୍ଚ ପରିମାଣ ବଢ଼ାଇବା ଉପରେ ଜୋର୍ ଦେଉଥିବାରୁ ବିଭିନ୍ନ ଫ୍ଲାଗସିପ କାର୍ଯ୍ୟକ୍ରମରେ ଖର୍ଚ୍ଚ ପରିମାଣ ତ୍ୱରାନ୍ୱିତ କରିବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ପରାମର୍ଶ ଦିଆଯାଇଛି । ତେବେ ଆକାଉଣ୍ଟସ ଜେନେରାଲଙ୍କଠାରୁ ମିଳିଥିବା ମାସିକ ଆର୍ଥିକ ହିସାବରୁ ଜଣାପଡ଼ିଛି ଯେ ୨୦୨୨ ନଭେମ୍ବର ଶେଷ ସୁଦ୍ଧା ରାଜସ୍ୱ ବଳକା ୨୫,୮୫୮.୯୪କୋଟି ଟଙ୍କାରେ ପହଞ୍ଚିଛି । ଏବଂ ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦ(ଜିଏସଡିପି)ର ୫.୩୯ ପ୍ରତିଶତ । ବିତ୍ତୀୟ ବଳକା ପରିମାଣ ୧୦,୩୧୫ କୋଟି ଟଙ୍କାରେ ପହଞ୍ଚିଥିବା ଏହି ସୂତ୍ରରୁ ଜଣାପଡ଼ିଛି । ଏହାଛଡ଼ା ରାଜ୍ୟର ଋଣ ପରିମାଣ ନଭେମ୍ବର ଶେଷ ସୁଦ୍ଧା ୮୮,୧୧୯.୮୯କୋଟି ଟଙ୍କାରେ ପହଞ୍ଚିଛି ଏବଂ ଜିଏସ୍ଡିପିର ଏହା ୧୨.୨୫ ପ୍ରତିଶତ ବୋଲି କୁହାଯାଇଛି । ଆଗାମୀ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତି ପୂର୍ବରୁ ଏବେ ରାଜ୍ୟ ସରକାର ପ୍ରାକ୍ ବଜେଟ ଆଲୋଚନା ଜାରି ରଖିଛନ୍ତି । ୨୦୨୪ ନିର୍ବାଚନର ବର୍ଷ ହୋଇଥିବାରୁ ରାଜ୍ୟ ସରକାର କିଛି ଲୋକାଭିମୁଖୀ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି । ତେଣୁ ଆଗାମୀ ବର୍ଷ ବଜେଟ ଆକାର ପ୍ରାୟ ୨ଲକ୍ଷ ୪୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଇବା ନେଇ ଚର୍ଚ୍ଚା ଚାଲିଛି । ଦୁଇ ବର୍ଷ ହେଲା ଖୋଲା ବଜାରରୁ ଋଣ ଉଠାଇବା ବନ୍ଦ ଥିବାବେଳେ ରାଜସ୍ୱ ସଂଗ୍ରହ ବୃଦ୍ଧି ଓ ନିଅଣ୍ଟ ହ୍ରାସ ଦିଗରେ ଗୁରୁତ୍ୱ ଦିଆଯାଉଥିବାରୁ ଆଗାମୀ ଆର୍ଥିକ ବର୍ଷ ପାଇଁ କିଛି ନୂଆ ଯୋଜନାର ନକ୍ସା ତିଆରି ହେଉଛି ।

# ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ବାଲେଶ୍ୱର ଶାଖା ତରଫରୁ ଅସହାୟଙ୍କୁ ସହାୟତା



**ବାଲେଶ୍ୱର :** ଗତ ୧୨ ତାରିଖ ଅପରାହ୍ନ ରେମୁଣା ସ୍ଥିତ ଗୌଡ଼ିୟ ମଠ ପରିସରରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ବାଲେଶ୍ୱର ଶାଖା ତରଫରୁ ଦରିଦ୍ର ଓ ଅସହାୟ ବ୍ୟକ୍ତିଙ୍କୁ ଜାଡରୁ ରକ୍ଷା ପାଇବା ନିମନ୍ତେ କମଳ ବଣ୍ଟନ କରାଯାଇଛି । ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ବାଲେଶ୍ୱର ଶାଖାର ଅଧକ୍ଷ ତଥା ରୂପାୟନର ମୁଖ୍ୟ ଶ୍ରଦ୍ଧାଞ୍ଜଳି ରାୟଙ୍କ ନେତୃତ୍ୱରେ ସଂଘର ସାଧାରଣ ସମ୍ପାଦକ ସରୋଜ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ବିରଞ୍ଚି କୁମାର ପ୍ରଧାନ, ପଦ୍ମ ଲୋଚନ ପତି, ତାପସ କୁମାର ସାହୁ, ସଦସ୍ୟା ସଂଯୁକ୍ତା ରାଣୀ ବେହେରା, ରେମୁଣା ଅଞ୍ଚଳର ସମାଜସେବୀ ତଥା ଶିକ୍ଷାବିତ୍ ଡକ୍ଟର ଭାଗବତ ପ୍ରସାଦ ଦାସ, ନିରଞ୍ଜନ ସାହୁ, ବ୍ୟଙ୍ଗ କବି ପ୍ରଭାକର ସାହୁ, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ସୁବ୍ରତ କୁମାର ଘୋଷାଲ, ମିନତି ପାତ୍ର, ମଞ୍ଜୁଲତା ପାତ୍ର, ପ୍ରମୁଖ କର୍ମକର୍ତ୍ତା ଏହି ସାମାଜିକ କାର୍ଯ୍ୟରେ ଯୋଗ ଦେଇଥିଲେ ।

# ଅଲିଭି ରିଡଲେ କଇଁଛଙ୍କ ପ୍ରଥମ ଅଣ୍ଡାଦାନ



**ଅସ୍ତରଙ୍ଗ:** ଅସ୍ତରଙ୍ଗ ବନ୍ୟପ୍ରାଣୀ ବନ ଖଣ୍ଡ ଅଧୀନସ୍ଥ ଦାଲୁଅକଣି ବିଟି ବେଳାଭୂମିରେ ପ୍ରଥମ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି ।ଚଳିତ ବର୍ଷ ପ୍ରଜନନ ଋତୁରେ ଗୋଟିଏ ଅଲିଭି ରିଡଲେ କଇଁଛ ୧୩୫ଟି ଅଣ୍ଡା ଦେଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ସଂଗୃହୀତ ଅଣ୍ଡା ଗୁଡିକୁ ଅସ୍ଥାୟୀ ହାଚେରୀରେ ଛୁଆ ଫୁଟିବା ପାଇଁ ନିରାପଦ ଭାବେ ସଂରକ୍ଷିତ ଭାବେ ରଖାଯାଇଛି । ଦେବୀନାସି, ଗଙ୍ଗା ଦେବୀ, ଡାଲୁଅକଣି ଓ ଜାହାନିଆଁ ପ୍ରମୁଖ ସ୍ଥାନ ଗୁଡିକରେ ଅସ୍ଥାୟୀ ହଚେରୀ ନିର୍ମାଣ କରାଯାଇ ସଂଗୃହୀତ ଅଣ୍ଡା ଗୁଡିକୁ ରଖିବା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି । ଅଲିଭ ରିଡଲେ କଇଁଛ ମାନେ ଅନ୍ୟ ଦେଶରୁ ହଜାର ହଜାର ମାଇଲି ସମୁଦ୍ରର ନୀଳ ଜଳରାଶି ଅତିକ୍ରମ କରି ଓଡ଼ିଶା ଉପକୂଳରେ ଅଣ୍ଡାଦାନ ପାଇଁ ଏକାଠି ହୋଇଥାନ୍ତି । ସମୁଦ୍ର ଉପକୂଳରୁ ୨୦ କିଲୋମିଟର ଜଳ ରାଶିରେ ବିରଳ ପ୍ରଜାତିର ଅଲିଭି ରିଡଲେ ଅଣ୍ଡିରା ମାଈ କଇଁଛ ମିଳନ ପର୍ବରେ ଏକାଠି ହୋଇ ଭାସମାନ ଅବସ୍ଥାରେ ୪୫ ରୁ ୬୦ ଦିନ ଧରି ଏକାଠି ରହିବା ପରେ ଅଣ୍ଡାଦାନ ପାଇଁ ସକ୍ଷମ ହୋଇଥାନ୍ତି । ଏହି ସବୁ ସାମୁଦ୍ରିକ ଅଞ୍ଚଳକୁ ରାଜ୍ୟ ସରକାର ଓ ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷରୁ ନିସିଦ୍ଧାଞ୍ଚଳ ଭାବେ ନଭେମ୍ବର ୧ରୁ ମେ ୩୧ ଘୋଷଣା କରାଯାଇଛି । ଚଳିତ ବର୍ଷ କଇଁଛ ମାନଙ୍କ ପାଇଁ ଅଣ୍ଡାଦାନ ପ୍ରକ୍ରିୟା ଓ ସାମୁଦ୍ରିକ ପରିବେଶ ଅନୁକୂଳ ଥିବା ରାଜ୍ୟ ପରିବେଶବିତ ମାନେ ମତ ଦେଇଛନ୍ତି ।

# ତନ୍ମୟୀ ଗ୍ରୀନ୍‌ରେ ଶିଶୁ ପ୍ରତିଭା ଅନ୍ୱେଷଣ ଉତ୍ସବ



**ଭୁବନେଶ୍ୱର :** ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁର ସ୍ଥିତ ତନ୍ମୟୀ ଗ୍ରୀନ୍ ଆପାର୍ଟମେଣ୍ଟରେ 'ତନ୍ମୟୀ ଗ୍ରୀନ୍ ଟ୍ୟାଲେଣ୍ଟ ହଣ୍ଟ' କାର୍ଯ୍ୟକ୍ରମ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମାନଙ୍କ କଳାତ୍ମକ ଲୁକାୟିତ ପ୍ରତିଭାକୁ ଅନ୍ୱେଷଣ କରିବା ନିମନ୍ତେ ଚିତ୍ରାଙ୍କନ, ଗଳ୍ପ କଥନ, ନୃତ୍ୟ, ସଂଗୀତ, କୁଇଜ୍, ଝୋଟି, ଫ୍ୟାସନ୍ ସୋ ପରି ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଓଡିଶା ଲଳିତକଳା ଏକାଡେମୀର ସଚିବ , ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ପ୍ରଖ୍ୟାତ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଯୋଗଦେଇ ତନ୍ମୟୀ ଗ୍ରୀନ୍‌ର ଅନନ୍ୟ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି କଳା ଓ ସଂସ୍କୃତିର ବିକାଶ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କୁ ସାଧୁବାଦ ଜଣାଇ ଥିଲେ । ପାରମ୍ପରିକ ଚିତ୍ରଶିଳ୍ପୀ ତଥା କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ସ୍ୱାଗତ ଭାଷଣ, ଅନୁଷ୍ଠାନର ସଭାପତି ଡଃ ପ୍ରଫୁଲ ଚନ୍ଦ୍ର ମହାପାତ୍ର ଓ ସମ୍ପାଦକ ବାଞ୍ଛାନିଧି ବେହେରାଙ୍କ ନେତୃତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ବର୍ଣାଢ୍ୟ ପରିବେଶ ଅବସରରେ କଣ୍ଠଶିଳ୍ପୀ ସୁନୀତା ବେହେରା, ଆଲୋକ ବାରିକ, ଚିତ୍ରଶିଳ୍ପୀ ରବୀନ୍ଦ୍ର କୁମାର ମହାରଣା, ଏବଂ ନୀଳିମା ମହାନ୍ତି ପ୍ରମୁଖ କଳାକାରଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ ପୂର୍ବକ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ ସାଫଲ୍ୟ ମଣ୍ଡିତ କାର୍ଯ୍ୟକ୍ରମକୁ ପ୍ରଜ୍ଞା ରଥ, ନିତ୍ୟ ନୂତନା ମହାପାତ୍ର, ଜାନକୀ ମହାକୁଡ ପ୍ରମୁଖ ସଂଯୋଜନା କରିଥିଲେ । କୁନି କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ, ପ୍ରଜ୍ଞା ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିକୁଦାରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



**ଜଗତ୍‌ସିଂହପୁର:** ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପାରୁଲ ପଟ୍ଟୱାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗ ସବୁ ଶୁଣିବା ସହିତ ଯଥାଶୀଘ୍ର ପ୍ରତିକାର ପାଇଁ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଶିବିରରେ ମୋଟ ୨୫୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ପ୍ରାୟ ବ୍ୟକ୍ତିଗତ ସମସ୍ୟା ଅଧିକ ଥିବାବେଳେ ଆବାସ ଯୋଜନା ନିମନ୍ତେ ୧୪୫ଟି, ଜମିଜମା ସମସ୍ୟା ସମ୍ପର୍କିତ ୬ଟି, ରେଡକ୍ରସ୍ ପାଣ୍ଠିରୁ ସହୟତା ନିମନ୍ତେ ୧ଟି ଏବଂ ଅନ୍ୟାନ୍ୟ ୧୬ଟି ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ୭୪ଟି ଅଭିଯୋଗର ଶୁଣାଣି ସଙ୍ଗେ ସଙ୍ଗେ ଫଇସଲା କରାଯାଇଥିଲା । ଏହି ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂହ, ବିଡିଓ ଜିତେନ୍ଦ୍ର ନାୟକ, ତହସିଲଦାର ଅଂଶୁମାନ ଶତପଥୀ ଓ ବ୍ଲକର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନିରବ ହେତୁ ଗରିବ

**ପୂର୍ଣ୍ଣଚନ୍ଦ୍ର ମିଶ୍ର**

ନିରବତାକୁ ଆମକୁ ଭଲଲାଗେ, ଅନ୍ୟମାନେ ନିରବ ରହିଲେ ଆମକୁ କାମକରିବାକୁ, ନିଷ୍ପତି ନେବାକୁ ସୁବିଧା ହୁଏ, ବକ୍ତା ଭାଷଣ ଦେବା ପୂର୍ବରୁ ଶ୍ରୋତା ମାନଙ୍କୁ ଉଦ୍‌ଘୋଷକ ନିରବ ରହିବାକୁ କୁହନ୍ତି, ଅନ୍ୟ ଉପରେ ଟିପଣି ଦେବାବେଳେ "ମାଛି କୁ ମ' ନକହିବ" ବ୍ୟକ୍ତିଙ୍କୁ ଆମେ ଭଲବୋଲି କହୁ। ଆଇ ମା ଗପ କହିଲାବେଳେ, ବିଦ୍ୟାଳୟରେ ଶିକ୍ଷକ ପାଠ ପଢାଇବାବେଳେ, ଆମ ଗାଁର ବଡ଼ଲୋକ/ ଧନିଲୋକ କହିଲାବେଳେ, ରାଜନେତା ଓ ବାବା ପ୍ରବଚନ ଦେବାବେଳେ, କାରଖାନାର ମାଲିକ ଆମ ନଦୀରୁ ଜଳଶୋଷିନେଲାବେଳେ ଏବଂ ଉକ୍ତ କାରଖାନାର ଦୁଷିତ ଜଳ ସେହି ନଦୀକୁ ଛାଡ଼ିଲାବେଳେ ... ଇତ୍ୟାଦି। ପିଲାଦିନୁ "ଭଲ" ସଂଜ୍ଞାକୁ ଆମେ ବହୁତ ସମୟରେ ଚୁପ ରହିବା / ନିରବତାରୁ ନିର୍ଣ୍ଣୟ କରିଥାଉ।


ଗଣତନ୍ତ୍ରରେ ସ୍ୱାଧୀନ ମତବ୍ୟକ୍ତ କରିବା, ଯୁକ୍ତିଦ୍ୱାରା କୌଣସି ବକ୍ତବ୍ୟକୁ ଗ୍ରହଣ କରିବା ବା ନକରିବା ଆମ ସମ୍ବିଧାନକୁ ସମ୍ମାନ ଦେବା ଏବଂ ପାଳନ କରିବା ପ୍ରଣିଧାନ ଯୋଗ୍ୟ। କିନ୍ତୁ ଆମର ସମାଜ ଆମକୁ ପିଲାଦିନୁ ଏମିତି ଶିକ୍ଷା ଦିଏ ଯେ ଆମେ ଅଧିକାସଂ ସମୟରେ ନିରବତାକୁ / ଚୁପ୍ ରହିବାକୁ ଆଦରି ନେଉ।

ବାସ୍ତବରେ ସବୁକ୍ଷେତ୍ରରେ ନିରବ ରହିବା ଦ୍ୱାରା ସମାଜର ଏମିତି ଥିଲାବାଲା (ଜ୍ଞାନ, ଧନ, ପ୍ରତିପତି) ଅଛନ୍ତି ଯେଉଁମାନେ ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ବୋଲି ଧରିନିଅନ୍ତି। ଏବଂ ନିରବଦ୍ରଷ୍ଟା ଓ ସ୍ରୋତା ମାନଙ୍କୁ ଧରିନିଆଗଲା ବୋଲି ଧରିନିଅନ୍ତି। ଏବଂ ସେମାନେ ନିରବ ରହିଥିବା ବ୍ୟକ୍ତିଙ୍କ ସୁବିଧା ସୁଯୋଗକୁ ଆଡ଼ ଆଖିରେ ଚାହାନ୍ତି ଏବଂ ଦରକାର ପଡ଼ିଲେ ମାଡ଼ି ବସନ୍ତି ନଚେତ ଛଡାଇ ନିଅନ୍ତି। ଫଳରେ ନିରବ ରହିବା ବାଲା ଗରିବ ରୁ ଗରିବ ତର ହୋଇଯାଆନ୍ତି ଓ ଧନୀ ଓ ତଥା କଥିତ ଜ୍ଞାନୀ ମାନେ ଉପରକୁ ଉପରକୁ ଉଠୀ ସମାଜରେ ବୈଷମ୍ୟ ସୃଷ୍ଟି କରନ୍ତି ଏବଂ ପ୍ରଭାବ ବିସ୍ତାର କରନ୍ତି। ଗରିବ ସଂଖ୍ୟା ବଢୀ ବଢୀ ଯାଏ । ସେହି ଧନୀ ଓ ଜ୍ଞାନୀ ବ୍ୟକ୍ତିମାନେ ସଂସ୍କୃତି ଓ ପରମ୍ପରା ରକ୍ଷା ନାମଦେଇ ଚିରାଚରିତ ଶୋଷଣ ନିତୀ ଅବଲମ୍ବନ କରି ଗରିବ ଓ ନଥିଲା ଲୋକଙ୍କୁ ଶୋଷି ଚାଲନ୍ତି। ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ଥିବା ସରକାରୀ ସମାଜ ମଙ୍ଗଳ ଯୋଜନା ଫସର ଫାଟେ, ଅର୍ଥନୈତିକ ସାମାଜିକ ବୈଷମ୍ୟ ବଢୀ ବଢୀ ଚାଲେ।

**ବର୍ତ୍ତମାନ ସମୟ ଆସିଛି :** ନିରବତା କୁ ପାଥେୟ ନକରି ସମ୍ବିଧାନ ପ୍ରଣିତ ମାନବିକ ଅଧିକାର, ନିଜର ପ୍ରାପ୍ୟ ପାଇବା ଅଧିକା, ଏଥି ପାଇଁ ପ୍ରଶ୍ନ ପଚାରିବା ଅଧିକାର ଏବଂ ସାମ୍ବିଧାନିକ ଦାୟିତ୍ୱ ପ୍ରତି ସଚେତ ରହିବା ପାଥେୟ।

ଏହି ଲେଖାରେ ଆମେ ମାନେ କିପରି ନିରବ ରହି, ମାଛି କୁ ମ' ନକହି ଗରିବ ରୁ ଗରିବତର ହୋଇଯାଉଛୁ ତାର ଏକ ଅନୁଭବ ସଂପର୍କିତ ବର୍ଣ୍ଣନା ଅଟେ। ଲେଖକ ଅର୍ଦ୍ଧଶତାବ୍ଦୀ ଗରିବ ଦୁରୀକରଣ କାର୍ଯ୍ୟରେ ନିଜକୁ ନିୟୋଜିତ କରି ତନ୍ମଧ୍ୟରୁ କିଛି ଅନୁଭୁତିର ଅବତାରଣା କରିଛନ୍ତି।

**ବୁଢି ଆଇର କାହାଣୀ :** ମନେପଡ଼େ ସେହିଦିନ ସେହି ପିଲାବେଳ କଥା, ସଂଧ୍ୟା ସମୟରେ ଅନ୍ଧାରରେ ଆମ ମାମୁଁ ଅଜାଙ୍କ ବାରଣ୍ଡାରେ ଆମେ କିଛି ସାଙ୍ଗ ସାଥୀ ବସି ଗପ କରିଥାଉ, କିଛି ସମୟପରେ ସଂଧ୍ୟା ବେଳ ପଢା କାର୍ଯ୍ୟକ୍ରମ ଘରେ ଆରମ୍ଭ ହେବା ପୂର୍ବରୁ, ଡ଼ିମ୍ ଲାଇଟ୍ ଓ ଲଣ୍ଠନର କାଚସଫା କରିବା ପୂର୍ବରୁ, ଆମ ବୁଢିଆଇ ଆସି କୁହନ୍ତିନିରବ ରୁହ କାରଣ ସେ ଗୋଟିଏ ବା ଦୁଇଟି ଭୂତ କାହାଣୀ ଆରମ୍ଭ କରିବେ। ପ୍ରଥମରୁ ନିର୍ଦ୍ଦେଶ ଦିଆଯାଏ ସେ କହିଲାବେଳେ କେହି ହେଲେ ପ୍ରଶ୍ନ ପଚାରିବେ ନାହିଁ। ମୁଁ ଜଦି କିଛି ପ୍ରଶ୍ନ କରେ ସେ କହନ୍ତି "ବଡ଼ ଲୋକଙ୍କୁ ପ୍ରଶ୍ନ ନାହିଁ" । ଗପ ସରିଲେ ସେ ଉତ୍ତର ଦେବେ ବୋଲି କହି ଗପ କହିଚାଲନ୍ତି କିନ୍ତୁ ତାଙ୍କ ପାଖରେ ସତ୍ୟତା ନଥାଏ ବା ତା ଉତ୍ତର ନଥାଏ। ସେ ଭଲଭାବରେ ଜାଣନ୍ତି ଗପସରିଲେ ସଂଧ୍ୟା ପାଠ ପଢା ପାଇଁ ଘରୁ ମା ବାପା, ଭାଇ, ଭଉଣୀ ଇତ୍ୟାଦି ଡ଼ାକରା ଦେବେ ଏବଂ ସମୟ ସମୟରେ ଗପ ସରିବା ପୂର୍ବରୁ ବି ଡାକରା ଦେବେ। ଯଦି ପୁଣି ପ୍ରଶ୍ନ କରାଯାଏ ସେ ତାର ଉତ୍ତର ମିଳେ ସେ କାଲିକୁ କହିବେ । ଆସନ୍ତା କାଲି ପୁଣି ନୂଆ ଗପ ଏବଂ ଗତକାଲିର ପ୍ରଶ୍ନ ପ୍ରଶ୍ନରେ ରହିଯାଏ। ସେତେବେଳେ ପଡ଼ିଶା ଘର ନାନୀ ହସିହସି କୁହନ୍ତି "କାଲି କାଲି ବୋଲି ଗଡ଼ିଲା ମାସ, ଆହୁରି କହୁଛି କାଲିକା ଆସ"। ଭୁତ ପ୍ରେତ ଓ କଳ୍ପନା ଜଗତରେ ପିଲାବେଳୁ ଭୁତାଇବା ଉପାୟ ଏବଂ ଚୁପ୍ ରିହିବା ପାଇଁ କାହାଣୀ ମାଧ୍ୟମରେ ଶିକ୍ଷା ଲଦିଦେବା କେତେ ଦୁର ଯଥାର୍ଥ। ଏଥିରୁ ବାରିହେବ ଚୁପ୍ ରହିବା



ବା ନିରବତାର ସଂଜ୍ଞା ।

**ଆମ ଗାଁ ବଡ଼ଲୋକ / ବଡ଼ଲୋକକୁ ଉତ୍ତର ନାହିଁ :** ଆମରି ଗାଁଆର ଦୁଇଜଣ ଧନୀ ବ୍ୟକ୍ତି ସେମାନେ ଏବେ ନାହାନ୍ତି ଏବଂ ସେମାନଙ୍କର ଦାୟାଦ୍ ମାନେ ମଧ୍ୟ ଧନୀ ନୁହନ୍ତି। ଗାଁ ଇତିହାସ ପୃଷ୍ଠାରେ ନାଁ ଆସ୍ତେ ଆସ୍ତେ ଲିଭିଗଲାଣୀ। ବଡ଼ ଧନୀ ଯଥେଷ୍ଟ ଜମୀବାଡ଼ୀ, ଯଥେଷ୍ଟ କୁଲୀ ମଜୁରିଆ ଏବଂ ଉଭୟଙ୍କ ସଂପର୍କ ଅତି ତିକ୍ତ। ସେମାନେ ନିଜର ପତିଆର ଜାରୀ କରିବାପାଇଁ କିଛି ଲୋକଙ୍କୁ କରଜ, ଶ୍ରମିକ, ମଜୁରୀଆ, ଅସୁବିଧାରେ ଋଣ ରୂପକ ସାହାଯ୍ୟ ଦେଇ ନିଜ ଅକ୍ତିଆରରେ ରଖିଥାଆନ୍ତି। ଯେହେତୁ ଆମ ଗାଁରେ ସ୍କୁଲ୍ ନଥିଲା ସେମାନେ ଅବଧାନଙ୍କ ଠାରୁ କିଛି ଅକ୍ଷର ଶିକ୍ଷି ନିଜର ଧନ ବଳରେ ବଳୀୟାନ ଏବଂ ଗାଁର ବଡ଼ଲୋକ। ମଝୀ ମଝୀରେ ଗୋଟାଏ ଲେଖେ ଭୋଜୀ ଆୟୋଜନ କରି ନିରିହ ଲୋକଙ୍କୁ ନିଜର ହାତ ମୁଠାରେ ରଖିଥାଆନ୍ତି। ପ୍ରାୟ ପ୍ରତିବର୍ଷେ ଦୁଇ ବର୍ଷରେ ଗୋଟାଏ ଶକ୍ତି ପ୍ରଦର୍ଶନ ଯୁଦ୍ଧ ହୁଏ। ଏବଂ ନିରିହ ଲୋକଙ୍କ ମୁଣ୍ଡ ଫାଟେ ଡ଼ାକ୍ତରଖାନା ଯାଆନ୍ତି, ପୋଲିସ୍ କେସ୍ ହୁଏ, କିଛି ଲୋକ ସାଖୀ ପଡ଼ନ୍ତି, ମଜୁରୀ ଛାଡ଼ି ନିକଟସ୍ଥ କୋର୍ଟ କୁ ଯାଆନ୍ତି, କିନ୍ତୁ ଦିନେ ବି ପ୍ରଶ୍ନ କରନ୍ତି ନାହିଁ ଏବଂ ନିରବରହି ସମର୍ଥନ କରନ୍ତି। କାରଣ ପୁଣି କାଲିକୁ ଧାର ପାଇଁ ସେହି ଧନୀ ବ୍ୟକ୍ତିଙ୍କ ପାଖକୁ ଯିବାକୁ ପଡ଼ିବ, ସ୍ୟାସ୍ଥ ସେବା ପାଇଁ କରଜ କରିବାକୁ ପଡ଼ିବ। ଏହି ପରି ଅବସ୍ଥାରେ ପିଲାଙ୍କ ପାଠ ପଢା ଅସମ୍ଭବ । ସେମାନେ ସବୁ ଜାଣି ବି ଚୁପ୍ ରୁହନ୍ତି ଏବଂ ଗରିବ କଷାଘାତରେ ଜୀବନ କଟାନ୍ତି।

**ଦାରୋଗା ବାବୁ ବଡ଼ ଲୋକ :** ଗାଁରେ ଗଣ୍ଡଗୋଳ ହେଲେ ଦାରୋଗା ଆସନ୍ତି ସେ ବଡ଼ବାବୁ, ସେ ନାଲିଟୋପିବାବୁ, ଗାଁ କୁ ଆସିଲେ ଗାଁ ସାରା ଲୋକ ଡ଼ରି ମରି ଘର ଭିତରେ ପଶିଯାଆନ୍ତି ଏବଂ କିଛି ଲୋକ, ଯେଉଁମାନେ ଦାରୋଗାବାବୁଙ୍କ ମୁହାଁମୁହିଁ ହୁଅନ୍ତି ତାଙ୍କ ପାଟିରୁ କଥା ବାହେରେ ନାହିଁ। ଏବଂ ଦାରୋଗା ବାବୁ ଯାହା କୁହନ୍ତି ସେ ସବୁ ମାନିଯାଆନ୍ତି। ପରିଶେଷରେ ତଥା କଥିତ ଦୁଇ ସହ ବଡ଼ଲୋକ / ଧନୀ ଲୋକଙ୍କ ସହ କଥା ହୋଇ ଏପଟୁ ସେପଟୁ କିଛି ନିରିହ ଲୋକଙ୍କୁ ବାନ୍ଧି ନିଅନ୍ତି। କେହି ପାଟି ଖୋଲନ୍ତି ନାହିଁ କିନ୍ତୁ ଘର ଭିତରେ ଏବଂ ବାହେରେ ସ୍ତ୍ରୀ ମାନେ ଭୋ ଭୋ ହୋଇ କାନ୍ଦନ୍ତିସେହି ଦୁଇଜଣ ଅନ୍ୟମାନଙ୍କୁ କହନ୍ତି କାହା ଦଳର କେତେଜଣ କେତେଦିନ ଜେଲ୍‌ରେ ରହିଲେ ସେଥିପାଇଁ ସେମାନେ ବାହା ବାହା ନିଅନ୍ତି। କେସ୍ ଚାଲେ ପରିଶେଷରେ ଲୋକ ମାନେ ସର୍ବସାନ୍ତ ହେଲେ ସମାଧାନ ହୁଏ ଓ ବଡ଼ ଲୋକ ଦୁଇଜଣ ବାହା ବାହା ନିଅନ୍ତି। ଏବଂ ସମସ୍ତଙ୍କୁ ସମାଧାନ ଭୋଜି ଖାଇବାକୁ ଦିଅନ୍ତି। ସେହି ଦୁଇଜଣ ଅନ୍ୟମାନଙ୍କୁ କହନ୍ତି କାହା ଦଳର କେତେଜଣ କେତେଦିନ ଜେଲ୍‌ରେ ରହିଲେ ସେଥିପାଇଁ ସେମାନେ ବାହା ବାହା ନିଅନ୍ତି ଏହି ଦୁଇଜଣ ଙ୍କ କଳିଭିତରେ ସାଧାରଣ ଲୋକ କ୍ଷତି ଗ୍ରସ୍ତ ହୁଅନ୍ତି ନିଜର ଜିବିକା ନିର୍ବାହ କରିବାପାଇଁ ଅସମର୍ଥ ହୁଅନ୍ତି। ପରିଶେଷରେ ଭାବନ୍ତି ଭଗବାନଙ୍କର ଦୟାର ଅଭାବ କିନ୍ତୁ ଧନୀ ଦ୍ୱୟ ଙ୍କୁ ନିରବରେ ମାନି ଚଳନ୍ତି।

**ଅବଧାନିଆ ପାଠ :** ସ୍କୁଲ୍ ନଥିବା ଗାଁରେ କେବଳ ଅବଧାନଙ୍କ ଚାଟସାଳୀ ଗାଁ ପିଲାଙ୍କର ଶିକ୍ଷା କେନ୍ଦ୍ର ପାଲଟି ଥାଏ। ଅବଧାନ ଶ୍ରେଣୀରେ ପ୍ରବେଶ କରିବା ମାତ୍ରେ ଟେବୁଲ୍ ଉପରେ ବେତେରାଘାତ କରି ଶାନ୍ତି ପ୍ରତିଷ୍ଠା ପାଇଁ ଆଦେଶ ଦିଅନ୍ତି । ପାଠ ପଢାନ୍ତି, ଯଦି ବୁଝା ପଡ଼ିଲା ବହୁତ ଭଲ୍, ବୁଝା ନପଡ଼ିଲେ ଜଦି ପ୍ରଶ୍ନ ପଚାରାଯାଏ ତେଲ ଶେକା ଅତି ଚିକିଣିଆ ବେତ ପାହାର ଧାର୍ଯ୍ୟ, ତେଣୁ ଚୁପ୍ ରହିବା ଭଲ । ସେହି ଅଭ୍ୟାସ ଭାରତ ସ୍ୱାଧିନତା ହେବାର ୬୦ ବର୍ଷ ପର୍ଯ୍ୟନ୍ତ ଆମ ସ୍କୁଲ୍ ମାନଙ୍କରେ ଲଗାତାର ବ୍ୟବହାର କରାଗଲା ଏବଂ ପାଠ ନହେଉଥିବା ପିଲାଙ୍କୁ ଭାଗ୍ୟର ଦୁହାଇ ଦେଇ ଦଣ୍ଡିତ ଏବଂ ନିନ୍ଦିତ କରାଗଲା । ଏହି ଅଭ୍ୟାସ ଓ ମାନସିକତା ଏବେବି କିଛି ଲୋକଙ୍କର ଅସ୍ଥି ମଜାଗତ ହୋଇଯାଇଛି । ଏବେ ଅବସ୍ୟ ଦଣ୍ଡ ମୁକ୍ତ ବିଦ୍ୟାଳୟ ହେଲାଣି କିନ୍ତୁ ବର୍ତ୍ତମାନ ସୁଦ୍ଧା ପିଲାଙ୍କ ପ୍ରଶ୍ନ ପଚାରିବାର ଅଧିକାର ବୋଧହୁଏ ପାଇ ନାହାନ୍ତି।

**ଗରିବୀ ଚକ୍ରବ୍ୟୁହ :** ଆମ ଦେଶ ଗ୍ରାମ ବହୁଳ ଏବଂ କୃଷକ ବହୁଳ କିନ୍ତୁ ସବୁ କୃଷକଙ୍କ ପାଖରେ ଜମୀ ନଥାଏ। କମ୍ ଲୋକଙ୍କ ପାଖରେ ବହୁତ ଜମୀ ଥାଏ। ସେହି ଋଷୀମାନେ ସେହି ଜମିଗୁଡ଼ିକୁ ଋଷ କରନ୍ତି। ଗାଁ ମାନଙ୍କରେ ଏବେ ବି ମଜୁରୀ କମ୍ । ରାଜଧାନୀରେ ପାଞ୍ଚଶହ ଥିବା ବେଳେ ଗାଁ ମାନଙ୍କରେ ଦୁଇଶହ ପଚାଶରୁ ତିନିସହ ଭିତରେ ସିମିତ । ପୁଣି ଗାଁ ମାନଙ୍କରେ ଋଷୀ ଓ ମଜୁରିଆ ସୂର୍ଯ୍ୟ ଉଦୟ ଠାରୁ ସୂର୍ଯ୍ୟ ଅସ୍ତଯାଏ କାମ କରନ୍ତି। ମାସରେ ପ୍ରାୟ ପନ୍ଦର ଦିନ କାମ ମିଳେ ଏବଂ ଅଧିକାଂଶ ସମୟରେ ସେ ମଜୁରୀ ମାଲିକ ର ବାକି ଖାତାରେ ରହେ ଏବଂ କିସ୍ତି ଆକାରରେ ତାକୁ ମିଳେ । ପୁଣି ତାକୁ ପାଇବା ପାଇଁ ସେ ଘନ ଘନ ମାଲିକ ପାଖକୁ ଦୌଡ଼ିବାକୁ ପଡ଼େ। ଜମିର ଲାଭ ମାଲିକ ପାଏ ଏବଂ ମଜୁରୀଆ ଓ ଋଷୀ କେବଳ କିଛି ଖାଇବାକୁ ପାଏ। ସେ କିନ୍ତୁ ପ୍ରଶ୍ନ କରିପାରେ ନାହିଁ । ତା'ର ପରିବାର ପୋଷଣ ପାଇଁ ମାତ୍ର ମାସକୁ ଚାରି ହଜାରରୁ ପାଞ୍ଚହଜାର ଟଙ୍କା ପାଏ। ସେତିକି ଭିତରେ ପିଲାଙ୍କ ପଢା, ପରିବାର ଭରଣ ପୋଷଣ ଏବଂ ସ୍ୱାସ୍ଥ୍ୟ ଜନିତ ଖର୍ଚ୍ଚ ଉଠାଇବା ତା ପାଖରେ ସମ୍ଭବ ପର ହୁଏ ନାହିଁ। ତେଣୁ ସେ ବାରମ୍ବାର ଋଣ ନିଏ ଏବଂ ଶୁଦ୍ଧ ସହ ଋଣ ପରିଷୋଦ୍ଧ କରିବା କଷ୍ଟ ଶାଦ୍ଧ୍ୟ ହୋଇପଡ଼େ। ସବୁବେଳେ ଗରିବ ହୋଇ ମାଲିକ ପାଖରେ ମୁଣ୍ଡପାତି ରହେ।

**ସରକାରୀ ଯୋଜନା :** ଗରିବ ଦୁରୀକରଣ ପାଇଁ ଏବଂ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ସରକାରୀ ଯୋଜନା କାର୍ଯ୍ୟକରିବା ହେଉଛି ଶିକ୍ଷିତ ଓ ଉଚ୍ଚଶିକ୍ଷିତ କର୍ମଚାରୀଙ୍କର କାର୍ଯ୍ୟ। ଦୁଖ ଓ ପରିତାପର ବିଷୟ ଏହିକି ଯେ ଯେଉଁମାନେ ମୁଖ୍ୟ ସ୍ରୋତରେ ସାମିଲ୍ ହୋଇଛନ୍ତି ସେମାନେ ସମୟ ସମୟରେ ତଳ ସ୍ତରରେ ଥିବା ଗରିବ ମାନଙ୍କୁ ସରକାରୀ ସୁବିଧା ସୁଯୋଗ ଦେବାରୁ ବଞ୍ଚିତ କରୁଛନ୍ତି। ସାଧାରଣ ଲୋକଟିଏ ବାରମ୍ବାର ସରକାରୀ ଦପ୍ତର କୁ ଦୌଡ଼ି ନୈୟାନ୍ତ ହେଉଛି ଏବଂ ଦରକାର ପଡ଼ିଲେ ତାକୁ କିଛି ହାତଗୁଞ୍ଜା ଦେବାକୁ ପଡୁଛି ଅଥଚ ପ୍ରଶ୍ନ କରିପାରୁ ନାହିଁ ଏବଂ ସରକାରୀ ସୁବିଧା ନେଇ ପାରୁନାହିଁ।

**ସମ୍ବିଧାନ ଅବମାନନା :** ଆମ ଦେଶରେ ସ୍ୱାଧିନତା ପରେ ସମ୍ବିଧାନ ପ୍ରଣୟନ ହୋଇଛି। ସମ୍ବିଧାନକୁ ମାନି ଚଳିବା ଆମର କର୍ତ୍ତବ୍ୟ। କିନ୍ତୁ ବହୁତ ଲୋକ ସମ୍ବିଧାନ କ'ଣ ଜାଣନ୍ତି ନାହିଁ, କିଛି ଲୋକ ସମ୍ବିଧାନ ପଢିଛନ୍ତି, କିଛି ଲୋକ ପଢିଛନ୍ତି କିନ୍ତୁ ସମ୍ବିଧାନ କାର୍ଯ୍ୟକାରୀ ପାଇଁ ସହାୟକ ହୁଅନ୍ତିନାହିଁ। ବହୁସିକ୍ଷିତ ଲୋକ ଅଛନ୍ତି ଯେଉଁ ମାନେ ସମ୍ବିଧାନ ପଢିଛନ୍ତି, ବୁଝିଛନ୍ତି, ବୁଝାଇପାରନ୍ତି, ବିଶ୍ଳେଷଣ କରିପାରନ୍ତି ଅଥଚ ବିଶେଷ ଭାବରେ ପୁରାଣ ଓ ଗପ, ଖରାପ ପରମ୍ପରାରେ ବିଶ୍ୱାସ କରନ୍ତି। ସେମାନଙ୍କ ଜ୍ଞାନ ପୁସ୍ତକ ଭିତରେ ସିମିତ ରହିଯାଏ। ପ୍ରତ୍ୟେକ ବ୍ୟକ୍ତି ବୁଝିବା ଦରକାର ଆମର ଯେପରି ବଞ୍ଚିବା ଅଧିକାର ଅଛି, ଅନ୍ୟମାନଙ୍କର ମଧ୍ୟ ସେପରି ବଞ୍ଚିବାର ଅଧିକାର ଅଛି। (Article 21 of Indian Constitution) ଗରିବ ମାନେ ନିରବ ରହୁଛନ୍ତି ତେଣୁ ତାର ସୁଯୋଗ ନେବା ଅନୁଚିତ୍। ଯେତେବେଳେ ଗରିବ ନିରବତା ଭଙ୍ଗ କରି ସ୍ୱର ଉତ୍ତୋଳନ କରେ ସେତେବେଳେ ତାକୁ ଆମେ ପୁରାଣ ପରମ୍ପରା ଉଦାହରଣ ଦେଇ ଡ଼ରାଇ ଓ ଚପାଇ ଦେବାପାଇଁ ପଛଘୁଞ୍ଚା ଦେଉନାହୁଁ। ଯେତେବେଳେ ଗରିବ ସଂଗଠିତ ହୁଏ ସାମୁହିକ ସ୍ୱର ଉତ୍ତୋଳନ କରେ ଆମେ ସେତେବେଳେ ଇଚ୍ଛା ବିରୁଦ୍ଧରେ ସୁଯୋଗ ଦେବାପାଇଁ ବାଧ ହେଉ।

**ଏକତରଫା ଯୋଗାଯୋଗ :** ସାକ୍ଷର ସଂଖ୍ୟା



କମ୍ ଥିବା ଦେଶରେ କହିବା ଓ ବୁଝାଇବା ଦ୍ୱାରା ସରକାରୀ ଓ ବେସରକାରୀ ସୁବିଧା ସୁଯୋଗ ଲୋକଙ୍କ ପାଖରେ ପହଞ୍ଚି ଥାଏ। ଆଜିକାଲି କିଛି ମାତ୍ରାରେ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ଦୁଇତରଫା ଯୋଗାଯୋଗ ସମ୍ଭବ ହୋଇପାରୁଛି ଏବଂ ଆଲୋଚନା ମାଧ୍ୟମରେ ସୁଚନା ପ୍ରଦାନ କରାଯାଇପାରୁଛି। କିନ୍ତୁ ଉନ୍ନତା ଶିକ୍ଷାଅନୁଷ୍ଠାନ ଗୁଡ଼ିକ ବିଶେଷ ଭାବରେ ଥିଲା ବାଲାଙ୍କ ପାଇଁ ଉଦ୍ଦିଷ୍ଟ। ସରକାରୀ ଯୋଜନା ବିଶେଷ କରି ଓଡ଼ିଶାରେ ଇଂରାଜୀ ଭାଷାରେ ଲେଖାଯାଇଥାଏ କିନ୍ତୁ ଆମ ରାଜ୍ୟରେ ଇଂରେଜୀ ପଢିବା ଲୋକସଂଖ୍ୟା ବହୁତ କମ୍। ତାକୁ ପଢି ଅନ୍ୟକୁ ବୁଝାଇବା ପୂର୍ଣ୍ଣବାର ଏକ ମଧ୍ୟସ୍ଥିର କାମ ଅଥବା ସରକାରୀ କର୍ମଚାରୀଙ୍କ କାମ ।ତେଣୁ ଏ ସରକାରୀ ସୁବିଧା ସୁଯୋଗର ସୁଚନା ଲୋକଙ୍କ ପାଖରେ ପହଞ୍ଚାଇବା ସେହି ମଧ୍ୟସ୍ଥି କିମ୍ବା ସରକାରୀ କର୍ମଚାରୀଙ୍କ ଉପରେ ନିର୍ଭର କରେ। ସମୟ ସମୟରେ ସେହି ସୁଚନା ପାଇବା ପାଇଁ ସାଧାରଣ ଲୋକକୁ କିଛି ଖର୍ଚ୍ଚ କରିବାକୁ ପଡ଼େ।

ସାଧାରଣ ଲୋକଙ୍କୁ ରାସ୍ତା ବତାଇବା ଓ ଦିଗ୍‌ଦର୍ଶନ ଦେବା ପାଇଁ କେତେଗୋଟି ସଂସ୍ଥା ଆଗଭର ହୋଇ ଆସନ୍ତି ପ୍ରଥମଟି ହେଲା ରାଜନେତା ଓ କର୍ମୀ, ଯେଉଁମାନେ କହିବାକୁ ପସନ୍ଦ କରନ୍ତି କିନ୍ତୁ ପ୍ରଶ୍ନ ଶୁଣିବାକୁ ଆଗ୍ରହୀ ନୁହନ୍ତି ତେଣୁ ସାଧାରଣ ଜନତା ନିରବ ରହେ। ନିରବ ରହେ ଏବଂ ନିରବ ରହି "ଆଜ୍ଞା-ସାର" କହିଲେ ଭଲ ସମର୍ଥକ ହୁଏ । ଏମାନେ ଗୋଟିଏ ଗୋଷ୍ଠି ତିଆରୀ କରନ୍ତି ଯେଉଁମାନେ ସବୁବେଳେ ସେହି ନେତାଙ୍କର ଗୁଣ ଗାରିମା ପ୍ରଚାରରେ ବ୍ୟସ୍ତ ରହନ୍ତ, ପତକା ଧରି ବୁଲନ୍ତି କିନ୍ତୁ ବିଶେଷ ଭାବରେ ଉତ୍ପାଦନ କରନ୍ତି ନାହିଁ। ଦ୍ୱିତୀୟଟି ହେଲା ବାବା ସଂସ୍କୃତି, ପୁରାଣରେ ବିଶ୍ୱାସ କରୁଥିବା ବ୍ୟକ୍ତି ସଂବିଧାନୁକୁ, ବୁଝି ପାରୁନଥିବା / ମାନୁନଥିବା ବ୍ୟକ୍ତି, ସାଧାରଣ ଅସହାୟ ବ୍ୟକ୍ତିଙ୍କୁ ସାହା ଦେବା ନାରେ କିଛି ବ୍ୟକ୍ତି ବାବା ରୁପରେ ଉଦ୍‌ରେକ୍ ହୁଅନ୍ତି। ଏବଂ ସେମାନେ ମଧ୍ୟ ଚାହାନ୍ତି ନିରବତା ଏବଂ ଏକତରଫା ପ୍ରବଚନ ଅର୍ଥାତ ସ୍ରୋତା ସବୁବେଳେ ନିରବ ରହୁ ବଡ଼ଲୋକ ବା ବାବା ଜାହା କହିବେ ଠିକ୍ ଏବଂ ତାହା ମାନିବା ଆମ ଧର୍ମ। ସେମାନେ ହଜାର ହଜାର ଲୋକଙ୍କୁ ଦିକ୍ଷା ଦେଇ ଅନୁଗାମୀ କରନ୍ତି ଏବଂ ସେହି ଅନୁଗାମୀ ମାନେ କୌଣସି ଉତ୍ପାଦନ କରନ୍ତି ନାହିଁ। ଅଥଚ ଭୁରୀ ଭୋଜନରେ ବିଶ୍ୱାସ କରନ୍ତି। ଦିନେ ଭାବନ୍ତି ନାହିଁ ସେ ଖାଦ୍ୟ କେଉଁଠୁ ଆସିବ। ଏମାନଙ୍କୁ ରାଜନେତା ମାନେ ସମର୍ଥନ କରନ୍ତି କାରଣ ସେମାନେ ଚାହାନ୍ତି ହାଁ ଜି / ଆଜ୍ଞାସାର୍ ସମର୍ଥକ। ଏହି ମାନେ ପ୍ରଶ୍ନ ପଚାରିବାକୁ ଚାହିଁଲେ ମଧ୍ୟ ବାବା ଓ ନେତାଙ୍କ କବଳରେ ରହି କହି ପାରନ୍ତି ନାହିଁ। ରାଜନେତା ଓ ବାବାଙ୍କ ପାଇଁ ପ୍ରଚାର ଓ ପ୍ରଶାର ପାଇଁ କୌଣସି ବାଧା ନଥାଏ। ଉଭୟ ଉଭୟଙ୍କୁ ଭଲ ପାଆନ୍ତି ସେମାନଙ୍କ ସଂଖ୍ୟା ବଢାଇବାରେ ସହାୟକ ହୁଏ। ଏହି ଏକତରଫା ଭାଷଣ ବାଲାଙ୍କୁ ଗରିବ ମାନେ ପ୍ରଶ୍ନ କରିପାରନ୍ତି ନାହିଁ। ନିରବ ରହି ଗରିବରୁ ଗରିବତର ହୋଇ ଯାଆନ୍ତି।

**ସୁନାପ୍ରତି ଅହେତୁକ ଦୁର୍ବଳତା :** ଆମ ଦେଶରେ ସୁନାର ଚାହିଦା ବେଶୀ, ଯେଉଁ ଦେଶରେ ଶୁନା ଖଣୀ ଅଛି ସେମାନେ ସୁନା ଅଳଙ୍କାର ବେଶି ପିନ୍ଧନ୍ତି ନାହିଁ। ସରକାର ଗଛିତ କରି ତାଙ୍କର ପ୍ରଚଳିତ ଟଙ୍କାର ମୁଲ୍ୟ ବିଶ୍ୱ ବଜାରରେ ଉର୍ଦ୍ଧରେ ରଖିଛନ୍ତି। ଆମଦେଶରେ ସରକାରଙ୍କ ପାଖରେ ଜେତିକି ସୁନା ଅଛି ତାର ବହୁଗୁଣ ଦେଶର ମନ୍ଦିର ମାନଙ୍କରେ ଗଛିତ ହୋଇଅଛି। ମନ୍ଦିର ମାନଙ୍କରେ ଯେତିକି ସୁନା ରହିଛି ତାହାର ବହୁଗୁଣ ଆମ ଭାରତୀୟ ଘର ମାନଙ୍କରେ ଗଛିତ ରହିଛି। ସେହି ସୁନା ଗୁଡ଼ିକ ଦେଶର ବିକାଶରେ କୌଣସି ପ୍ରକାର ସହାୟକ ହୋଇନଥାଏ। ଆମ ବ୍ୟବସାୟୀ ମାନେ ଆମ ଘରକୁ ସୁନା ଆସିଲେ ଲକ୍ଷ୍ମୀ ଆସିବେ ବୋଲି ପ୍ରଚାର କରନ୍ତି ଆମେ ମଧ୍ୟ ବିଶ୍ୱାସ କରୁ, ଆମଠାରୁ ଆମ ମହିଳାମାନେ ଅଧିକ ବିଶ୍ୱାସ କରନ୍ତି ଏବଂ ସୁନା ରୁପକ ଲକ୍ଷ୍ମୀଙ୍କୁ କିଣି ଆଣି ଆମ ଘରେ ରଖନ୍ତି ଯାହା ଆମ ଆର୍ଥିକ ଅବସ୍ଥା ସୁଧାରିବାରେ ସୁନା କୌଣସି ସହାୟ ହୁଏ ନାହିଁ। ଏଥିପାଇଁ କୌଣସି ଧନୀ ଗରିବ ଶିକ୍ଷିତ ଅଶିକ୍ଷିତ ଜନନେତା ଓ ସମାଜ ସେବୀ କେହି କେବେ ନିଜକୁ ବା ସମାଜକୁ ପଚାରି ନାହାନ୍ତି ଏବଂ ଭାବନ୍ତି ଓ ନିରବ ରହନ୍ତି।

**ଆମ କାରଖାନା :** କାରଖାନାର ମାଲିକ ମାନେ ଆମର ପିଇବା ଏବଂ ଋଷ ଉପଯୋଗୀ ପାଣୀକୁ ଆମପାଖରୁ ଛଡ଼େଇନେଇ କାରଖାନାର ଉତ୍ପାଦନରେ ବ୍ୟବହାର କରନ୍ତି। ସେଥିରୁ ଲାଭ ପାଆନ୍ତି। ସେହି ପ୍ରଦୁଷିତ ପାଣିରେ କୃଷି ଉତ୍ପାଦନ କମିଯାଏ ଏବଂ ଖାଦ୍ୟ ପ୍ରଦୁଷିତ ହୁଏ। ସାଧାରଣ ଲୋକ ଏହାକୁ ସହଜରେ ବୁଝି ପାରନ୍ତି ନାହିଁ। ଶିକ୍ଷିତ ଲୋକ ବୁଝିଲେ ବି ପ୍ରଶ୍ନ କରିପାରନ୍ତି ନାହିଁ ନିରବତା ରକ୍ଷା କରନ୍ତି। ଉତ୍ପାଦନ କମ୍ ହୁଏ ଏବଂ ଜଳ ଜନିତ ରୋଗ ବଢିବା ଦ୍ୱାରା ଲୋକମାନେ ରୋଗାକ୍ରାନ୍ତ ହୋଇ ଅର୍ଥଶ୍ରାଦ୍ଧ କରନ୍ତି। ଧନୀ ପାଖରେ ଅର୍ଥା ଭାବ ନଥାଏ ତେଣୁ ଅଧିକ ଦାମ୍ ଦେଇ କିଣି ପାରେ ଓ ବ୍ୟୟ ସାପେକ୍ଷ ସ୍ୱାସ୍ଥ୍ୟ ସେବା ନେଇପାରେ କିନ୍ତୁ ଗରିବ ବ୍ୟୟ ସାପେକ୍ଷ ସେବା ନେଇପାରେ ନାହିଁ ଗରିବ ପୁଣି ଗରିବତର ହୋଇଚାଲେ।

**ମିଥ୍ୟା ପ୍ରତିଶୃତି :** ଆମ ନେତାମାନେ ବହୁ ପ୍ରତିଶୃତି ଦିଅନ୍ତ, ଲୋକମାନେ ବିଶ୍ୱାସ କରନ୍ତି କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେମାନଙ୍କ ପ୍ରତିଶୃତି ରକ୍ଷା କରନ୍ତି ନାହିଁ। ଅଥଚ ଭୋଟ୍ ବେଳେ କୌଣସି ଭୋଟଦାତା ଲିଖିତ ପ୍ରତିଶୃତି ମାଗିନାହାନ୍ତି, ଏବଂ ଭୋଟରେ ଜିଣିଲାପରେ ପ୍ରତିଶୃତି ରକ୍ଷା ନକଲେ ବି କୌଣସି ଲିଖିତ ଉତ୍ତର ଆସା କରନ୍ତି ନାହିଁ କାରଣ ସାଧାରଣ ଜନତା ଡରନ୍ତି। ଏହି ସୁଯୋଗ ନେଇ ମିଥ୍ୟା ପ୍ରତିଶୃତି ସମାଜରେ ପ୍ରସାର କରିଛି ଏବଂ ସାଧାରଣ ଜନତା ଗରିବରୁ ଗରିବ ହୋଇ ଚାଲିଛି।

**ଆମ ଶିକ୍ଷା :** ଆମ ବେଳର ଶିକ୍ଷା ଏବଂ ଆଜିର ଶିକ୍ଷା ଭିତରେ ବହୁତ ଭିନ୍ନତା ପରିଲିଖିତ ହୁଏ ପିଲାଙ୍କୁ ସ୍କୁଲ୍ ଆଉ କଲେଜରେ କହିବାକୁ ଓ କରିବାକୁ ସୁଯୋଗ ଦିଆଯାଉଛି କିନ୍ତୁ ସମ୍ବିଧାନକୁ ମାନିବା, ପ୍ରଶ୍ନ ପଚାରିବା ପାଇଁ ସାହସ ଜମାଇବା ପାଇଁ ଜଥେଷ୍ଟ ଆବଶ୍ୟକ ଅଛି। ଅନ୍ଧବିଶ୍ୱ ଠାରୁ ଦୁରେଇ ରହିବା ଏବଂ ବୈଜ୍ଞାନିକ ଚିନ୍ତାଧାରାର ଉଦ୍ଦେଗ କରିବା ଜରୁରୀ ଅଟେ। ଏହା ସହିତ ଧନ୍ଦା ମୂଳକ ଶିକ୍ଷାକୁ ଗୁରୁତ୍ୱ ଦେବା ସର୍ବୋ ପରି ତାକୁ ସମ୍ମାନ ଦେବା ଦେଶସର ଉତ୍ପାଦନ ଶକ୍ତି ବଢିବାରେ ସାହୟକ ହେବ। ଛାତ୍ର ଜୀବନରେ ହିଁ କର୍ମ ହିଁ ଧର୍ମ (work is workship)କୁ ପାଥେୟ କରିବା ଆବଶ୍ୟକ ଅଛି।

**ଆମ କୃଷି :** ଉତ୍ପାଦନ ବୃଦ୍ଧି ପାଇଁ ଆମେ ରାସାୟନିକ ସାର ବ୍ୟବହାର କରୁ କାରଣ ଆମର ଚାଷ ଜମୀ ଏବଂ କୃଷକ ସଂଖ୍ୟା କମିବାରେ ଲାଗିଛି ଏବଂ ଶିକ୍ଷା ଗ୍ରହଣ କଲାପରେ ଆମେ କିଣି ଖାଇବାକୁ ଭଲପାଉଛୁ, ଖଟିଖାଇବାକୁ ପସନ୍ଦ କରୁନାହୁଁ। ରାସାୟନିକ ସାର ବ୍ୟବହାର ଫଳରେ ବହୁତ ରୋଗ କିଣୁଛୁ ଏବଂ ବହୁମାତ୍ରାରେ ମେଡ଼ିକାଲ୍‌ରେ ଖର୍ଚ୍ଚ କରିବାପାଇଁ ବାଧ୍ୟ ହେଉଛୁ। ଅଥଚ ଦିନେ ବି ଆମେ ପ୍ରଶ୍ନ କରୁନାହୁଁ।

**ଆମ ଲେଖକ ଓ ଲେଖିକା :** ଇତିହାସ କୁହେ ମଧ୍ୟବିତ ଶ୍ରେଣୀର ବ୍ୟକ୍ତିମାନେ ବିଶେଷକରି ଲେଖକ ଓ ଲେଖିକା ସେମାନଙ୍କ ଲେଖା ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆସିଛି ଏବଂ ସେହି ଲେଖା ମାଧ୍ୟମରେ ଭବିଷ୍ୟତରେ ପରିବର୍ତ୍ତନ ମଧ୍ୟ ଆସିପାରିବ। ଆମର ଲେଖକ ଓ ଲେଖିକା ମାନେ ପରିବର୍ତ୍ତନ ପାଇଁ ଲେଖୁଛନ୍ତି ଏଥିରେ ସଂନ୍ଦେହ ନାହିଁ, କିନ୍ତୁ ବିଶେଷ ଭାବରେ ଇତିହାସ, ପୁରାଣ ଓ ପ୍ରାକୃତିକ ପରିବେଶକୁ ଭଲପାଆନ୍ତି। ପରପିଢିପାଇଁ ଯାହା ଭଲ ତାହାରି ଉପରେ ଯଥେଷ୍ଟ ଲେଖିବା ଅର୍ନିବାଯ୍ୟ।

ଗରିବକୁ ଆଉ ନିରବସ୍ରୋତା ଓ ନିରବଦ୍ରାଷ୍ଟା ନକରି ସେମାନଙ୍କ ପ୍ରାପ୍ୟ ପାଇବା ପାଇଁ ଆସନ୍ତୁ ଆମେ ଲେଖିବା ଲେଖେଇବା, ଶିଖାଇବା ଏବଂ ଯେଉଁ ଲେଖାଲେଖି ଆମେ ରାତିରେ ସୁନିଦ୍ରା ନେଉଛେ ତା ସହିତ ଗରିବ ମାନଙ୍କୁ ନିରବ ନରଖି ତାଙ୍କ ପେଟରେ ଦାନା ଦେଇ ସେମାନଙ୍କୁ ମଧ୍ୟ ରାତିରେ ସୁନିଦ୍ରା ଦେବାପାଇଁ ଚେଷ୍ଟା କରିବା ଆମର ଧେୟ। ଆମେ କିଛି ପରିବର୍ତ୍ତନର ନାରା ସୁଣାଇବା :

ଜାଗ ଦୁର୍ବଳ
ସୁଣ ସବଳ
ଛାଡ଼ କବଳ
ଆମକୁ ଦିଅ ରାସ୍ତା
ଆଉ ଭାବ ନାହିଁ
ଆମକୁ ଦୁର୍ବଳ
ଆମେ ତୁମ ସମକକ୍ଷ୍ୟ
ହେବୁ ନାହିଁ ନିରବ ଦ୍ରଷ୍ଟା
ଜୟ ହୀନ୍ଦ୍

*୬୫, ପାବନୀ କମ୍ପ୍ଲେକ୍ସ, ଜଗମୋହନ ନଗର, ଜାଗମରା, ଖଣ୍ଡଗିରୀ, ଭୁବନେଶ୍ୱର, ୭୫୧୦୩୦*
*ଦୂରଭାଷ : ୯୪୩୭୯୬୧୮୨୧*

# ଫେବୃଆରୀ ୧୫ରୁ ଆଦିବାସୀ ମେଳା

**ଭୁବନେଶ୍ୱର :** ତୋଗଲକୀ ଶାସନରେ ସୁଲତାନ ମହମ୍ମଦ ବିନ୍ ତୋଗଲକ ଯେଭଳି ନିଜର ରାଜଧାନୀକୁ ଦିଲ୍ଲୀରୁ ଦୌଲତାବାଦ ସ୍ଥାନାନ୍ତର କରି ପୁଣି ଦିଲ୍ଲୀକୁ ଫେରିଥିଲେ ଠିକ୍ ସେଭଳି ଅବସ୍ଥା ଏବେ ଓଡ଼ିଶା ସରକାରଙ୍କର। ବହୁ ବାଦବିବାଦ ଓ ବିରୋଧ ସତ୍ତ୍ୱେ ୨୦୧୮ ମସିହାରେ ବାର୍ଷିକ ଆଦିବାସୀ ମେଳାର ସ୍ଥାନକୁ ୟୁନିଟ-୧ ସ୍ଥିତ 'ଆଦିବାସୀ ପଡ଼ିଆ'ରୁ ୟୁନିଟ-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆକୁ ସ୍ଥାନାନ୍ତର କରିଥିବା ରାଜ୍ୟ ସରକାର ଚଳିତବର୍ଷ ପୁଣି 'ଆଦିବାସୀ ପଡ଼ିଆ'କୁ ଫେରିବେ। ଆଉ ସେଠାରେ ଆସନ୍ତା ଫେବୃୟାରୀ ୧୫ରୁ ୨୪ତାରିଖ ପର୍ଯ୍ୟନ୍ତ 'ଆଦିବାସୀ ମେଳା-୨୦୨୩' ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ଚଳିତବର୍ଷ ଫେବୃୟାରୀ ୧୫ରୁ ୨୪ତାରିଖ ପର୍ଯ୍ୟନ୍ତ ଆଦିବାସୀ ମେଳା ଆୟୋଜନ କରାଯିବ। ଏହି ମେଳା ଚଳିତବର୍ଷ ୟୁନିଟ-୧ ଆଦିବାସୀ ପଡ଼ିଆରେ ହେବ। ରାଜଧାନୀରେ ଆଦିବାସୀ ହାଟ ଭଳି ପରିବେଶ ସୃଷ୍ଟି କରୁଥିବା ଏହି ପଡ଼ିଆରେ ଗତ ୨୦୧୮ ମସିହା ପରଠୁ ଆଦିବାସୀ ମେଳା ହୋଇନାହିଁ। ରାଜ୍ୟ ସରକାର ଆଇନଶୃଙ୍ଖଳା ପରିସ୍ଥିତିର ଆଳ ଦେଖାଇ ଦୀର୍ଘ ୭ଦଶନ୍ଧି ଧରି ଚାଲି ଆସିଥିବା ଏହି ମେଳାର ସ୍ଥାନକୁ ପରିବର୍ତ୍ତନ କରିଦେଇଥିଲେ। ତେବେ ଚଳିତବର୍ଷ ରାଜ୍ୟ ସରକାରଙ୍କ ସଦବୁଦ୍ଧି ଉଦହ ହୋଇଛି ଓ ମେଳା ତା'ର ପୁରୁଣା ସ୍ଥାନରେ ହେବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୧୯୫୧ ମସିହାରୁ ଓଡ଼ିଶାରେ ବାର୍ଷିକ 'ଆଦିବାସୀ ମେଳା' ପାଳିତ ହେଉଥିବାବେଳେ ୧୯୫୪ ମସିହାରେ ଏହା ଭୁବନେଶ୍ୱରସ୍ଥିତ ୟୁନିଟ-୧ଠାରେ ଥିବା 'ଆଦିବାସୀ ପଡ଼ିଆ'ରେ ପାଳନ ହୋଇ ଆସୁଥିଲା। କିନ୍ତୁ ୨୦୧୮ ମସିହାରେ ରାଜ୍ୟ ସରକାର ଆଇନଶୃଙ୍ଖଳାର ଆଳ ଦେଖାଇ ଓ ଜିଦ୍ ଧରି ଏହି ମେଳାର ସ୍ଥାନ ପରିବର୍ତ୍ତନ କରିଥିଲେ। ଆଦିବାସୀ ପଡ଼ିଆରେ ଦୀର୍ଘ ଦଶନ୍ଧି ଧରି 'ଆଦିବାସୀ ମେଳା' ହେଉଥିବା ତଥା ସେହି ପଡ଼ିଆ ସହ ଆଦିବାସୀ ବର୍ଗର ଲୋକମାନଙ୍କ ଭାବଗତ ସମ୍ପର୍କ ରହିଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇନଥିଲେ। ଏପରିକି ସେତେବେଳେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା ସତ୍ତ୍ୱେ ନିଜ ଜିଦରେ ଅଟଳ ରହି ୨୦୧୮ ମସିହାର ଆଦିବାସୀ ମେଳାକୁ ୟୁନିଟ-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜନ କରିଥିଲେ। କରୋନା ମହାମାରୀ ସଂକ୍ରମଣର ଭୟ ଭିତରେ ବି ରାଜ୍ୟ ସରକାର ଗତବର୍ଷ ପ୍ରଦର୍ଶନୀ ପଡ଼ିଆରେ ଏପ୍ରିଲ ୨୩ରେ ଆଦିବାସୀ ମେଳାର ଆୟୋଜନ କରିଥିଲେ। ରାଜ୍ୟ ତଥା ଦେଶର ବିଭିନ୍ନ ଭାଗର ଆଦିବାସୀ ବର୍ଗର ଲୋକମାନଙ୍କୁ ନିଜର ପାରମ୍ପରିକ ସାମଗ୍ରୀ, ଜଙ୍ଗଲଜାତ ଦ୍ରବ୍ୟକୁ ବିକ୍ରି କରିବାର ପ୍ଲାଟଫର୍ମ ଦେବା ଓ ବିଶେଷକରି ଆଦିବାସୀ ଏସଏଚଜିମାନଙ୍କ ନିମନ୍ତେ ଏହି ମେଳା ବେଶ୍ ଫାଇଦା ହୋଇଥାଏ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପ୍ରତିବର୍ଷ ଜାନୁୟାରୀ ୨୬ତାରିଖରୁ ଏହି ଆଦିବାସୀ ମେଳା ଆରମ୍ଭ ହୋଇ ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଚାଲିଥାଏ। ପୂର୍ବରୁ ଏହା ୧୦ଦିନ ହେଉଥିବାବେଳେ କ୍ରମେ ଏହାକୁ ୧୫ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୧୭ - ୨୨ ଜାନୁଆରୀ, ୨୦୨୩





ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ଅନିଲ କୁମାର ପଟ୍ଟନାୟକ
ଆଡଭୋକେଟ
ଜିଲ୍ଲା ପ୍ରତିନିଧି, ଏକମାତ୍ର
ଭବାନୀପାଟଣା, କଳାହାଣ୍ଡି

ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ଶରତ ଚନ୍ଦ୍ର ସାହୁ
ଜୁନାଗଡ ପ୍ରତିନିଧି,ଏକମାତ୍ର

ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ବିମଳ କୁମାର ଯୋଶୀ
ସାମ୍ବାଦିକ
ଜିଲ୍ଲା ପ୍ରତିନିଧି, ଏକମାତ୍ର
ବଲାଙ୍ଗିର

ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ବିକାଶ କୁମାର ଧଳ
ସାମ୍ବାଦିକ ଓ ସମାଜସେବୀ
ଜିଲ୍ଲା ପ୍ରତିନିଧି, ଏକମାତ୍ର
ଭଦ୍ରକ

ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ଜ୍ୟୋତି ରଞ୍ଜନ ପଟ୍ଟନାୟକ
ଜିଲ୍ଲା ପ୍ରତିନିଧି, ଏକମାତ୍ର
ଜଗତସିଂହପୁର

ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ନିରୁପମା ରଣା
ସାମ୍ବାଦିକା ଓ ସମାଜସେବୀ
ଉଦଳା ପ୍ରତିନିଧି, ଏକମାତ୍ର
ଉଦଳା, ମୟୂରଭଞ୍ଜ

ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ସଞ୍ଜୟ କୁମାର ବେହେରା
ସିଟି ରିପୋର୍ଟର, ଏକମାତ୍ର
ଭବାନୀପାଟଣା

ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ରମେଶ ପ୍ରଧାନ
ସ୍ୱତନ୍ତ୍ର ପ୍ରତିନିଧି, ଏକମାତ୍ର
ଟିଟିଲାଗଡ ବ୍ଲକ, ବଲାଙ୍ଗିର

ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ବିଜୁ ସିଂ
ଜିଲ୍ଲା ପ୍ରତିନିଧି, ଏକମାତ୍ର
ମୟୂରଭଞ୍ଜ

ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ନରେନ୍ଦ୍ର କୁମାର ଦାଶ
ଲାଞ୍ଜିଗଡ ପ୍ରତିନିଧି, ଏକମାତ୍ର
କଳାହାଣ୍ଡି

ଏକମାତ୍ରର ୭ମ ସ୍ୱନକ୍ଷତ୍ର ଦିବସରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।




ବିଷ୍ଣୁ ପ୍ରସାଦ ଜେନା
ସାମ୍ବାଦିକ
କୋଣାର୍କ ପ୍ରତିନିଧି, ଏକମାତ୍ର
କୋଣାର୍କ, ପୁରୀ

# ମକର ସଂକ୍ରାନ୍ତି ଓ ମୟୂରଭଞ୍ଜର ଗଣପର୍ବ ଟୁସୁ







**ବାରିପଦା, (ବିଜୁ ସିଂ) :** ପବିତ୍ର ମକର ସଂକ୍ରାନ୍ତି ଏକ ସର୍ବଭାରତୀୟ ପର୍ବ ହୋଇଥିବାରୁ ସମଗ୍ର ଭାରତରେ ପର୍ବକୁ ସମସ୍ତେ ଆନନ୍ଦ ଉତ୍ସାହର ସହିତ ପାଳନ କରିଥାନ୍ତି । ମକର ସଂକ୍ରାନ୍ତିକୁ ପୋଙ୍ଗଲ, ଭୋଗି, ମାଘବିହୁ ଭାବେ ଭାରତର ବିଭିନ୍ନ ରାଜ୍ୟରେ ପାଳନ କରାଯାଇଥାଏ । ସୌର ଗଣନା ଅନୁସାରେ ମକର ସଂକ୍ରାନ୍ତିକୁ ମକର ମାସର ପ୍ରଥମ ଦିନ ଭାବେ ଗ୍ରାହଣ କରାଯାଏ । ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କ ସଂକ୍ରମଣ ବା ଗୋଟାଏ ରାଶିରୁ ଅନ୍ୟ ରାଶିକୁ ଚଳନ କରିବା ଦିନ ହୋଇଥିବା କାରଣରୁ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରିଥାନ୍ତି । ଏହି ଦିନଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ । ଏହି ସମୟରେ ପରଲୋକ ଗମନ କରୁଥିବା ବ୍ୟକ୍ତିମାନେ ସ୍ୱର୍ଗଲୋକ ପ୍ରାପ୍ତି ହେଉଥିବାର ବିଶ୍ୱାସ ରହିଛି । ପୁଣି ସଂକ୍ରାନ୍ତିର ପୁଣ୍ୟକାଳରେ ପ୍ରତ୍ୟୁଷରୁ ନଦୀ ପୋଖରୀରେ ସ୍ନାନାଦି ଶେଷ କରି ସୂର୍ଯ୍ୟଦେବଙ୍କୁ ଦର୍ଶନ କଲେ ସକଳ ପାପରୁ ମୁକ୍ତି ମିଳିଥାଏ । କିମ୍ବଦନ୍ତି ଅନୁସାରେ ଦେବୀ ସଂକ୍ରାନ୍ତି ଏହି ତିଥିରେ ଶଙ୍କରାସୁରଙ୍କୁ ବଧ କରିଥିଲେ । ମକର ସଂକ୍ରାନ୍ତି ଓ କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ପାଳିତ ହୋଇଆସୁଥିବା ଟୁସୁ ପର୍ବ ମୟୂରଭଞ୍ଜ ଜିଲାରେ ଏକ ଗଣପର୍ବ ଭାବେ ପାଳିତ ହୋଇଆସୁଛି । ପର୍ବଟି ମାଘ ମାସର ପ୍ରଥମ ଦିବସରୁ ଆରମ୍ଭ ହୋଇ ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଥାଏ । ଏହି ଅବସରରେ ଅରୁଆ ଚାଉଳ, ଛେନା, ଗୁଡ଼, ଘିଅ, ମହୁ, ନଡ଼ିଆ, କଦଳୀ, ଆଖୁ ଆଦିରେ ପ୍ରସ୍ତୁତ ମକର ଚାଉଳ ଗୃହ ଦେବତା ସହ ଧାନ ଖଳାରେ ଭୋଗଲାଗି ହେବା ପରେ ପରସ୍ପର ମଧ୍ୟରେ ବଣ୍ଟନ କରାଯାଇ ଥାଏ । ପର୍ବକୁ ୭ ଦିନ ବ୍ୟାପି ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇ ଆସୁଥିବା ସହିତ ଧାନ ଉତ୍ପାଦନ ପରେପରେ ଏହି ପର୍ବ ପାଳିତ ହେଉଥିବାରୁ କୃଷିକର୍ମରେ ବ୍ୟସ୍ତତା ଓ କ୍ଲାନ୍ତିରୁ ମୁକ୍ତି ନିମନ୍ତେ ଏହା ଏକ ପ୍ରକୋଷ୍ଠ ସମୟ ବୋଲି ବିବେଚନା କରାଯାଏ । ବିଶେଷ କରି ସଂକ୍ରାନ୍ତିଠାରୁ କୃଷକ ଓ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ ଶ୍ରେଣୀର ଜନସାଧାରଣ ନିଜକୁ ସମସ୍ତ ଜଞ୍ଜାଳ ଏବଂ ସାହୁକାରଙ୍କଠାରୁ ଦୂରେଇ ରଖିବା ଅନୁଭବକୁ ମନୋରଞ୍ଜନଧର୍ମୀ ନାଚଗୀତ ମାଧ୍ୟମରେ କିଛି ଦିନ ପାଇଁ ଭୂଲି ଯିବାକୁ ଶ୍ରେୟଃ ମଣନ୍ତି । ଜିଲ୍ଲାରେ ମକର ଆସିବା ପୂର୍ବରୁ ଗ୍ରାମାଞ୍ଚଳମାନଙ୍କରେ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦର ଲହରୀ ଦେଖାଦିଏ । ସାପ୍ତାହିକ ହାଟ ସହିତ ବିଭିନ୍ନ କୁକୁଡ଼ା ପାଡ଼ା ମାନଙ୍କରେ କୁକୁଡ଼ା ଲଢ଼େଇ, ପାରମ୍ପରିକ ଜୁଆଖେଳ, ନୂତନ ବସ୍ତ୍ର ପରିଧାନ ଓ ଆମିଷ ଭୋଜନର ମଜା ଉଠାଇଥାନ୍ତି । ଭାରତବର୍ଷର ବିଭିନ୍ନ ରାଜ୍ୟରେ ଏହି ପର୍ବ ପାଳିତ ହେଉଥିବା ବେଳେ ଆମ ରାଜ୍ୟ ଓଡ଼ିଶାରେ ମକର ସଂକ୍ରାନ୍ତକୁ ଏକ ଧର୍ମ ଓ କୃଷି ଭିତ୍ତିକ ପର୍ବ ଭାବେ ପାଳନ କରାଯାଇ ଆସୁଥିବା ସମୟରେ ମୟୂରଭଞ୍ଜ ଜିଲ୍ଲାରେ କୁଡୁମୀ ମହାନ୍ତ ସମ୍ପ୍ରଦାୟ ପକ୍ଷରୁ ମକରକୁ ସତ୍ୟ, ଧର୍ମ ଓ ଆତ୍ମ ବିସର୍ଜନର ଦିବସ ଟୁସୁ ପର୍ବ ଭାବେ ପାଳନ କରାଯାଇଆସୁଛି । ଏହି ପର୍ବ ଅବସରରେ କୁଡୁମୀ ସମ୍ପ୍ରଦାୟ ସହିତ ଅନ୍ୟ କେତେକ ସମ୍ପ୍ରଦାୟର ସମସ୍ତ ଜନସାଧାରଣ ନୂତନ ବସ୍ତ୍ର ପରିଧାନ କରିବାର ପରମ୍ପରା ରହିଆସିଛି । ପର୍ବକୁ ଅତି ଆନନ୍ଦ ଉଲ୍ଲାସର ସହକାରେ ପାଳନ କରିବା ନିମନ୍ତେ ଅର୍ଥ ଅଭାବରୁ ନିଜର ଚାଷ ଜମି ଆସବାପତ୍ର ଓ ଗହଣାଗାଣ୍ଠିକୁ ସାହୁକାରଙ୍କ ନିକଟରେ ବନ୍ଧକ ଦେବାକୁ ପଛେଇଯାଇ ନ ଥିବାର ଶୁଣିବାକୁ ମିଳିଥାଏ । ପର୍ବର ପାଳନକୁ ନେଇ ଏକ ଐତିହାସିକ ପୃଷ୍ଠଭୂମି ରହିଆସିଛି ଓ ଏହା ଏକ ହୃଦୟ ବିଦାରକ , ଅତ୍ୟନ୍ତ ଦାରୁଣ ଓ କରୁଣ ଘଟଣାବଳୀ । ସମାଜରେ ରହି ଆସିଥିବା ଲୋକକଥା ଅନୁସାରେ ଉତ୍ତରପ୍ରଦେଶର ପଞ୍ଚକୋଟ କାଶୀ ରାଜ୍ୟରେ ବୀରବଲ ସିଂହ ନାମରେ ଏକ କୁର୍ମୀ ରାଜା ରାଜତ୍ୱ କରୁଥିଲେ । ତାଙ୍କର ତୁସ୍ମନୀ ନାମ୍ନୀ ଅନିନ୍ଦ୍ୟ ସୁନ୍ଦରୀ ରାଜକୁମାରୀ ରହିଥିଲେ । ସେହି ସମୟରେ ଭାରତବର୍ଷକୁ ମୁସଲମାନ ସମ୍ପ୍ରଦାୟ ଶାସନ କରୁଥିଲେ ଏବଂ ସେମାନଙ୍କର ଅତ୍ୟାଚାରରେ ହିନ୍ଦୁମାନେ ଭିତତ୍ରସ୍ତ ଅବସ୍ଥାରେ କାଳାତୀପାତ କରିଆସୁଥିଲେ । କିନ୍ତୁ କୁର୍ମୀରାଜା ବୀରବଲ ଜଣେ ପ୍ରବଳ ପ୍ରତାପୀ ଓ ସାହାସୀ ଯୁଦ୍ଧା ଭାବରେ ଖ୍ୟାତି ଲାଭ କରିଥିଲେ । ତତ୍କାଳୀନ ଦିଲ୍ଲୀର ସୁଲତାନଙ୍କ ଲୁଲୁପ ଦୃଷ୍ଟି ରାଜକୁମାରୀ ତୁସ୍ମନୀ ଉପରେ ପଡ଼ିଥିଲା ଓ ତାଙ୍କୁ ପାଇବା ପାଇଁ ବ୍ୟଗ୍ର ହୋଇ ଉଠିଥିଲେ । ଫଳରେ କଳେବଳେ କୌଶଳରେ ତୁସ୍ମନୀଙ୍କୁ ଅପହରଣ କରାଇ ନେବାକୁ ତାଙ୍କର ସୈନ୍ୟସାମନ୍ତମାନଙ୍କୁ ଆଦେଶ ଦେବା ପରେ ରାଜା ବିରବଲ୍ ନିଜର ପ୍ରଜାମାନଙ୍କ ସହିତ ରାଜ୍ୟ ଛାଡ଼ିବାର ନିଷ୍ପତ୍ତି ନେଇ ତୁସ୍ମନୀକୁ ଧରି ପଳାଇ ଯାଉଥିବା ବେଳେ ସୁଲତାନଙ୍କ ସୈନ୍ୟସାମନ୍ତ ଏହା ଜାଣି ପିଛା କରିଥିଲେ । ଶେଷରେ ତୁସ୍ମନୀକୁ ସୈନ୍ୟମାନେ ଅପହଣ କରି ସୁଲତାନ ଆଲ୍ଲାଉଦ୍ଦିନ ଖିଲିଜଙ୍କ ନିକଟକୁ ନେଇ ଯାଉଥିବା ବେଳେ ରାସ୍ତାରେ ଗଙ୍ଗାନଦୀର ବିସ୍ତୃତ ବାଲୁକା ଶଯ୍ୟାରେ ସୈନ୍ୟମାନଙ୍କର ଘୋଡ଼ା ଦୌଡ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରାଇଥିଲା । ଏହାର ସୁଯୋଗ ନେଇ କୌଶଳ କ୍ରମେ ସୈନ୍ୟମାନଙ୍କ ନିକଟରୁ ଖସିଯାଇ ନିଜର ସତୀତ୍ୱ ରକ୍ଷା ଉଦ୍ଦେଶ୍ୟରେ ନଦୀ ଗର୍ଭକୁ ଠିକ୍ ମକର ସଂକ୍ରାନ୍ତି ଦିନ ଆତ୍ମ ବିସର୍ଜନ ଦେଇଥିଲେ । ତେଣୁ ଏହି କୁଡୁମୀ ସମ୍ପ୍ରଦାୟର କୁମାରୀ କନ୍ୟାମାନେ ତୁସ୍ମନୀଙ୍କ ମୂର୍ତ୍ତିକୁ ତ୍ୟାଗ ଓ ଆତ୍ମବିସର୍ଜନର ମୂର୍ତ୍ତିମନ୍ତ ଦେବୀ ଭାବେ ବିବେଚନା କରି ପୂଜାର୍ଚ୍ଚନା କରିଥାନ୍ତି ଏବଂ ମକର ସଂକ୍ରାନ୍ତି ଦିନ ତାଙ୍କ ସ୍ମୃତିରେ ନଦୀ ଗର୍ଭରେ ଭକ୍ତି ନୈବେଦ୍ୟର ଅର୍ଘ୍ୟ ଅର୍ପଣକରି ଆସୁଛନ୍ତି । କିନ୍ତୁ ଏହାର ପୂଜା ପଦ୍ଧତି ସମ୍ପୂର୍ଣ୍ଣ ଭାବେ ନିଆରା । ବିଧି ଅନୁସାରେ କେବଳ କୁଡୁମୀ ମହାନ୍ତ ସମ୍ପ୍ରଦାୟର କୁମାରୀ କନ୍ୟାମାନେ କେବଳ ଦଳବଦ୍ଧ ଭାବେ ପାଳନ କରିଥାନ୍ତି । ପ୍ରତି ଦଳରେ ୪ରୁ ଅଧିକ କୁମାରୀ କନ୍ୟା ଯୋଗ ଦେଇ ସଂକ୍ରାନ୍ତିର ୭ ଦିନ ପୂର୍ବରୁ ଜଣଙ୍କ ଘରେ ନୂଆ ଖଟୁଲିରେ ଟୁସୁ ଦେବୀଙ୍କ ପ୍ରତିମାକୁ ସ୍ଥାପନ କରିଥାନ୍ତି । ପୁରାଣ ତଥା ଐତିହାସିକ ଗାଥା ଉପରେ ଅଧାରିତ ବିଭିନ୍ନ ସଙ୍ଗୀତକୁ ସମ୍ମିଳିତ ସ୍ୱରରେ ଗାନ କରନ୍ତି । ଠିକ୍ ସଂକ୍ରାନ୍ତିର ପୂର୍ବ ଦିନରେ କୁମାରୀ କନ୍ୟାମାନଙ୍କର ଦଳ ଟୁସୁ ଦେବୀଙ୍କୁ ଘରକୁ ଘର ନେଇ ଅଭ୍ୟର୍ଥନା କରାଇଥାନ୍ତି । ଏହି ସମୟରେ ବିଭିନ୍ନ ଉପଢ଼ୌକନ ଅଥବା ଉପହାରମାନ ପ୍ରଦାନ କରାଯାଉ ଥିବାର ଲକ୍ଷ୍ୟ କରାଯାଏ । ସାନ ଭଉଣୀର ଆଦରରେ ବୟସ୍କ ରମଣୀମାନେ କନ୍ୟା ଭାବେ ଶଙ୍ଖୋଳି ନେଉଥିବା ବେଳେ ନବ ବଧୂ ଓ ବୟସ୍କା ରମଣୀମାନେ ପିୟ ସଙ୍ଗିନୀ ଭାବେ ସମ୍ମାନ ଦେଇଥାନ୍ତି । ଏହି ଦିବସର ରାତିରେ ବ୍ରତଧାରୀ କନ୍ୟାମାନେ ମକର ଚାଉଳ ତଥା ପିଠାପଣା ସମର୍ପି ଟୁସୁ ଦେବୀଙ୍କୁ ପୂଜାର୍ଚ୍ଚନା କରନ୍ତି ଏବଂ ସାରା ରାତି ଅନିଦ୍ରା ରହି ପାରମ୍ପରିକ ଗୀତ ଓ ନୃତ୍ୟରେ ନିଜକୁ ହଜାଇ ଦେଇଥାନ୍ତି । ସଂକ୍ରାନ୍ତି ଦିନ ସମ୍ପୂର୍ଣ୍ଣ ଉପବାସ ଧାରଣ ପୂର୍ବକ ଟୁସୁ ପ୍ରତିମାକୁ ନିକଟସ୍ଥ ନଦୀ ଅଥବା ପୁଷ୍କରଣୀରେ ବିସର୍ଜନ କରାଇଥାନ୍ତି । ଏହି ବସର୍ଜନ ପର୍ବ ମଧ୍ୟ ନିଆରା ଢ଼ଙ୍ଗରେ ସମାପନ କରାଯାଇ ଥାଏ । ଆବାଳ-ବୃଦ୍ଧ-ବନୀତା ଏହି ବିସର୍ଜନ ପର୍ବର ଚିତାକର୍ଷକ ଦୃଶ୍ୟକୁ ଭରପୁର ଉପଭୋଗ କରିବା ସଂଗେସଂଗେ ନୃତ୍ୟଗୀତର ତାଳେତାଳେ ଝୁମି ଥାନ୍ତି । ନଦୀରେ ଦେବୀଙ୍କୁ ବିସର୍ଜନ କରାଯାଉଥିବା ବେଳେ ମାତୃସ୍ଥାନୀୟ ମହିଳାମାନେ ଦେବୀଙ୍କୁ ଶେଷ ଶ୍ରଦ୍ଧା ପ୍ରଦର୍ଶନ ପୂର୍ବକ ଅତୀତର ଆତ୍ମ ବିସର୍ଜନର ଗାଥାକୁ ଗାନ ପୂର୍ବକ ବାହୁନିବାର ଲକ୍ଷ୍ୟ କରାଯାଇ ଥାଏ । ମାତ୍ର ଏହି ସମୟରେ ବ୍ରତଧାରୀ କନ୍ୟାମାନେ ବୀରହାତ୍ମକ ଗୀତ ଗାନ କରି ଟୁସୁଙ୍କୁ ବିସର୍ଜନ କଲା ବେଳର ପରିବେଶ ଯେମିତି ସ୍ତବ୍ଧ ହୋଇଗଲା ଭଳି ଲାଗିଥାଏ । ପର୍ବର ପରିସମାପ୍ତି ପରେ ସମସ୍ତେ ଘରକୁ ଫେରିଥାନ୍ତି ଓ ଘରର ମୁରବୀମାନେ ଦିବସ ପାଳନର ଐତିହ୍ୟ , ମୂଲ୍ୟବୋଧ ତାତ୍ୱିକ ଦିଗଉପରେ ପରିବାରର ଅନ୍ୟ ସଦସ୍ୟଙ୍କୁ ଅବଗତ କରାଇଥାନ୍ତି ।



PLOT FOR SALE
MOUZA:BHOLA
N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286





PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ଅସ୍ତରଙ୍ଗ ବନାଞ୍ଚଳରେ ପକ୍ଷୀ ଗଣନା



**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳରେ ପକ୍ଷୀ ଗଣନା ପକ୍ରିୟା ଆରମ୍ଭ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତଥର ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିନ ଦେବୀ ନଦୀ ମୁହାଣ ସଂଲଗ୍ନ ଲୁଣା ଜଙ୍ଗଲ ବା ହେନ୍ତାଳ ଜଙ୍ଗଲରେ ବିଦେଶାଗତ ପକ୍ଷୀଙ୍କର ସମାଗମ ଦେଖିବାକୁ ମିଳିଛି । ପ୍ରତିବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ ରାଜ୍ୟ ସରକାରଙ୍କ ତରଫରୁ ସାରା ଓଡିଶାରେ ପକ୍ଷୀ ଗଣନା କରାଯାଏ । ଏହି ଆଧାରରେ ପୁରୀ ବନାଞ୍ଚଳ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଡକ୍ଟର ରାମସ୍ୱାମୀ. ପିଙ୍କ ନିର୍ଦ୍ଦେଶକ୍ରମେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ବିଚିତ୍ରାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ୧୬ ଜଣ ତାଲିମପ୍ରାପ୍ତ ବିଭାଗୀୟ ପଦାଧିକାରୀଙ୍କୁ ନେଇ ୫ଗୋଟି ଦଳ ପକ୍ଷୀ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ । ବୁଧବାର ଦିନ ସକାଳ ୬ ଟାରୁ ଦିନ ୧୨ ଟା ପର୍ଯ୍ୟନ୍ତ ପୀରଜାହାନିଆ ଠାରୁ କେଉଟଜଙ୍ଗା ଓ କେଲୁଣୀ ମୁହାଣ, ଗଙ୍ଗାଦେବୀ ଠାରୁ ପାଟସୁନ୍ଦରପୁର, କଣମଣ ଓ ଦେବୀନାସି ପର୍ଯ୍ୟନ୍ତ ବିଦେଶାଗତ ପକ୍ଷୀମାନଙ୍କୁ ଗଣନା କରାଯାଇଥିଲା । ସୂଚନା ମୁତାବକ ପକ୍ଷୀ ଗଣନାକାରୀ ମଧ୍ୟରୁ ୨ଟି ଟିମ୍ ଜଙ୍ଗଲ ମଧ୍ୟରେ ପକ୍ଷୀ ମାନଙ୍କୁ ଅନୁଧ୍ୟାନ କରୁଥିବା ବେଳେ ୩ଟି ଟିମ୍ ନଦୀ ଜଳରାଶିରେ ଯନ୍ତ୍ରଚାଳିତ ଡଙ୍ଗା ଯୋଗେ ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ ଥିଲେ । ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ଆନୁମାନିକ ୧୨ ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ ରହିଥିବା ନେଇ ବନପାଳ ବିରଜା ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି । ଏହି ଗଣନା କାର୍ଯ୍ୟରେ ବନପାଳ ବିରଜା ପ୍ରସାଦ ମହାପାତ୍ର, ଇଂ ସବିର କୁମାର ସାହୁ, ସ୍ୱପନେଶ୍ୱର ଜାଲ୍‌ଙ୍କ ସହିତ ବନରକ୍ଷୀ ଭାବଗ୍ରାହୀ ସେଠୀ ଦିଲ୍ଲିପ କୁମାର ନାୟକଙ୍କ ସମେତ ଅନ୍ୟ ବନ ସୁରକ୍ଷା କର୍ମୀମାନେ ନିୟୋଜିତ ଥିଲେ ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି